BHI- 4
Block-4

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University
Sambalpur

# ସ୍ନାତକ କଳା (ସମ୍ମାନ)

# ଇତିହାସ (BAHI)

ପ୍ରଧାନ ପାଠ୍ୟକ୍ରମ- ୪

## ମଧ୍ୟଯୁଗୀୟ ବିଶ୍ୱ:
## ସାମାଜିକ ବିନ୍ୟାସ ଓ ସାଂସ୍କୃତିକ ଢାଞ୍ଚା

## କେନ୍ଦ୍ରୀୟ ଇସଲାମୀୟ ଭୂମିର ସମାଜ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ)

## ପ୍ରଧାନ ପାଠ୍ୟକ୍ରମ- ୪

## ଇତିହାସ (BAHI)

# BAHI-04

## ମଧ୍ୟଯୁଗୀୟ ବିଶ୍ୱ:

## ସାମାଜିକ ବିନ୍ୟାସ ଓ ସାଂସ୍କୃତିକ ଢାଞ୍ଚା

## ବ୍ଲକ୍- ୪

## କେନ୍ଦ୍ରୀୟ ଇସଲାମୀୟ ଭୂମିର ସମାଜ

---

ଏକାଦଶ ଏକକ- ଜନଜାତୀୟ ପୃଷ୍ଠଭୂମି, ଇସଲାମର ଉଦୟ; ସୁଲତାନୀ ଶାସନର ଅଭ୍ୟୁଦୟ

---

ଦ୍ୱାଦଶ ଏକକ- ଧାର୍ମିକ ବିକାଶ: ସରିଆର ଉଦ୍ଭବ

---

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସ୍ନାତକ (ସମ୍ମାନ) କାର୍ଯ୍ୟକ୍ରମ

Core Course HISTORY (BAHI)-4- Odia

ପ୍ରଧାନ ପାଠ୍ୟକ୍ରମ ଇତିହାସ –୪- ଓଡ଼ିଆ

**ଦ୍ୱିତୀୟ ପର୍ଯ୍ୟାୟ (Semester – II)**

**ପାଠ୍ୟକ୍ରମ – ୪ / ବ୍ଲକ୍ - ୪:**

ମଧ୍ୟଯୁଗୀୟ ବିଶ୍ୱ: କେନ୍ଦ୍ରୀୟ ଇସଲାମୀୟ ଭୂମିର ସମାଜ

**ପ୍ରଥମ ପ୍ରକାଶ: ୨୦୨୦**

**ମୂଳ ଇଂରାଜୀ ପାଠ:**

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ

କୃଷ୍ଣକାନ୍ତ ହାଣ୍ଡିକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଗୁଆହାଟୀ

**ଓଡ଼ିଆ ଅନୁବାଦ:**

ପ୍ରାଧ୍ୟାପକ ଡ. କାହ୍ନୁଚରଣ ପାଢ଼ୀ,

ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ, ବ୍ରହ୍ମପୁର

**ସମୀକ୍ଷା ଓ ଭାଷା ସମ୍ପାଦନା:**

ପୁଷ୍ପାଞ୍ଜଳୀ ପାଢ଼ୀ, ଗବେଷଣା ନିର୍ଦ୍ଦେଶକ,

ସାମାଜିକ ସାଂସ୍କୃତିକ ଗବେଷଣା ପ୍ରବର୍ତ୍ତନ ବିଦ୍ୟାଳୟ (SSCRI), ବ୍ରହ୍ମପୁର

**ଡିଟିପି ଓ ଅଳଂକରଣ:**

ଶରତ ଚନ୍ଦ୍ର ସାହୁ, ରାମ ନଗର, ବ୍ରହ୍ମପୁର

**ସଂଯୋଜକ:**

ପ୍ରଫେସର ଡକ୍ଟର ପତିତ ପାବନ ମିଶ୍ର, ବରିଷ୍ଠ ଶୈକ୍ଷିକ ପରାମର୍ଶଦାତା,

ଇତିହାସ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ପ୍ରକାଶକ:**

**ଡକ୍ଟର ମାନସ ରଞ୍ଜନ ପୂଜାରୀ,**

କୁଳସଚିବ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

# ଏକାଦଶ ଏକକ: ଜନଜାତୀୟ ପୃଷ୍ଠଭୂମି, ଇସଲାମର ଉଦୟ; ସୁଲତାନୀ ଶାସନର ଅଭ୍ୟୁଦୟ

**ବିଷୟ ଗଠନ:**


୧୧.୦ ପଠନର ଉଦ୍ଦେଶ୍ୟ

୧୧.୧ ଉପକ୍ରମ

୧୧.୨ ଇସଲାମ ଆଗମନ ପୂର୍ବବର୍ତ୍ତୀ ଆରବ ଜଗତ ଓ ଏହାର ପରିପାର୍ଶ୍ୱ

୧୧.୩ ଇସଲାମର ଉଦୟ

୧୧.୩.୧ ପୈଗମ୍ବର ଓ ତାଙ୍କ ସନ୍ଦେଶ

୧୧.୩.୨ ଇସଲାମୀୟ ରାଷ୍ଟ୍ର ପ୍ରତିଷ୍ଠା

୧୧.୩.୩ ସାମାଜିକ ପରିବର୍ତ୍ତନ

୧୧.୪ ପ୍ରଥମ ଚାରି ଖଲିଫାଙ୍କ ଶାସନ

୧୧.୪.୧ ଅବୁ ବକ୍ର (ଖ୍ରୀ.୬୩୨-୬୩୪)

୧୧.୪.୨ ଉମର (ଖ୍ରୀ.୬୩୪-୬୪୪)

୧୧.୪.୩ ଉସମାନ (ଖ୍ରୀ.୬୪୪-୬୫୬)

୧୧.୪.୪ ଅଲି (ଖ୍ରୀ.୬୫୬-୬୬୧)

୧୧.୫ ଉମାୟୟୀ ଖଲିଫାତନ୍ତ୍ର

୧୧.୫.୧ ମୁଆୱିୟୟା ଓ ବଂଶଗତ ଶାସନ

୧୧.୫.୨ ଉମାୟୟୀମାନଙ୍କ ଅନ୍ତ

୧୧.୬ ଅବ୍ବାସୀ ଖଲିଫାତନ୍ତ୍ର

୧୧.୭ ସାରାଂଶ

୧୧.୮ ସୂଚକ ଶବ୍ଦାବଳୀ

୧୧.୯ ପ୍ରଗତି ପରିମାପକ ଉତ୍ତର

୧୧.୧୦ ପରବର୍ତ୍ତୀ ପଠନ

## ୧୧.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ପ୍ରାକ୍-ଇସଲାମୀୟ କାଳରେ ଆରବର ସାମାଜିକ, ରାଜନୀତିକ ଓ ଧାର୍ମିକ ଅବସ୍ଥା
- ଇସଲାମର ଉଦୟ ଓ ପ୍ରସାର ସହ ଘଟିଥିବା ସାମାଜିକ ପରିବର୍ତ୍ତନ
- ଇସଲାମର ବିକାଶରେ ପ୍ରଥମ ଚାରି ଖଲିଫାଙ୍କ ଭୂମିକା
- ଉମାୟୟୀ ଓ ଅବ୍‌ବାସୀ ଖଲିଫାତନ୍ତ୍ର ସହ ସୁଲତାନୀ ଶାସନର ପ୍ରାରମ୍ଭ

## ୧୧.୧ ଉପକ୍ରମ

ଖ୍ରୀ.୭ମ ଶତାବ୍ଦୀର ଆଦ୍ୟ ଭାଗରେ ବାଇଜାଣ୍ଟାଇନ ସାମ୍ରାଜ୍ୟ ଚରମ ବିନ୍ଦୁରେ ଉପନୀତ ହେବା ବେଳକୁ ଏହାର ପଡ଼ୋଶୀ ଆରବ ଜଗତରେ ଏକ ପ୍ରମୁଖ ଶକ୍ତିର ଅଭ୍ୟୁଦୟ ଘଟୁଥିଲା । ଏ ନୂତନ ଶକ୍ତିର ମୂଳ ଥିଲା ସାଉଦି ଆରବ ଏବଂ ଏହାର ପ୍ରେରଣା ଏକ ନୂତନ ଧର୍ମ ଇସଲାମ । ସମଗ୍ର ୭ମ ଶତାବ୍ଦୀରେ ଆରବ ଭିତରେ ଓ ବାହାରେ ଇସଲାମୀ ରାଷ୍ଟ୍ରର ବିପୁଳ ଆଞ୍ଚଳିକ ସମ୍ପ୍ରସାରଣ ଘଟିଥିଲା । ସେମାନେ ଇରାକ, ସିରିଆ, ପାଲେଷ୍ଟାଇନ, ଇଜିପ୍ଟ, ଖୁରାସାନ ସମେତ ଇରାନ ଜୟ କରିଥିଲେ ଏବଂ ସ୍ପେନରୁ ଚୀନ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲେ । ବାଇଜାଣ୍ଟାଇନ ସାମ୍ରାଜ୍ୟ ସିରିଆ, ପାଲେଷ୍ଟାଇନ ଓ ଇଜିପ୍ଟ ହରାଇଥିବା ବେଳେ ସସ୍‌ସାନୀ ସାମ୍ରାଜ୍ୟ ସମ୍ପୂର୍ଣ୍ଣ ପରାଭୂତ ହୋଇଥିଲା ।

ଏଇ ଏକକରେ ଇସଲାମର ଉଦୟ ଓ ବିସ୍ତାର ପୂର୍ବବର୍ତ୍ତୀ ଆରବ ଏବଂ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ସମାଜ, ରାଷ୍ଟ୍ର ତଥା ଧର୍ମ ସହ ଆମେ ଆପଣଙ୍କୁ ପରିଚିତ କରାଇବୁ । ଇସଲାମର ଉଦୟ ଓ ଇସଲାମୀ ରାଷ୍ଟ୍ର ପ୍ରତିଷ୍ଠାର ଏକ ବିବରଣୀ ଏହାକୁ ଅନୁସରଣ କରିବ । ଇସଲାମର ଆଗମନ ଏକ ଜନଜାତୀୟ ସମାଜ ଓ ଶାସନତନ୍ତ୍ରର ରୂପାନ୍ତରଣ କିଭଳି ଘଟାଇଲା ତାହା ଆମେ ଆଲୋଚନା କରିବୁ । ପୈଗମ୍ବର ମହମ୍ମଦଙ୍କ ଦେହାବସାନ ପରେ ଖଲିଫା ଅନୁଷ୍ଠାନ ଅସ୍ତିତ୍ୱକୁ ଆସିଲା । ଖଲିଫା ଥିଲେ ଇସଲାମୀୟ ରାଷ୍ଟ୍ରର ମୁଖ୍ୟ । ଇସଲାମରେ ସ୍ୱତନ୍ତ୍ର ପୌରୋହିତ୍ୟର ଅନୁପସ୍ଥିତି ଦୃଷ୍ଟିରୁ ଧାର୍ମିକ କର୍ତ୍ତୃତ୍ୱ

ମଧ୍ୟ ତାଙ୍କ ଠାରେ ନ୍ୟସ୍ତ ଥିଲା । ପ୍ରଥମ ଚାରି ଖଲିଫାଙ୍କ ସମୟ ସମେତ ସେମାନଙ୍କ ଶାସନକୁ ଅନୁସରଣ କରିଥିବା ଦୁଇ ପ୍ରଧାନ ବଂଶ ଉମାୟୟୀ ଓ ଅବ୍ବାସୀଙ୍କ ସମ୍ବନ୍ଧରେ ମଧ୍ୟ ଆମେ ଆଲୋଚନା କରିବୁ । ସମାଜ, ଧର୍ମ ଓ ରାଷ୍ଟ୍ର ସମ୍ବନ୍ଧରେ ଏକ ସ୍ୱତନ୍ତ୍ର ଆଲୋଚନା ପରିବର୍ତ୍ତେ ଅବ୍ବାସୀମାନଙ୍କ ପର୍ଯ୍ୟନ୍ତ ଖଲିଫାତନ୍ତ୍ରର ଇତିହାସ ସହ ଏହାକୁ ଏକାଠି ଆଲୋଚନା କରିବୁ ।

## ୧୧.୨ ଇସଲାମ ଆଗମନ ପୂର୍ବବର୍ତ୍ତୀ ଆରବ ଜଗତ ଓ ଏହାର ପରିପାର୍ଶ୍ୱ

ପ୍ରାକ୍-ଇସଲାମୀୟ ଜଗତର ସଂକ୍ଷିପ୍ତ ଚିତ୍ର ଉପସ୍ଥାପନ ପାଇଁ ସର୍ବାଧିକ ପ୍ରଶସ୍ତ ପଦବନ୍ଧ ସମ୍ଭବତଃ 'ହତୋତ୍ସାହ ସ୍ଥିତି' । ସମଗ୍ର ଜଗତ ମୂର୍ତ୍ତିପୂଜା, ଜାଙ୍ଗଲିକତା, ଭ୍ରଷ୍ଟାଚାର, ଅରାଜକତା ଓ ଅପର ଅନୈତିକ ଆଚରଣର ଦୃଢ଼ ମୁଷ୍ଟିରେ ଆବଦ୍ଧ ଥିଲା । ପ୍ରତ୍ୟେକ ଧର୍ମରେ ପୀଡ଼ନ ଓ ସ୍ୱେଚ୍ଛାଚାର ଚରମକୁ ସ୍ପର୍ଶ କରିଥିଲା । ଧନିକଙ୍କ ଦ୍ୱାରା ଗରିବମାନେ ଥିଲେ ପଦଦଳିତ ଓ ଅତ୍ୟାଚାରିତ । ଅମାନୁଷିକତାର ଅଭିଶାପରେ ମାନବିକତା ଦୀର୍ଘଶ୍ୱାସ ଛାଡୁଥିଲା । ଅପ୍ରତ୍ୟାଶିତ ଭାବେ ଇସଲାମର ଅଚାନକ ଆବିର୍ଭାବ ବେଳକୁ ଆରବ ଜଗତ ଏଭଳି ଭୟଙ୍କର ଦୁଃସ୍ୱପ୍ନ ତଳେ ଚାପିହୋଇ ଗର୍ଜନ ଛାଡୁଥିଲା ।

ମହମ୍ମଦଙ୍କ ଆଗମନ ପୂର୍ବବର୍ତ୍ତୀ କାଳ କୁରାନରେ ଦୁଇଟି ସାରବାନ ଶବ୍ଦରେ 'ଅନ୍ଧକାର ଯୁଗ' ରୂପେ ସଂକ୍ଷେପରେ ଅଭିହିତ ହୋଇଛି । ବସ୍ତୁତଃ ସମଗ୍ର ଆରବ ସମ୍ପୂର୍ଣ୍ଣ ସ୍ୱାଧୀନତା ଉପଭୋଗ କରୁଥିଲା । ବାଇଜାଣ୍ଟାଇନ ସାମ୍ରାଜ୍ୟ ଓ ଇରାନ ଆରବମାନଙ୍କ ଉପରେ ଦୃଷ୍ଟିପାତ ହିଁ କରୁ ନ ଥିଲେ । କାରଣ ସେମାନଙ୍କ ବିଚାରରେ ଆରବମାନେ ଥିଲେ ବର୍ବର, ଦରିଦ୍ର ଓ ବୁଭୁକ୍ଷୁ । ଉପଦ୍ୱୀପରେ ଆଇନ ଶୃଙ୍ଖଳା ପ୍ରବର୍ତ୍ତନ ପାଇଁ କୌଣସି କେନ୍ଦ୍ରୀୟ ଶାସନ ନ ଥିଲା । ସମଗ୍ର ଆରବ ଅସଂଖ୍ୟ କ୍ଷୁଦ୍ର ରାଜ୍ୟରେ ବିଭକ୍ତ ଥିଲା । ପ୍ରତ୍ୟେକ କୁଟୁମ୍ବ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଓ ସ୍ୱାଧୀନ ରାଜନୀତିକ ଏକକ ଗଠନ କରିଥିଲେ । ପ୍ରତ୍ୟେକ ଜନଜାତିର ନିଜର ଜଣେ ମୁଖିଆ ରହିଥିଲେ । ନିଜ ଅଧିକାରର ସୁରକ୍ଷା ପାଇଁ ଶତ୍ରୁଭାବାପନ୍ନ ଜନଜାତି ବିରୋଧରେ ସେ ଯୁଦ୍ଧର ନେତୃତ୍ୱ କରୁଥିଲେ । ଜନଜାତୀୟ ପୂର୍ବାଗ୍ରହ ଥିଲା

ସାଧାରଣ । ସାମନ୍ୟ ଘଟଣାରୁ ପୁରୁଷ ପୁରୁଷ ବ୍ୟାପୀ ତିକ୍ତ ବୈର ସୃଷ୍ଟି ହେଉଥିଲା । କିନ୍ତୁ ଏକ ଜାତି ରୂପେ ଜନଜାତିଙ୍କୁ ବାନ୍ଧି ରଖିବା ପାଇଁ ଆଇନ ବୋଲି କିଛି ନ ଥିଲା । ଏହିପରି ସମଗ୍ର ଉପଦ୍ୱୀପ ଥିଲା ଏକ ବିରୁଡ଼ି ବସା ।

ଦୁରାରୋହ ଅନୈତିକତା ହେତୁ ଆରବମାନଙ୍କ ସାମାଜିକ ସ୍ଥିତି ଥିଲା ଶୋଚନୀୟ । ମାନବ ବଳିର ପ୍ରଚଳନ ଥିଲା ସାଧାରଣ । ପ୍ରାଚୀନ ଆରବ ସାହିତ୍ୟ ମଦ୍ୟ ଓ ଅପର ତୀବ୍ର ପାନୀୟର ଅଭିବ୍ୟକ୍ତି ସଂଜାତ ଦୁର୍ଗନ୍ଧର ପରିପୂର୍ଣ୍ଣ ଆକର । ମାତାଲ ଅବସ୍ଥାରେ ସମଗ୍ର ସମାବେଶ ସର୍ବାଧିକ ଲଜ୍ଜାଜନକ ବ୍ୟସନ କର୍ମ ଓ ଭ୍ରଷ୍ଟାଚାରରେ ଲିପ୍ତ ରହୁଥିଲା । ମଦ୍ୟ ଦୋକାନମାନ ଥିଲା ଖୁବ୍ ସୁସଜ୍ଜିତ । ସେମାନଙ୍କ ପରବର୍ତ୍ତୀ ପ୍ରିୟ ଅବସର ବିନୋଦନ ଥିଲା ଦ୍ୟୂତ । ଅନ୍ୟତମ ବ୍ୟସନ ଥିଲା ଜାରକର୍ମ । ନୈରାଶ୍ୟଜନକ ଭାବେ ସମଗ୍ର ଆରବ ଥିଲା ଏହାର ଅନୁରାଗୀ । ଶତ୍ରୁମାନଙ୍କୁ ଜୀବନ୍ତ ଜାଳି ଦିଆ ଯାଉଥିଲା । ଗର୍ଭବତୀ ମହିଳାଙ୍କ ପେଟ ଚିରି ଦିଆ ଯାଉଥିଲା । ନିଷ୍ପାପ ଶିଶୁ ଓ ବାଳକମାନଙ୍କୁ ସାମୂହିକ ହତ୍ୟା କରାଯାଉ ଥିଲା । ସୁଧଖୋରି ଥିଲା ସାଧାରଣ ।

ଅଧିକାର ଓ ସାମାଜିକ ଗୌରବ ଶୂନ୍ୟ ମହିଳାମାନେ ଥିଲେ ସମାଜରେ ସର୍ବାଧିକ ପୀଡ଼ିତ । ସେମାନଙ୍କୁ ଗୋଲାମ ବିବେଚନା କରାଯାଉ ଥିଲା ଏବଂ ଦ୍ୱେଷପୂର୍ଣ୍ଣ ଅବଜ୍ଞାର ସହ ଦେଖାଯାଉଥିଲା । ପୁରୁଷ ଯେତେ ଇଚ୍ଛା ସ୍ତ୍ରୀ ବିବାହ କରିବାକୁ ସ୍ୱାଧୀନ ଥିଲା ଏବଂ ମନଇଚ୍ଛା ଛାଡ଼ପତ୍ର ଦେଇ ପାରୁଥିଲା । ମହିଳାମାନେ ଉତ୍ତରାଧିକାରରୁ ବଞ୍ଚିତ ଥିଲେ । କନ୍ୟା ଜନ୍ମରେ ଆରବମାନେ ଲଜ୍ଜିତ ହେଉଥିଲେ ଏବଂ ବେଳେବେଳେ ଆତ୍ମା ବିମଥିତକାରୀ କ୍ରନ୍ଦନ ସତ୍ତ୍ୱେ ପିତାମାନେ ସେମାନଙ୍କୁ ଜୀବନ୍ତ କବର ଦେଉଥିଲେ । ଅବଶିଷ୍ଟ ଭୂସମ୍ପଦ ସହ ଉତ୍ତରାଧିକାରରେ ପ୍ରାପ୍ତ ଏକ ସମ୍ପଦ ଭଳି ପିତାଙ୍କ ବିଧବାମାନଙ୍କୁ ଜ୍ୟେଷ୍ଠ ପୁତ୍ର ପତ୍ନୀ ରୂପେ ଗ୍ରହଣ କରିବା ଥିଲା ଏକ ପ୍ରଥା । ଆରବ ସମାଜ ଉପରେ ମଜବୁତ ପଞ୍ଝା ବିସ୍ତାର କରିଥିବା ଆଉ ଏକ ଅଭିଶାପ ଥିଲା ଦାସତ୍ୱ । ସେମାନଙ୍କ ଜୀବନ ଓ ମରଣ ଥିଲା ମାଲିକଙ୍କ କର୍ତ୍ତୃତ୍ୱର ଅଧୀନ । ଯୌନ ସମ୍ବନ୍ଧର ଅଭିବ୍ୟକ୍ତି ପାଇଁ ସବୁଠାରୁ କଦର୍ଯ୍ୟ ଧରଣର ଅଶ୍ଳୀଳ ଭାଷା ପ୍ରୟୋଗ କରାଯାଉ ଥିଲା । ପ୍ରେମ ଓ ଅବୈଧ ସମ୍ବନ୍ଧର କାହାଣୀ ସର୍ବାଧିକ ଅଶୋଭନୀୟ ଧରଣର କବିତାରେ ଏବଂ ଅତିଶୟ ଲଜ୍ଜାଶୂନ୍ୟ ଭାବେ ଗର୍ବର ସହ ବର୍ଣ୍ଣିତ ହେଉଥିଲା । ମୋଟ ଉପରେ ମହିଳାମାନଙ୍କୁ ନିମ୍ନତର ପଶୁ ଅପେକ୍ଷା ଅଧିକ ଉତ୍ତମ ବ୍ୟବହାର କରାଯାଉ ନ

ଥିଲା । ଚୋରି, ଡକାୟତି ଓ ହତ୍ୟା ମଧ୍ୟ ଥିଲା ସାଧାରଣ ଘଟଣା । ତ୍ରାସ ଓ ଅନୁଶୋଚନା ଶୂନ୍ୟ ଭାବେ ପ୍ରାୟ ଦୈନିକ ମାନବ ରକ୍ତ କ୍ଷରଣ କରାଯାଉ ଥିଲା । କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ତାଙ୍କ ଓଟକୁ ଭୋକିଲା ରଖି ମଲା ପର୍ଯ୍ୟନ୍ତ ସମାଧିରେ ବାନ୍ଧିଦେବାର ପ୍ରଥା ରହିଥିଲା । ଏ ଓଟକୁ ବଲିୟା କୁହାଯାଉ ଥିଲା । ତେବେ ଆରବମାନେ ଥିଲେ କେତେକ ବିଶେଷ ସ୍ୱାଭାବିକ ସଦ୍‌ଗୁଣର ଅଧିକାରୀ । ଉତ୍ତର-ଇସଲାମୀୟ ଯୁଗରେ ଏହା ସେମାନଙ୍କୁ ଚିହ୍ନିତ କରିଥିଲା । ସେମାନେ ଥିଲେ ସର୍ବାଧିକ ବାକ୍‌ପଟୁ, ସରଳ ଭାଷୀ, ତୀବ୍ର ସ୍ମୃତିଶକ୍ତିବନ୍ତ, ଦୃଢ଼ ସଂକଳ୍ପ, ଉତ୍ତମ ଅଶ୍ୱାରୋହୀ, ଅନୁଗତ ଓ ବିଶ୍ୱସନୀୟ ଜାତି ।

# ୧୧.୩ ଇସଲାମର ଉଦୟ

ଇସଲାମର ପୈଗମ୍ବର ମହମ୍ମଦ ମଦିନା ମରୁଦ୍ୟାନରେ ଇସଲାମୀୟ ରାଷ୍ଟ୍ର ପ୍ରତିଷ୍ଠା କରିଥିଲେ । ମୂଳତଃ ଇସଲାମ ଥିଲା ପରିବର୍ତ୍ତନ ଦେଇ ଗତିଶୀଳ ଏକ ଜନଜାତୀୟ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ । କିନ୍ତୁ ଅତ୍ୟନ୍ତ ଉନ୍ନତ ସ୍ୱକୀୟ ସାଂସ୍କୃତିକ ଓ ରାଜନୀତିକ ପରମ୍ପରା ରହିଥିବା ଅଞ୍ଚଳଗୁଡ଼ିକର ସାଂସ୍କୃତିକ ଓ ରାଜନୀତିକ ବିକାଶକୁ ଏହା ପ୍ରଭାବିତ କଲା ।

### ୧୧.୩.୧ ପୈଗମ୍ବର ଓ ତାଙ୍କ ସନ୍ଦେଶ

ମହମ୍ମଦଙ୍କ ପ୍ରଥମେ ଅଚେତନ ଏବଂ ପରେ ସୁଚିନ୍ତିତ ଲକ୍ଷ୍ୟ ଥିଲା ଆରବ ସମାଜର ବିବିଧ ଗୋଷ୍ଠୀଙ୍କୁ ସଂହତିର ଏକ ନୂତନ ସୂତ୍ର ଇସଲାମରେ ଏକତ୍ର ବାନ୍ଧି ରଖିବା । ପିତାଙ୍କ ମୃତ୍ୟୁ ପରେ ଜନ୍ମିତ ମହମ୍ମଦ ଜନ୍ମର ଅଳ୍ପ କାଳ ପରେ ମାତାଙ୍କୁ ମଧ୍ୟ ହରାଇ ଥିଲେ । ପ୍ରଥମେ ପିତାମହ ଅବ୍ଦ ଅଲ-ମୁତ୍ତାଲିବ ଏବଂ ପରେ କୁଟୁମ୍ବର ନେତା ପିତୃବ୍ୟ ଅବୁ ତଲିବଙ୍କ ଦ୍ୱାରା ତାଙ୍କର ଲାଳନ ପାଳନ ହୋଇଥିଲା । ଏକଦା ଆଧିପତ୍ୟ ଥିବା ତାଙ୍କ କୁଟୁମ୍ବ ମହମ୍ମଦଙ୍କ ବେଳକୁ ଏ ସ୍ଥିତି ହରାଇ ସାରିଥିଲା ।

ଅନାଥ ଭାବେ ଲାଳନ ଏବଂ ତାଙ୍କ ଆତ୍ମୀୟମାନଙ୍କ ଦାୟିତ୍ୱସମ୍ପନ୍ନତା ମହମ୍ମଦଙ୍କ ମନରେ ବ୍ୟକ୍ତିର ଅରକ୍ଷିତତା ସମ୍ବନ୍ଧରେ ଏକ ଗଭୀର ଛାପ ଛାଡ଼ି ଯାଇଥିଲା । ପିତାଙ୍କ ମରଣ ପରେ ଜନ୍ମ

ହୋଇଥିବାରୁ ଆରବ ପରମ୍ପରା ଅନୁସାରେ ତାଙ୍କୁ ଉତ୍ତରାଧିକାରରେ ପିତୃ ସମ୍ପଦ ପ୍ରାପ୍ତ ହୋଇ ନ ଥିଲା । ଯୁବକ ମହମ୍ମଦ ଯାତ୍ରୀଦଳ ସହ ଭ୍ରମଣ କରି ଆଧ୍ୟାତ୍ମିକ ଝୁଙ୍କ ଥିବା ଇହୁଦୀ ଓ ଖ୍ରୀଷ୍ଟୀୟ ସନ୍ନ୍ୟାସୀ ସମେତ ବହୁ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ । ପଚିଶି ବର୍ଷ ବୟସରେ ଜଣେ ବଣିକଙ୍କ ଚାଳିଶି ବର୍ଷ ବୟସ୍କା ବିଧବା ପତ୍ନୀ ଖଦିଜାଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହେଲା ଏବଂ ସେ ତାଙ୍କ ତରଫରୁ ବ୍ୟବସାୟ କରିବା ଆରମ୍ଭ କଲେ ।

ଖ୍ରୀ.୬୧୦ ପାଖାପାଖି ଚାଳିଶି ବର୍ଷ ବୟସରେ ସେ ତାଙ୍କ ରହସ୍ୟମୟ ଅନୁଭବ ସମ୍ବନ୍ଧରେ କହିବା ଆରମ୍ଭ କଲେ । ଏକାନ୍ତ ଧ୍ୟାନ କାଳରେ ଘଟିଥିବା ତାଙ୍କର ମୌଳିକ ଧାର୍ମିକ ଅନୁଭବ ଥିଲା ଜଣେ ଶକ୍ତିମାନ ଓ ଦୟାବନ୍ତ ଈଶ୍ୱରଙ୍କ ସମ୍ବନ୍ଧରେ ଗଭୀର ବ୍ୟକ୍ତିଗତ ସଚେତନତା ଯାହାଙ୍କ ସମ୍ମୁଖରେ ମନୁଷ୍ୟର ଏକ ମାତ୍ର ପ୍ରତିକ୍ରିୟା ହୋଇପାରିବ ଉପାସନା ଓ କୃତଜ୍ଞତା । ମନୁଷ୍ୟକୁ ଦିନେ ତା'ର ବିଚାର କରିବାକୁ ଥିବା ପ୍ରଭୁଙ୍କ ପ୍ରତି ପୂର୍ଣ୍ଣ ସମର୍ପିତ ରହିବାକୁ ପଡ଼ିବ । ବ୍ୟକ୍ତିଗତ ଉତ୍ତରଦାୟିତ୍ୱର ଏ ଅବଧାରଣା ଥିଲା ତତ୍କାଳରେ ପ୍ରଚଳିତ ବିଶ୍ୱାସର ସମ୍ପୂର୍ଣ୍ଣ ବିପରୀତ । ସାମାଜିକ ଦାୟ ବିସ୍ମୃତ ହୋଇଯାଇ ଥିବା ସମ୍ପନ୍ନ ବଣିକ ଏବଂ ସ୍ୱୀୟ ଜନଜାତିର କ୍ଷମତାରେ ଗୌରବାନ୍ୱିତ ଅନୁଭବ କରୁଥିବା ନେତୃ ସ୍ଥାନୀୟ ବ୍ୟକ୍ତି ଉଭୟଙ୍କ ପାଇଁ ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଥିଲା ଏକ ଅପରିଚିତ ଅବଧାରଣା । ମହମ୍ମଦଙ୍କ ଈଶ୍ୱର ଅବଧାରଣା ମୂଳରେ ଏକେଶ୍ୱରବାଦର ଏକ ଦୁର୍ବଳ ପରମ୍ପରା ରହିଥିଲା । ଏହା ଆଲ୍ଲାଙ୍କ ଉପାସନାକୁ ଆବ୍ରାହମଙ୍କ ଏକେଶ୍ୱର ଉପାସନା ରୂପେ ଦେଖୁଥିଲା ଏବଂ ଇହୁଦୀ-ଖ୍ରୀଷ୍ଟୀୟ ପ୍ରଭାବ ପ୍ରତି କେତେକାଂଶରେ ଋଣୀ ଥିଲା ।

ଈଶ୍ୱରଙ୍କ ପ୍ରକଟିତ ସତ୍ୟରୁ ମହମ୍ମଦଙ୍କର ଦୃଢ଼ ବିଶ୍ୱାସ ଜନ୍ମିଥିଲା ଯେ ସେ ହେଉଛନ୍ତି ଆଲ୍ଲାଙ୍କ ରସୁଲ ବା ଈଶ୍ୱରଙ୍କ ଦୂତ ଯେଉଁ ସାଧନ ମାଧ୍ୟମରେ ପ୍ରଭୁ ଜନତାଙ୍କ ନିକଟରେ ନିଜ ବାର୍ତ୍ତା ପ୍ରକଟ ହେବା ଚାହାନ୍ତି ।

ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଏ ବାର୍ତ୍ତାଗ୍ରହଣ ବଜାୟ ରହିଥିଲା । ଏ ପ୍ରକଟିତ ସତ୍ୟ ଆଦ୍ୟତଃ ଥିଲା ଈଶ୍ୱରଙ୍କ ଐକ୍ୟ, ଦାନ ତଥା ଦରିଦ୍ର ଓ ନିରାଶ୍ରିତଙ୍କୁ ସହାୟତାର ଦାୟ ଏବଂ ସମ୍ପଦ ଗୋପନକାରୀ ଓ ଦୁର୍ବଳଙ୍କ ଶୋଷଣକାରୀମାନଙ୍କୁ ପ୍ରତୀକ୍ଷା କରିଥିବା ଭୟଙ୍କର ଈଶ୍ୱରୀୟ ଦଣ୍ଡ ଉପରେ ଜୋର ପ୍ରଦାନ ସମ୍ପର୍କିତ ।

ପତ୍ନୀ ଖଦିଜା ଥିଲେ ତାଙ୍କ ଦିବ୍ୟ ପ୍ରଚାରର ପ୍ରଥମ ଗ୍ରହଣକାରୀମାନଙ୍କ ମଧ୍ୟରୁ ଅନ୍ୟତମ । ସେଇ ଭଳି ଥିଲେ ତାଙ୍କ ପିତୃବ୍ୟ ପୁତ୍ର ଅଲି । ସମୟ କ୍ରମେ ଏକ କ୍ଷୁଦ୍ର ଗୋଷ୍ଠୀ ମହମ୍ମଦଙ୍କ ପ୍ରତି ଆକର୍ଷିତ ହେଲେ । ସେମାନେ ତାଙ୍କ ଅନୁଗାମୀ ତଥା ଆଦର୍ଶର ଭାଗୀଦାର ହେଲେ । ମହମ୍ମଦଙ୍କ ବାର୍ତ୍ତା ବାଣିଜ୍ୟ ନୁହେ ଅସାଧୁ ଚଳଣିର ନିନ୍ଦା କରୁଥିଲା ଏବଂ ସମ୍ପଦବାନଙ୍କୁ ସେମାନଙ୍କ ସାମାଜିକ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରାଇ ଦେଉଥିଲା । ସେ ସ୍ରଷ୍ଟାଙ୍କ ସମ୍ମୁଖରେ ମନୁଷ୍ୟର ସମାନତାର ଉପଲବ୍ଧି ଆଧାରରେ ସମୁଦାୟରେ ଏକ ନୂତନ ଚେତନା ପ୍ରତିଷ୍ଠା ହେବାର ଅଭିଳାଷ ପୋଷଣ କରୁଥିଲେ ।

ପୂର୍ବେ କୁହାଯାଇ ଥିବା ଭଳି ଆଦି ପର୍ଯ୍ୟାୟରେ ତାଙ୍କ ଅନୁଗାମୀମାନେ ଥିଲେ ମୁଖ୍ୟତଃ ଦୁର୍ବଳ କୁଟୁମ୍ବର ସଦସ୍ୟ, କ୍ଷମତାଶାଳୀ କୁଟୁମ୍ବର କନିଷ୍ଠ ସଦସ୍ୟ, ମହିଳା ଓ ବହିରାଗତ କ୍ରୀତଦାସ ଅଥବା ଅଧୀନ ମନୁଷ୍ୟ । ପ୍ରାରମ୍ଭରେ ମହମ୍ମଦ ଓ ତାଙ୍କ ଅନୁଗାମୀମାନଙ୍କୁ ଅଣଦେଖା କରାଗଲା । କିନ୍ତୁ ଅଳ୍ପ ସମୟ ମଧ୍ୟରେ ବିରୋଧ ଆରମ୍ଭ ହେଲା । ତେବେ ତାଙ୍କ କୁଟୁମ୍ବ ଓ ଏହାର ନେତା ଅବୁ ତଲିବ ମହମ୍ମଦଙ୍କୁ ସୁରକ୍ଷା ପ୍ରଦାନ କଲେ । ଅବୁ ତଲିବ ଜଣେ ମୁସଲମାନ ନ ଥିଲେ । ତାଙ୍କର କିନ୍ତୁ ମହମ୍ମଦଙ୍କ ଉପଦେଶର ଏକାଧିକାର ବିରୋଧୀ କଠିନ ପ୍ରୟାସରେ ଭାଗୀଦାରୀ ଅବଶ୍ୟ ରହିଥିଲା । ଖ୍ରୀ.୬୧୫-୬୧୬ରେ କେତେକ ଅନୁଗାମୀଙ୍କୁ ଇଥିଓପିଆ ପ୍ରେରଣ ପାଇଁ ସେ ନିଷ୍ପତ୍ତି ଗ୍ରହଣ କଲେ । କ୍ରୀତଦାସଙ୍କ ଭଳି କୁଟୁମ୍ବର ସୁରକ୍ଷା ପ୍ରାପ୍ତ ହେଉ ନ ଥିବା ଦୁର୍ବଳ ମୁସଲମାନ ସଦସ୍ୟଙ୍କୁ ଉତ୍ପୀଡ଼ନରୁ ରକ୍ଷା କରିବା ଥିଲା ଏହାର ଉଦ୍ଦେଶ୍ୟ । ଅବୁ ତଲିବଙ୍କ ଉପରେ କୁଟୁମ୍ବଗୁଡ଼ିକର ଚାପ ପ୍ରୟୋଗ ଅବ୍ୟାହତ ରହିଲା ଏବଂ ହାସିମୀ କୁଟୁମ୍ବ ବିରୋଧରେ ଆର୍ଥିକ ଓ ବୈବାହିକ ବାସନ୍ଦ ଜାରି କରାଗଲା । ଏହା କିନ୍ତୁ ବିଫଳ ହେଲା । ନୂତନ ଧର୍ମର ସେ ପର୍ଯ୍ୟନ୍ତ ଜଣେ ପ୍ରମୁଖ ବିରୋଧୀ ରହିଥିବା ଉମର ଇବ୍ନ ଅଲ ଖଉବଙ୍କ ଧର୍ମାନ୍ତରରେ ମହମ୍ମଦ ସଫଳ ହେଲେ ।

ଖ୍ରୀ.୬୧୯ରେ ଅବୁ ତଲିବଙ୍କ ମୃତ୍ୟୁ ପରେ ମହମ୍ମଦ ବାସ୍ତବ ସଙ୍କଟର ସମ୍ମୁଖୀନ ହେଲେ । ନୂତନ ନେତା ଅବୁ ଓ୍ୱହବ ମହମ୍ମଦଙ୍କ ଠାରୁ କୁଟୁମ୍ବର ସୁରକ୍ଷା ପ୍ରତ୍ୟାହାର କରିନେଲେ । ପୈଗମ୍ବର ତେଣୁ ନିଜ ଓ ନିଜ ସମ୍ପ୍ରଦାୟ ପାଇଁ ଏକ ନୂତନ ବାସ ସନ୍ଧାନ କରିବାକୁ ବାଧ୍ୟ ହେଲେ । ଏ ଉଦ୍ଦେଶ୍ୟରେ ହଜ ପାଇଁ ମକ୍କା ଆସୁଥିବା ବିଭିନ୍ନ ଜନଜାତିଙ୍କ ସହ ସେ କଥାବାର୍ତ୍ତା ଆରମ୍ଭ କଲେ । କିନ୍ତୁ ଏ ଦିଗରେ ତାଙ୍କୁ କ୍ୱଚିତ୍ ସଫଳତା ପ୍ରାପ୍ତ ହେଲା ।

ଜନଜାତିର ଏକତାରେ ଅବକ୍ଷୟ ସତ୍ତ୍ୱେ ଗୋଟିଏ ଜନଜାତି ଅଥବା କୁଟୁମ୍ବର ସମର୍ଥନ ବିନା ଜୀବନ ଧାରଣ ଅସମ୍ଭବ ବୋଲି ମହମ୍ମଦ ଅନୁଭବ କଲେ । ବଞ୍ଚିବାକୁ ହେଲେ ଇସଲାମକୁ ଗୋଟିଏ ଜନଜାତି ଅଥବା ଜନଜାତୀୟ ମେଣ୍ଟର ଆର୍ଥିକ ଓ ରାଜନୀତିକ କ୍ଷମତାର ଉପଯୋଗ କରିବାକୁ ପଡ଼ିବ ବୋଲି ତାଙ୍କର ଉପଲବ୍ଧି ହେଲା । ଏଇ କାରଣରୁ ୟତ୍ରିବ (ପରେ ମଦିନା ନାମରେ ପୁନର୍ନାମିତ) ମରୁଦ୍ୟାନକୁ ପଳାୟନ (ହିଜରା) ଇସଲାମର ଇତିହାସରେ ଏକ ନୂତନ ମୋଡ଼ ରୂପେ ବିବେଚିତ ହୁଏ ।

ମକ୍କାବାସୀଙ୍କ ପାଇଁ ମହମ୍ମଦ ଥିଲେ ଅସହ୍ୟ । କାରଣ ମକ୍କାର ପବିତ୍ରତା ସହ ଅତ୍ୟନ୍ତ ଅନ୍ତରଙ୍ଗ ଭାବେ ଜଡ଼ିତ ସେମାନଙ୍କ ବାଣିଜ୍ୟ ବ୍ୟବସ୍ଥାକୁ ଏହା ଉଜାଡ଼ି ଦେବାର ଭୟ ରହିଥିଲା । ସେମାନଙ୍କ ସାମଗ୍ରିକ ଜୀବନ ଶୈଳୀ ବିଶେଷତଃ ସୁଧ କାରବାର ଉପରେ ମହମ୍ମଦଙ୍କ ଆକ୍ରମଣ ମକ୍କାବାସୀଙ୍କୁ କ୍ରୁଦ୍ଧ କରିଥିଲା । ତାଙ୍କ କର୍ତ୍ତୃତ୍ୱ ପ୍ରତ୍ୟକ୍ଷ ଭାବେ ଭଗବଦ୍ ପ୍ରଦତ୍ତ ବୋଲି ଦାବି ଯୋଗୁଁ ସେମାନେ ମଦମ୍ମଦଙ୍କୁ ଏକ ରାଜନୀତିକ ଆପଦ ରୂପେ ଗଣନା କରୁଥିଲେ ।

ଖ୍ରୀ.୬୨୦ରେ ମହମ୍ମଦ ମଦିନାର ଏକ ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ଆରମ୍ଭ କଲେ । ଦୀର୍ଘ ବୁଝାମଣା ପରେ ଖ୍ରୀ.୬୨୨ରେ ସେମାନେ ମହମ୍ମଦ ଓ ତାଙ୍କ ଅନୁଗାମୀ ସମୂହଙ୍କ ଶାରୀରିକ ସୁରକ୍ଷା ନିମିତ୍ତ ପ୍ରତିଜ୍ଞାବଦ୍ଧ ହେଲେ । ଏହା ପରେ ମୁସଲମାନମାନେ ମଦିନାରେ ପ୍ରବାସନ ଆରମ୍ଭ କଲେ । ମହମ୍ମଦ ଗୋପନରେ ମକ୍କା ପରିତ୍ୟାଗ କଲେ । କାରଣ ମକ୍କାବାସୀ ତାଙ୍କୁ ହତ୍ୟା କରି ମଦିନାକୁ ପଳାୟନ ବନ୍ଦ କରିଦେବାର ଭୟ ରହିଥିଲା । ସେ ଖ୍ରୀ.୬୨୨ ସେପ୍ଟେମ୍ବର ଚବିଶି ତାରିଖରେ ମଦିନାରେ ଉପନୀତ ହେଲେ । ଏ ମହତ୍ୱପୂର୍ଣ୍ଣ ଘଟଣାର ପ୍ରତୀକ ଭାବେ ଏଇ ବର୍ଷରୁ ଇସଲାମୀ ପଞ୍ଜିକା ପ୍ରାରମ୍ଭ କରିବାର ନିଷ୍ପତ୍ତି ନିଆଗଲା । ଏ ପଞ୍ଜିକା ହିଜରି ପଞ୍ଜିକା ଭାବେ ବିଦିତ ହେଲା ।

### ୧୧.୩.୨ ଇସଲାମୀୟ ରାଷ୍ଟ୍ର ପ୍ରତିଷ୍ଠା

ଖଜୁରୀ ଚାଷର ସମୃଦ୍ଧ କେନ୍ଦ୍ର ମଦିନା ମରୁଦ୍ୟାନର ଆଖପାଖରେ ଏକ ଇହୁଦୀ ଗୋଷ୍ଠୀ ବସବାସ କରୁଥିଲେ । ଏହାର ସମୃଦ୍ଧି ସ୍ଥାନୀୟ ଜନଜାତିଙ୍କୁ ଆକ୍ରମଣ ପୂର୍ବକ ଅଧିକାର ସାବ୍ୟସ୍ତ କରିବାକୁ

ପ୍ରୋତ୍ସାହିତ କଲା । ଏହା ମକ୍କା ଭଳି ସଂହତ ବାଣିଜ୍ୟିକ କେନ୍ଦ୍ର ନୁହେ ବରଂ ବିଭିନ୍ନ ଜନଜାତି ଗୋଷ୍ଠୀ ଏବଂ କ୍ଷୁଦ୍ର ଅଥଚ ପ୍ରଭାବଶାଳୀ କେତେକ ଇହୁଦୀ ଗୋଷ୍ଠୀ ଅଧ୍ୟୁଷିତ ଏକ ମରୁଦ୍ୟାନ ଥିଲା । ମରୁଭୂମିର ବିଧାନ ଥିଲା ଜୀବନ ପାଇଁ ଜୀବନ ନେବା । ଜନଜାତିଟିଏ ବଳ ପ୍ରୟୋଗ ପୂର୍ବକ ନିଜର ସୁରକ୍ଷା ଓ ପୋଷଣ କରୁଥିଲା । ପରସ୍ପରର ଅନ୍ତରଙ୍ଗ ଭୌତିକ ସାମୀପ୍ୟରେ ବହୁ ସଂଖ୍ୟକ ଯୁଯୁଧମାନ ଗୋଷ୍ଠୀ ବସବାସ କରୁଥିବା ପରିସ୍ଥିତିରେ ଏହା ଥିଲା ଅନୁପଯୁକ୍ତ । ଏକ ବାଣିଜ୍ୟିକ ଅଥବା ଧାର୍ମିକ କେନ୍ଦ୍ର ନ ଥିବାରୁ ସାମ୍ପ୍ରଦାୟିକ ଶାନ୍ତି ବ୍ୟବସ୍ଥା କାର୍ଯ୍ୟକାରୀ କରିବାର କ୍ୱଚିତ୍ ଅବକାଶ ରହିଥିଲା । ପରିଣାମ ଥିଲା ଅନବରତ ଆନ୍ତଃଗୋଷ୍ଠୀ ଯୁଦ୍ଧ ଓ ହତ୍ୟା । ଖ୍ରୀ.୬୧୮ର ଏକ ସଂଗ୍ରାମରେ ବିପୁଳ ମାତ୍ରାରେ ନରସଂହାର ଘଟିଥିଲା । ସଂଘର୍ଷର କ୍ଷତିପୂର୍ତ୍ତି ଅଥବା ପ୍ରତିଶୋଧ ତଥାପି ଥିଲା ଅମୀମାଂସିତ । ବିବିଧ ଗୋଷ୍ଠୀ ମଧ୍ୟରେ ପାରମ୍ପରିକ ମଧ୍ୟସ୍ଥ ଅଥବା ନ୍ୟାୟକର୍ତ୍ତା (ହକମ) ଭୂମିକା ନିର୍ବାହ କରିବାକୁ ସମୁଦାୟର ନୂତନ ପରିକଳ୍ପନା ଥିବା ମହମ୍ମଦଙ୍କୁ ବରଣ କରାଗଲା । ଏହିପରି ପୈଗମ୍ବରଙ୍କ ଧାର୍ମିକ ଭୂମିକା ସଙ୍ଗକୁ ଏକ ରାଜନୀତିକ ଭୂମିକା ଯୋଡ଼ି ହୋଇଗଲା ।

ସୌଭାଗ୍ୟକୁ ବହୁ ସମୟରେ 'ମଦିନାର ସମ୍ବିଧାନ' କୁହାଯାଉ ଥିବା କୃତିଟି ତିଷ୍ଠି ରହିଛି । ମଦିନାରେ ଅସ୍ତିତ୍ୱକୁ ଆସିଥିବା ନୂତନ ରାଜନୀତିକ ସଂସ୍ଥାରେ ସମ୍ବନ୍ଧ ସମୂହର ନିୟାମକ ଥିଲା ଏ ସନନ୍ଦ । ଏହା ପ୍ରାରମ୍ଭରେ ଦୁଇଟି ପ୍ରମୁଖ ଗୋଷ୍ଠୀ- ପ୍ରବାସୀ ମୁସଲମାନ ବା ମୁହାଜିରନ ଓ ଆତିଥେୟ ମଦିନାବାସୀ ବା ଅନସାର-କୁ ନେଇ ଗଠିତ 'ସେମାନେ ଏକ ସମୁଦାୟ' ବୋଲି ସୁସ୍ପଷ୍ଟ ଭାବେ ବ୍ୟକ୍ତ କରିଛି । ଇହୁଦୀମାନେ ମଧ୍ୟ ରହିଥିଲେ ଯେଉଁମାନେ ସେମାନଙ୍କ ଧର୍ମରେ ଥିଲେ ସୁରକ୍ଷିତ । ମୁହାଜିରନଙ୍କ ନିର୍ବିବାଦୀୟ ନେତା ରୂପେ ମହମ୍ମଦଙ୍କ ଭୂମିକା ଥିଲା ସ୍ୱୀକୃତ । କିନ୍ତୁ ଅନ୍ୟମାନଙ୍କ ପାଇଁ ତାଙ୍କର ସ୍ଥିତି ଥିଲା କେବଳ ନୈତିକ କର୍ତ୍ତୃତ୍ୱ । ତାଙ୍କୁ ମଧ୍ୟସ୍ଥ ବା ହକମ ରୂପେ ସ୍ୱୀକୃତି ଦିଆଯାଇ ଥିଲା । ତେବେ ନିଜ ନ୍ୟାୟର ପ୍ରବର୍ତ୍ତନ ପାଇଁ ତାଙ୍କର କୌଣସି କ୍ଷମତା ନ ଥିଲା ।

ମଦିନାରେ ମୁସଲମାନମାନେ ତତ୍କାଳ କୃଷକରେ ପରିଣତ ହେବା ସମ୍ଭବପର ନ ଥିଲା । ସେମାନେ ଥିଲେ ଏକ ବଣିକ ସମ୍ପ୍ରଦାୟ ଏବଂ ମକ୍କା ସହ ପ୍ରତିଯୋଗିତା ଥିଲା ଅପରିହାର୍ଯ୍ୟ । ମକ୍କାବାସୀଙ୍କ ନିର୍ଦ୍ଧାରିତ 'ପବିତ୍ର ମାସଗୁଡ଼ିକୁ' ଅସମ୍ମାନ ପୂର୍ବକ ସିରିଆ ଯାଉଥିବା ଓ ସେଠାରୁ ଫେରୁଥିବା ଯାତ୍ରୀଦଳକୁ ଉତ୍ପୀଡ଼ନ ଦେଇ ମକ୍କାର ବାଣିଜ୍ୟ ବ୍ୟବସ୍ଥାକୁ ମହମ୍ମଦ ଆହ୍ୱାନ ଦେଲେ । ଖ୍ରୀ.୬୨୪ରେ

ମକ୍କାଗାମୀ ଏକ ବିଶାଳ ଯାତ୍ରୀଦଳ ଉପରେ ଆକ୍ରମଣ ହେଲା । ମୁସଲମାନମାନେ ଏଥିରେ ସଫଳକାମ ହୋଇ ବିପୁଳ ଲୁଟ ଦ୍ରବ୍ୟ ପ୍ରାପ୍ତ ହେଲେ । ଅଧିନାୟକ ଭାବେ ସାମୁଦାୟିକ ବ୍ୟାପାରରେ ଖର୍ଚ୍ଚ ନିମିତ୍ତ ଏକ ପଞ୍ଚମାଂଶ ନିଜ ପାଖରେ ରଖି ଅବଶିଷ୍ଟ ମୁସଲମାନମାନଙ୍କ ମଧ୍ୟରେ ମହମ୍ମଦ ବାଣ୍ଟି ଦେଲେ । ଜଣେ ସଫଳ ସାମରିକ ଅଧିନାୟକ ଭାବେ ନିଜକୁ ପ୍ରମାଣିତ କରିବାରୁ ମହମ୍ମଦଙ୍କ ଗୌରବ ବିଶେଷ ମାତ୍ରାରେ ବୃଦ୍ଧି ପାଇଲା । ଏହାକୁ ତାଙ୍କ ପ୍ରଚାରିତ ସତ୍ୟର ଏକ ସଂପୁଷ୍ଟି ଭାବେ ମଧ୍ୟ ଦେଖାଯାଏ । ଏହା ଫଳରେ ଅଧିକ ଆରବ ଜନତା ଇସଲାମକୁ ଧର୍ମାନ୍ତରିତ ହେଲେ ।

ମଦିନାରେ ମୁସଲମାନ ଓ ଇହୁଦୀମାନଙ୍କ ମଧ୍ୟରେ ମତଭେଦ ଦେଖାଦେଲା । ମୂଳତଃ ମହମ୍ମଦ ଇହୁଦୀମାନଙ୍କ ସହ ପୁନଃମୈତ୍ରୀ ସପକ୍ଷରେ ରହିଥିଲେ । ଇସଲାମ ଆଲ୍ଲାଙ୍କ ପ୍ରେରିତ ପୈଗମ୍ବର ଭାବେ ଆବ୍ରାହାମ, ମୋଜେସ ଓ ଯୀଶୁଙ୍କୁ ସ୍ୱୀକାର କରୁଥିଲା । ଇହୁଦୀମାନେ ଥିଲେ ମୁସଲମାନମାନଙ୍କ ଭଳି ଏକେଶ୍ୱରବାଦୀ । ମୁସଲମାନମାନେ ପ୍ରାର୍ଥନା ବେଳେ ଜେରୁଜେଲମ ପଟେ ମୁହାଁଉଥିଲେ । ଇହୁଦୀମାନେ କିନ୍ତୁ ମହମ୍ମଦଙ୍କ ଦାବିକୁ ଅସ୍ୱୀକାର କଲେ । କେତେକ ଇହୁଦୀ ଜନଜାତି ମକ୍କାବାସୀଙ୍କ ସହ ଷଡ଼ଯନ୍ତ୍ର କରିବା ମଧ୍ୟ ଆରମ୍ଭ କଲେ । ଇହୁଦୀଙ୍କ ଏକ କୁଟୁମ୍ବକୁ ସପରିବାର ବହିଷ୍କାର କରାଗଲା । ସେମାନଙ୍କୁ ବିନା ଅସ୍ତ୍ରରେ ଯିବାକୁ ପଡ଼ିଲା । ମହମ୍ମଦ ମଧ୍ୟ ଏଣିକି ପ୍ରାର୍ଥନା ବେଳେ କାବା ଆଡ଼କୁ ମୁହାଁଇବା ପାଇଁ ମୁସଲମାନମାନଙ୍କୁ ଆଦେଶ ପ୍ରଦାନ କଲେ ।

ଖ୍ରୀ.୬୨୫ରେ ମୁସଲମାନମାନଙ୍କୁ ଧ୍ୱସ୍ତ କରିବା ପାଇଁ ମକ୍କାବାସୀଙ୍କ ଦ୍ୱାରା ଏକ ବିରାଟ ଆକ୍ରମଣ କରାଗଲା । ଏକ କ୍ଷୁଦ୍ର ସେନା ସହ ଉହୁଦରେ ମହମ୍ମଦ ସେମାନଙ୍କ ସମ୍ମୁଖୀନ ହେଲେ । ପଚସ୍ତରୀ ଜଣ ମୁସଲମାନ ନିହତ ହେଲେ; ମକ୍କାବାସୀ କିନ୍ତୁ ସ୍ୱଳ୍ପବୟଃ ସମ୍ପ୍ରଦାୟଟିକୁ ଧ୍ୱଂସ କରିବାରେ ବିଫଳ ହେଲେ । ଉହୁଦ ମୃତକଙ୍କ ବିଧବାମାନଙ୍କ ସମସ୍ୟାର ସମାଧାନ ପାଇଁ ମହମ୍ମଦ ମୁସଲମାନମାନଙ୍କୁ ଚାରୋଟି ପତ୍ନୀ ଗ୍ରହଣ କରିବାକୁ ପ୍ରୋତ୍ସାହିତ କଲେ ।

ହତାଶ ମକ୍କାବାସୀ ଆହୁରି ବୃହତ୍ ସେନା ସଂଗ୍ରହ କଲେ । ନିଜର ସୁରକ୍ଷା ପାଇଁ ଅଶ୍ୱାରୋହୀ ବାହିନୀର ଆକ୍ରମଣ ପ୍ରତିହତ କରିବାକୁ ମୁସଲମାନମାନେ ଏକ ଖାଇ ଖୋଦନ କଲେ । ଏହା ତେଣୁ 'ଖାଇ ଯୁଦ୍ଧ' ନାମରେ ସୁପରିଚିତ । ମକ୍କାବାସୀ ପୁଣି ବିଫଳ ହେଲେ । ଏହା ପରେ ଅବରୋଧ

ବେଳେ ବିଶ୍ୱାସଘାତକତାର ସଙ୍କେତ ପ୍ରଦର୍ଶନ କରିଥିବା ମକ୍କାରେ ପରିତ୍ୟକ୍ତ ଶେଷ ଇହୁଦୀ ଗୋଷ୍ଠୀଟିର ଗଣହତ୍ୟା କରାଯାଇ ଥିଲା ।

ମହମ୍ମଦଙ୍କ ସଫଳତା ତାଙ୍କ ପ୍ରତି ଅଧିକ ଜନଜାତିଙ୍କୁ ଆକୃଷ୍ଟ କଲା । ମକ୍କାବାସୀ ମୁସଲମାନମାନଙ୍କ ସହ ଏକ ବୁଝାମଣାର ଆବଶ୍ୟକତା ଅନୁଭବ କଲେ । ସ୍ୱୟଂ ମହମ୍ମଦ ମକ୍କାର ବାଣିଜ୍ୟକୁ ଧ୍ୱଂସ କରିବା ପାଇଁ ଆଗ୍ରହୀ ନ ଥିଲେ । ସଂଘର୍ଷର ପ୍ରବର୍ଦ୍ଧନ ସମଗ୍ର ଉପଦ୍ୱୀପର ବାଣିଜ୍ୟକୁ ଧ୍ୱଂସ କରିଦେବ ବୋଲି ସେ ଅବଶ୍ୟ ଉପଲବ୍ଧି କରିଥିଲେ । ହଜ ପାଇଁ କାବା ଯିବାକୁ ପ୍ରୟାସ କରି ସେ ମକ୍କାବାସୀଙ୍କୁ ଏକ ସଙ୍କେତ ପ୍ରଦାନ କଲେ । ପରିଶେଷରେ ଏକ ସନ୍ଧି ଆୟୋଜିତ ହେଲା ଏବଂ ଖ୍ରୀ.୬୩୦ରେ ବିନା ଯୁଦ୍ଧରେ ମକ୍କା ଆତ୍ମସମର୍ପଣ କଲା ।

ମକ୍କାର ନିୟନ୍ତ୍ରଣ ହାସଲ ପରେ ଅଧିକ ଜନଜାତି ତାଙ୍କ ସହ ଯୋଗ ଦେଲେ । ମକ୍କାର ଅନିଷ୍ଟ ନ କରିବାକୁ ମହମ୍ମଦ ଥିଲେ ଯତ୍ନଶୀଳ । ମକ୍କା ସହ ବିଭିନ୍ନ ଲଢ଼ାଇରେ ଧୃତ ବନ୍ଦୀମାନଙ୍କୁ ସେ ପୂର୍ବରୁ ଅତ୍ୟନ୍ତ କୋମଳ ବ୍ୟବହାର ପ୍ରଦର୍ଶନ କରିଥିଲେ । ସେ ମଧ୍ୟ ତାଙ୍କ ଧର୍ମ କାବା ପ୍ରତି ସର୍ବୋଚ୍ଚ ସମ୍ମାନ ରଖୁଥିବା ପ୍ରମାଣିତ କରିଥିଲେ । ପୁରାତନ ଧର୍ମର ସକଳ ଉପାଦାନକୁ ଫୋପାଡ଼ି ଦିଆଯାଇ ନ ଥିଲା । ପ୍ରାକ୍-ଇସଲାମୀୟ କାଳର ଅନେକ ରୀତି ନୂତନ ଧର୍ମର ଅନ୍ତର୍ଭୁକ୍ତ ହୋଇଥିଲା । ମକ୍କାର ପତନ ପରେ ଜନତାଙ୍କୁ ଶାଳୀନତା ପୂର୍ବକ *ଉମ୍ମ*ରେ ଗ୍ରହଣ କରାଯାଇ ଥିଲା ।

ମହମ୍ମଦଙ୍କ କ୍ଷମତା ଦୃଢ଼ୀକରଣ ରାଜନୀତିକ ବାସ୍ତବତାକୁ ବୁଝିବାରେ ତାଙ୍କର ଉତ୍ତମ ଦକ୍ଷତାର ପ୍ରମାଣ । ବହୁ ସମୟରେ ଏହା ତାଙ୍କର ଧାର୍ମିକ ଲକ୍ଷ୍ୟକୁ ବଳି ଯାଉଥିଲା । ଆଦ୍ୟ କାଳରେ କରାଯାଇ ଥିବା ବୁଝାମଣାଗୁଡ଼ିକରେ ସେ ତାଙ୍କ ମିତ୍ରପକ୍ଷ ମୁସଲମାନ ହୋଇଯିବା ଉପରେ ଜୋର ଦେଉ ନ ଥିଲେ । ମକ୍କାର ପତନ ପରେ ହିଁ ସେ ଧର୍ମାନ୍ତରଣ ଉପରେ ଗୁରୁତ୍ୱ ଆରୋପ କରିବା ଆରମ୍ଭ କଲେ । କିନ୍ତୁ ଧାର୍ମିକ ଡୋର ନ ଜୋଡ଼ି ଜନଜାତି ବିଶେଷତଃ ଦୂରସ୍ଥ ଓ ଶକ୍ତିଶାଳୀ ଜନଜାତିମାନଙ୍କ ସହ ମୈତ୍ରୀ ବନ୍ଧନରେ ଆବଦ୍ଧ ହେବାକୁ ସେ ପଛଘୁଞ୍ଚା ଦେଉ ନ ଥିଲେ ।

ତତ୍ତ୍ୱତଃ ମହମ୍ମଦଙ୍କ ସ୍ଥିତି କେବେ ବଦଳି ନ ଥିଲା । କାରଣ କୌଣସି ନୂତନ ସମ୍ବିଧାନ କି ସନନ୍ଦ ନ ଥିଲା । କିନ୍ତୁ ବାସ୍ତବ ଦୃଷ୍ଟିକୋଣରୁ ଏଥିରେ ମୌଳିକ ପରିବର୍ତ୍ତନ ଘଟିଥିଲା । ମକ୍କା ବିଜୟ ପରେ ଅସଂଜ୍ଞାୟିତ କ୍ଷମତାବନ୍ତ ମଧ୍ୟସ୍ଥରୁ ସେ ଜଣେ ନିର୍ବିବାଦୀୟ ଅଧିନାୟକରେ ପରିଣତ ହେଲେ । ସେ ହେଲେ *ଉମ୍ମା*ରେ ସର୍ବୋଚ୍ଚ କର୍ତ୍ତୃତ୍ୱର ଅଧିକାରୀ । ପୈଗମ୍ବରଙ୍କ ବ୍ୟକ୍ତିଗତ ପ୍ରତିନିଧି ଭାବେ ତାଙ୍କ ତରଫରୁ କାର୍ଯ୍ୟ କରିବାକୁ ଲୋକଙ୍କୁ ପ୍ରେରଣ କରାଗଲା । ତାଙ୍କ ରାଜନୀତିକ ଓ ଧାର୍ମିକ ଭୂମିକା ମଧ୍ୟରେ ପାର୍ଥକ୍ୟ ବାରିବା ଆୟାସସାଧ ହୋଇଗଲା । ଏପିରିକି ଶୁଦ୍ଧ ଐହିକ ବିଷୟ ସଂକ୍ରାନ୍ତ ତାଙ୍କ ଆଜ୍ଞା ଐଶ୍ୱରିକ ପ୍ରକଟନ ରୂପେ ଆସିଲା । ମକ୍କା ବିଜୟରୁ ପ୍ରତ୍ୟାବର୍ତ୍ତନ ପରେ ମଦିନାର ଅଧିକାଂଶ ଜନତା ଇସଲାମ ସ୍ୱୀକାର କଲେ ଏବଂ ଅବଶିଷ୍ଟ ସ୍ୱଳ୍ପ ସଂଖ୍ୟକ ଇହୁଦୀ ଓ ଖ୍ରୀଷ୍ଟଧର୍ମାବଲମ୍ବୀ ଜିମ୍ମି ବା ରକ୍ଷିତ ଜନତା ରୂପେ ଚର୍ଚ୍ଚିତ ହେଲେ ।

## ୧୧.୩.୩ ସାମାଜିକ ପରିବର୍ତ୍ତନ

ମଦିନାର *ଉମ୍ମା* ରକ୍ତ ନୁହେ ଧର୍ମର ବନ୍ଧନରେ ଏକସୂତ୍ରରେ ବନ୍ଧା ଗୋଟିଏ ବିଜାତୀୟ ଗୋଷ୍ଠୀ ଥିଲା । ମହମ୍ମଦଙ୍କୁ ମୁଖିଆ ରୂପେ ସ୍ୱୀକାର କରି ଏହା ଏକ ବୃହତ୍ ଜନଜାତି ରୂପେ କାର୍ଯ୍ୟ କରୁଥିଲା । ଅପର ଜନଜାତିମାନେ ମୁସଲମାନ ହୋଇ ଅଥବା କେତେକ କ୍ଷେତ୍ରରେ ସନ୍ଧି ସମ୍ବନ୍ଧରେ ଆବଦ୍ଧ ରହି ସୁରକ୍ଷା ପ୍ରତିବଦଳରେ ନିର୍ଦ୍ଦିଷ୍ଟ ପରିମାଣର କର ପ୍ରଦାନ ପୂର୍ବକ ଏ ସମୁଦାୟରେ ଯୋଗ ହେଉଥିଲେ । ପୈଗମ୍ବରଙ୍କ ଜୀବନର ଅନ୍ତିମ ବର୍ଷଗୁଡ଼ିକରେ ମୁସଲମାନଙ୍କ ସଂଖ୍ୟାରେ ପ୍ରବଳ ଅଭିବୃଦ୍ଧି ଘଟିଥିଲା ।

ଏ ନୂତନ ରାଜନୀତିକ ସମାଜକୁ ଏକ ସୂତ୍ରରେ ବାନ୍ଧି ରଖିଥିବା ଅନୁବନ୍ଧ କ'ଣ ଥିଲା ? ଅନେକ ପାଶ୍ଚାତ୍ୟ ବିଦ୍ୱାନ ଧର୍ମାନ୍ତରିତ ସମୂହଙ୍କ ଧାର୍ମିକ ଅଭିପ୍ରେରଣା ନେଇ ସଂଶୟ ପ୍ରକାଶ କରନ୍ତି । ଏହା ପ୍ରକ୍ରିୟାଟିକୁ ସମ୍ପୂର୍ଣ୍ଣ ଧାର୍ମିକ ଦୃଷ୍ଟିରୁ ଉପସ୍ଥାପନ କରିବା ପାଇଁ ମୁସଲମାନ ଲେଖକମାନଙ୍କ ଅତ୍ୟନ୍ତ ସରଳୀକୃତ ଓ ଆଦର୍ଶବାଦୀ ସ୍ପଷ୍ଟୀକରଣ ପ୍ରବୃତ୍ତିର ପୂରାପୂରି ବିପରୀତ । ମହମ୍ମଦଙ୍କ ବ୍ୟବସ୍ଥାରେ ଯୋଗଦାନକାରୀ ଜନଜାତିମାନେ ରାଜନୀତିକ ସହ ତାଙ୍କ ଧାର୍ମିକ କର୍ତ୍ତୃତ୍ୱକୁ ସ୍ୱୀକାର କରୁଥିଲେ କି ? ଏ ପ୍ରଶ୍ନ ଉତ୍ଥାପନ କରିବା ଏକ ପ୍ରମାଦ ରୂପେ ହିଁ ପରିଗଣିତ ହେବ । କାରଣ ଆରବ ଜନଜାତିମାନେ ଏ ଦ୍ୱିଭାଜନ ବୁଝିବା ଥିଲା ଅବିଶ୍ୱସନୀୟ । ସେମାନେ ଉପଲବ୍ଧି କରିଥିଲେ ଯେ

ଇସଲାମରେ ସାଂସ୍କୃତିକ, ଆର୍ଥିକ ଓ ଧାର୍ମିକ ପ୍ରସଙ୍ଗଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅନ୍ତଃମିଶ୍ରିତ । ମହମ୍ମଦ ମଧ୍ୟ ଆରବମାନଙ୍କ ନିକଟରେ ସେମାନଙ୍କ ନିଜ ଭାଷାରେ ପ୍ରକଟିତ ଏବଂ ବିଶେଷ ଭାବେ ତାଙ୍କ ଆବଶ୍ୟକତାର ଉପଯୋଗୀ ଏକ ଧର୍ମ ଉପସ୍ଥାପନ କରିଥିଲେ । ସେ ଧର୍ମାନ୍ତର ଉପରେ ଜୋର୍ ଦେଉ ନ ଥିଲେ ଏବଂ ଏଥି ପାଇଁ ମକ୍କାବାସୀଙ୍କୁ ବାଧ୍ୟ କରି ନ ଥିଲେ । ତଥାପି ଅନେକେ ଇସଲାମ ସ୍ୱୀକାର କଲେ ।

ସେମାନେ ତାଙ୍କ ଲକ୍ଷ୍ୟ ଅପେକ୍ଷା ମହମ୍ମଦଙ୍କ ସମ୍ବନ୍ଧରେ ଅଧିକ ସଚେତନ ଥିଲେ ଏବଂ ଇସଲାମର ଉପଦେଶ ନୁହେ ବରଂ ପୈଗମ୍ବରଙ୍କୁ ସ୍ୱାଗତ କରିଥିଲେ ବୋଲି କୁହାଯିବା ଠିକ ହେବ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଧାର୍ମିକ ଓ ଐହିକ ମଧ୍ୟରେ ପାର୍ଥକ୍ୟ ବାରିବାକୁ ନିଶ୍ଚିତ ରୂପେ ଅସମର୍ଥ ଥିଲେ ଏବଂ ମୁସଲମାନମାନଙ୍କ ସହ ଭବିଷ୍ୟତ ଜଡ଼ିତ ବୋଲି ଥରେ ଅନୁଭବ କରିବା ପରେ ପୂର୍ଣ୍ଣ ନିଷ୍ଠାରୁ କମ୍‌ରେ ଅଟକିଯିବାର କୌଣସି କାରଣ ନ ଥିଲା । ଇସଲାମରେ ଯୋଗ ଦେବା ପାଇଁ ଐହିକ ଓ ଧାର୍ମିକ ଅଭିପ୍ରେରଣା ମଧ୍ୟରେ ପାର୍ଥକ୍ୟ ନିରୂପଣ ପ୍ରୟାସ ତେଣୁ ନିରର୍ଥକ । କୁରାନରେ ସମାବିଷ୍ଟ ଧାର୍ମିକ ପ୍ରକଟନ ଇସଲାମର ମୂଳପିଣ୍ଡ । କିନ୍ତୁ ଖ୍ରୀ.୬୨୨ରୁ ବାର୍ତ୍ତା ଥିଲା ଏକ ପ୍ରସରଣଶୀଳ ଓ ଆକ୍ରାମକ ରାଜନୀତିକ ଶକ୍ତିର । ଇସଲାମ କେବଳ ଧାର୍ମିକଙ୍କ ଆଧ୍ୟାତ୍ମିକ ଆବଶ୍ୟକତାର ଜବାବ ଦେଉ ନ ଥିଲା ଆରବମାନଙ୍କ ଅନେକ ରାଜନୀତିକ, ସାଂସ୍କୃତିକ, ଆର୍ଥିକ, ସାମାଜିକ ଓ ମନସ୍ତାତ୍ତ୍ୱିକ ଆବଶ୍ୟକତାର ଉପଯୋଗୀ ମଧ୍ୟ ଥିଲା । ଏହା ଥିଲା ଗୋଷ୍ଠୀ ସଂହତିର ପ୍ରାଚୀନ ଭାବଧାରାର ଏକ ନୂତନ ସଂସ୍କରଣ ।

ମହମ୍ମଦ ଆଲ୍ଲାଙ୍କ ସଚ୍ଚା ଉପାସନା ପାଇଁ ଆରବମାନଙ୍କୁ ଏକାଠି କରିବାର ତାଙ୍କ ଲକ୍ଷ୍ୟ ସମ୍ବନ୍ଧରେ ଯଥାର୍ଥରେ ଦୃଢ଼ନିଶ୍ଚିତ ଥିଲେ । ଏ ଲକ୍ଷ୍ୟ ଶୂନ୍ୟରେ ସୁସମ୍ପାଦିତ ହୋଇପାରି ନ ଥାନ୍ତା । ସେ ଜଣେ କୃତବିଦ୍ୟ ରାଜନୀତିକ ଅଧିନାୟକ ଥିଲେ କହିବାର ଅର୍ଥ ନୁହେ ତାଙ୍କ ଧାର୍ମିକ ପ୍ରତିଭାକୁ ଅସ୍ୱୀକାର କରିବା । ସମୟ ସହ ତାଙ୍କ କର୍ତ୍ତୃତ୍ୱର ସ୍ୱଭାବ ଓ ଚରିତ୍ର ଅଭିବର୍ଦ୍ଧିତ ଓ ପରିବର୍ତ୍ତିତ ହୋଇଥିଲା ।

ସେ ଥିଲେ ଜଣେ ଭବିଷ୍ୟଦ୍ରଷ୍ଟା । ଆରବରେ ଶାନ୍ତି ପ୍ରତିଷ୍ଠା ପରେ ଜୀବନର ଅନ୍ତିମ କାଳରେ ସେମାନଙ୍କ ଉର୍ଜସ୍ୱିତା ପାଇଁ ଏକ ନିର୍ଗମ ମାର୍ଗର ଅନ୍ୱେଷଣ ନ କଲେ ସ୍ୱଳ୍ପବୟଃ ସମୁଦାୟଟି ତିଷ୍ଠି

ପାରିବ ନାହିଁ ବୋଲି ସେ ଉପଲବ୍‌ଧି କରିଥିଲେ । ଆରବମାନଙ୍କ ପ୍ରଭାବଶାଳୀ ରାଜନୀତିକ ଏକୀକରଣ ଥିଲା ଅସମ୍ଭବ । କାରଣ ସେମାନେ ଥିଲେ ପରସ୍ପରର ବଞ୍ଚିବାର ଉତ୍ସ । ଏକ ବାହ୍ୟ ଲକ୍ଷ୍ୟର ସନ୍ଧାନ ତେଣୁ ଥିଲା ଅପରିହାର୍ଯ୍ୟ । ସେଇଥି ପାଇଁ ତାଙ୍କ ଅନ୍ତିମ କାର୍ଯ୍ୟକଳାପ ମଧ୍ୟରେ ଇରାକ ଓ ସିରିଆକୁ ମାର୍ଗ ସୁନିଶ୍ଚିତ କରିବାର ପ୍ରୟାସ ରହିଥିଲା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଇସଲାମ ଆଗମନ ପୂର୍ବବର୍ତ୍ତୀ ଆରବ ସମାଜର ଏକ ବିଶଦ ବିବରଣୀ ପ୍ରଦାନ କରନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ମକ୍କାର ଶକ୍ତିଶାଳୀ ଜନଜାତିମାନେ ପୈଗମ୍ବର ମହମ୍ମଦଙ୍କ ବାର୍ତ୍ତାକୁ ବିରୋଧ କଲେ କାହିଁକି ?

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

**ପ୍ରଶ୍ନ ୩.**ପୈଗମ୍ବର ମହମ୍ମଦ ମକ୍କା ଉପରେ ନିଜ ନିୟନ୍ତ୍ରଣ ପ୍ରତିଷ୍ଠାରେ ସଫଳ ହେଲେ କିପରି ?

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

....................................................................................................

## ୧୧.୪ ପ୍ରଥମ ଚାରି ଖଲିଫାଙ୍କ ଶାସନ

ପୈଗମ୍ବରଙ୍କ ମୃତ୍ୟୁ ପରେ ମୁସଲମାନମାନଙ୍କ ମଧ୍ୟରେ ପ୍ରଥମ ବିଭାଜନ ଦେଖାଦେଲା । ପୈଗମ୍ବର ଭାବେ କେହି ଜଣେ ମହମ୍ମଦଙ୍କ ଉତ୍ତରାଧିକାରୀ ହୋଇ ପାରିଲେ ନାହିଁ । ସମୁଦାୟର ଲୌକିକ ବ୍ୟାପାରର ଦିଗ୍‌ଦର୍ଶନ ପାଇଁ ସୁସ୍ପଷ୍ଟ ଭାବେ ଜଣକର ଆବଶ୍ୟକତା ରହିଥିଲେ ମଧ୍ୟ ମହମ୍ମଦ କାହାରିକୁ ରାଜନୀତିକ ଉତ୍ତରାଧିକାରୀ ରୂପେ ନାମିତ କରି ନ ଥିଲେ । ତାଙ୍କ ଉତ୍ତରାଧିକାରୀଙ୍କ ନିଯୁକ୍ତି ମାଧ୍ୟମରେ ଏ ଆବଶ୍ୟକତା ପୂରଣ କରାଗଲା । ଏମାନଙ୍କୁ ଖଲିଫା କୁହାଗଲା । ଆରବ ଜଗତରେ ଏହାର ଅର୍ଥ ଥିଲା ଉତ୍ତରାଧିକାରୀ । ଖଲିଫାମାନଙ୍କର ଉଭୟ ଆଧ୍ୟାତ୍ମିକ ଓ ଲୌକିକ

କର୍ତ୍ତୃତ୍ୱ ରହିଥିଲା । କାରଣ ଇସଲାମରେ ପୌରୋହିତ୍ୟ ନ ଥିଲା । ତେବେ ପୈଗମ୍ବରଙ୍କୁ ପ୍ରାପ୍ତ ଧାର୍ମିକ ସିଦ୍ଧାନ୍ତ ବିଷୟରେ ଖଲିଫାମାନଙ୍କର କୌଣସି କର୍ତ୍ତୃତ୍ୱ ନ ଥିଲା । ଉତ୍ତରାଧିକାରୀ ଭାବେ ପ୍ରତିଦ୍ୱନ୍ଦ୍ୱୀ ଦାବିଦାରମାନଙ୍କୁ ସମର୍ଥନ କରୁଥିବା ତିନୋଟି ପ୍ରଧାନ ଗୋଷ୍ଠୀ ରହିଥିଲେ । ଏ ମଧ୍ୟରୁ ଅଲି ଓ ଅବୁ ବକ୍ର ଥିଲେ ସର୍ବାଧିକ ମହତ୍ୱପୂର୍ଣ୍ଣ । ପୈଗମ୍ବରଙ୍କ ଜଣେ ବରିଷ୍ଠ ସାଥୀ ଅବୁ ବକ୍ରଙ୍କ ସପକ୍ଷରେ ସହମତି ପ୍ରାପ୍ତ କରିବାରେ ପରେ ଦ୍ୱିତୀୟ ଖଲିଫା ହୋଇଥିବା ଉମର ବିଶେଷ ଭୂମିକା ନିର୍ବାହ କରିଥିଲେ । ଜନଜାତୀୟ ପ୍ରଥା ଅନୁସାରେ ଉତ୍ତରାଧିକାର ଉପରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏଥିରେ କୌଣସି ଔପଚାରିକ ଗାଣତନ୍ତ୍ରିକ ପ୍ରକ୍ରିୟା ନୁହେ ଆଲୋଚନା ଓ ସହମତି ମାଧ୍ୟମରେ ଜଣେ ସୟୟିଦ ବଛା ଯାଉଥିଲେ । ପ୍ରଥମ ଚାରି ଜଣ ଖଲିଫାଙ୍କ ମଧ୍ୟରୁ ପ୍ରତ୍ୟେକେ ଥିଲେ ମହମ୍ମଦଙ୍କ ଅନ୍ତରଙ୍ଗ ସହଯୋଗୀ । ସେମାନଙ୍କୁ 'ଯଥାର୍ଥ ନିର୍ଦ୍ଦେଶିତ' *(Rightly Guided)* ରୂପେ ଉଲ୍ଲେଖ କରାଯାଏ ।

## ୧୧.୪.୧ ଅବୁ ବକ୍ର (ଖ୍ରୀ.୬୩୨-୬୩୪)

ପ୍ରଥମ ଖଲିଫା ଭାବେ ଅବୁ ବକ୍ରଙ୍କ ପ୍ରଧାନ କାର୍ଯ୍ୟ ଥିଲା ପରବର୍ତ୍ତୀ କାଳରେ ସୁବିଦିତ 'ସ୍ୱଧର୍ମ ତ୍ୟାଗ ବିରୋଧୀ ସମର'ରେ ବ୍ୟାପୃତ ହେବା । ମହମ୍ମଦଙ୍କ ସହ ଯୋଗ ଦେଇଥିବା ବିଶେଷତଃ ମଦିନା ଠାରୁ ଦୂରବର୍ତ୍ତୀ ଅନେକ ଜନଜାତି ତାଙ୍କର ମୃତ୍ୟୁ ହୋଇଥିବାରୁ ଏଣିକି ସେମାନଙ୍କ ମୈତ୍ରୀର ଉପଯୋଗିତା ଖୁବ୍ କମ୍ ଥିବା ଅନୁଭବ କଲେ । ଅବୁ ବକ୍ରଙ୍କୁ *ଉମ୍ମର* କର୍ତ୍ତୃତ୍ୱ ପୁଣି ଦୃଢ଼ କରିବାକୁ ହେଲା । ସଂଘର୍ଷର ପ୍ରଧାନ କ୍ଷେତ୍ର ଥିଲା ଛଅଟି । କୌତୁହଳର ବିଷୟ ଥିଲା ଯେ ଏ ମଧ୍ୟରୁ ଚାରୋଟିର ନେତୃତ୍ୱ ପୈଗମ୍ବର ବୋଲି ଦାବି କରୁଥିବା ଲୋକେ ନେଉଥିଲେ । ଆରବର ବିଭିନ୍ନ ଅଂଶରେ ଯୁଦ୍ଧ ଲଢ଼ାଗଲା ଏବଂ ଅବୁ ବକ୍ର ସମଗ୍ର ଉପଦ୍ୱୀପ ଉପରେ ମଦିନାର ନେତୃତ୍ୱ ପ୍ରତିଷ୍ଠା କରିବାରେ ସଫଳ ହେଲେ । ଏ ଯୁଦ୍ଧଗୁଡ଼ିକୁ ରିଡ୍ଡା (ସ୍ୱଧର୍ମ ତ୍ୟାଗ) କୁହାଯାଉ ଥିଲେ ମଧ୍ୟ ଏହା ସର୍ବଦା ସତ୍ୟ ନ ଥିଲା । ଅବୁ ବକ୍ର ଲଢ଼େଇ କରିଥିବା ଅନେକ ଜନଜାତି କେବେ ମଧ୍ୟ ଇସଲାମ ଗ୍ରହଣ କରି ନ ଥିଲେ । ସ୍ପଷ୍ଟତଃ ମୁସଲମାନୀ ସମ୍ପ୍ରସାରଣ ଆରମ୍ଭ ହୋଇ ସାରିଥିଲା । ଉପଦ୍ୱୀପ ବାହାରେ ଖ୍ରୀ.୬୩୩ରେ ଇଉଫ୍ରାଟିଜ ସମୀପବର୍ତ୍ତୀ ଏକ ସସ୍ସାନୀ ଦୁର୍ଗସହରକୁ ଅଧିକାର କରାଗଲା ଏବଂ ଦକ୍ଷିଣ ସିରିଆରେ ଏକ ବାଇଜାଣ୍ଟାଇନ ସେନା ପରାସ୍ତ ହେଲା ।

### ୧୧.୪.୨ ଉମର (ଖ୍ରୀ.୬୩୪-୬୪୪)

ଉମରଙ୍କ ଖଲିଫାତ୍ୱରେ ଉର୍ବର ଅର୍ଦ୍ଧଚନ୍ଦ୍ରର ଅନେକାଂଶ, ଇଜିପ୍ଟ ଏବଂ ଇରାନର ଅଧିକାଂଶ ଅଞ୍ଚଳ ଜୟ କରାଗଲା । ତାଙ୍କ ଅଧୀନରେ ହିଁ ଇସଲାମୀୟ ଶାସନର ପ୍ରାଶାସନିକ ଓ ବିତ୍ତୀୟ ଢାଞ୍ଚା ଉପରେ ପ୍ରଥମ କାର୍ଯ୍ୟ କରାଗଲା ।

ପ୍ରଚଣ୍ଡ ଶକ୍ତିମନ୍ତ ଏ ପୁରୁଷ ପ୍ରଥମେ ଥିଲେ ମକ୍କାରେ ମହମ୍ମଦଙ୍କ ହିଂସ୍ର ବିରୋଧୀ; କିନ୍ତୁ ଧର୍ମାନ୍ତର ମାତ୍ରେ ହେଲେ ତାଙ୍କର ମହାନ ପକ୍ଷଧର । ତାଙ୍କ ଉତ୍ତରାଧିକାର ଥିଲା ଅପ୍ରତିଦ୍ୱନ୍ଦ୍ୱୀ । ତେବେ ଇସଲାମୀୟ ପରମ୍ପରା ବହୁ ପୀଢ଼ି ଧରି ବିକଶିତ ଅନେକ ରାଜନୀତିକ, ଆର୍ଥିକ ଓ ସାମାଜିକ ଅନୁଷ୍ଠାନକୁ ତାଙ୍କ ସହ ଜୋଡ଼ି ଉମରଙ୍କ ଅବଦାନର ଆବର୍ଦ୍ଧନ ଘଟାଇଛି । ତଥାପି ତାଙ୍କ ଅବଦାନ ଥିଲା ମହତ୍ୱପୂର୍ଣ୍ଣ ।

ତାଙ୍କ ଅଧୀନରେ ଆରବ ସେନାଙ୍କ ବିଜୟ ତାଲିକା ଚିତ୍ତାକର୍ଷକ । ଖ୍ରୀ.୬୩୬ରେ ବାଇଜାଣ୍ଟାଇନ ସେନାବାହିନୀକୁ ପଦଦଳିତ କରି ଦାମାସ୍କସ ଓ ସିରିଆର ଅଧିକାଂଶ ଅଞ୍ଚଳ ଦଖଲ କରାଗଲା । ଖ୍ରୀ.୬୩୭ରେ ସସ୍ସାନୀମାନଙ୍କ ପ୍ରମୁଖ ବାହିନୀକୁ ପରାସ୍ତ ପୂର୍ବକ ସେମାନଙ୍କ ରାଜଧାନୀର ପତନ ଘଟାଗଲା । ଏ ସହରର ପରାଜୟ ପରେ ଲୁଟପାଟରୁ ଆରବ ସେନା ଅକଳ୍ପନୀୟ ସମ୍ପଦ ଲାଭ କଲେ । ଖ୍ରୀ.୬୩୮ରେ ଜେରୁଜେଲମ ଅଧିକୃତ ହେଲା । ଖ୍ରୀ.୬୩୯ରେ ଇଜିପ୍ଟ ଆକ୍ରମଣ ଏବଂ ଖ୍ରୀ.୬୪୦ ସୁଦ୍ଧା ସିରିଆରୁ ବାଇଜାଣ୍ଟାଇନ ଶକ୍ତିର ନିର୍ମୂଳନ କରାଗଲା । ଖ୍ରୀ.୬୪୧ରେ ଇରାକର ମୋସୁଲ ଏବଂ ଖ୍ରୀ.୬୪୨ରେ ଇଜିପ୍ଟର ବନ୍ଦର ନଗରୀ ଆଲେକ୍‌ଜାଣ୍ଡ୍ରିଆ ଉପରେ ବିଜୟ ପ୍ରାପ୍ତ ହେଲା ।

ଉମର ପ୍ରାଶାସନିକ ଦୃଷ୍ଟିରୁ ନୂତନ ବିଜିତ ଅଞ୍ଚଳଗୁଡ଼ିକୁ ଦୃଢ଼ କଲେ । ନୂତନ ଅଧିକୃତ ପ୍ରଦେଶ ସମୂହର ଶାସନ ପାଇଁ ସେ ଅମୀରମାନଙ୍କୁ ନିଯୁକ୍ତି ଦେଲେ । ଆକ୍ରମଣକାରୀ ସୈନ୍ୟଦଳଙ୍କୁ ସେଠାରେ ବସବାସ ଅଥବା ଜମି ମାଲିକାନା ପାଇଁ ଅନୁମତି ଦିଆଗଲା ନାହିଁ । ଭେଟି ଗ୍ରହଣ କରି ମୂଳ କୃଷକମାନଙ୍କୁ ସେମାନଙ୍କ ଜମି ଅଧିକାର କରିବା ପାଇଁ ଛାଡ଼ି ଦିଆଗଲା । ବିଜିତ ଭୂମିର ଜନତା

ପୂର୍ବବତ୍ ଜୀବନ ଓ କର୍ମ ନିର୍ବାହ କରିବା ଅବ୍ୟାହତ ରହିଲା । ଆକ୍ରମଣଗୁଡ଼ିକ କୃଷକଙ୍କ ଉପରେ ନିଜ ଅଂଶର କର ଭାର ଲଦି ଦେଉଥିବା ଏବଂ ସମଗ୍ର ରାଜସ୍ୱରୁ ସେମାନଙ୍କ ଅଂଶ ଶୋଷଣ କରୁଥିବା ପୂର୍ବବର୍ତ୍ତୀ ଶାସନର ଭୂଧାରକ ମିତ୍ରମାନଙ୍କ ନିର୍ମୂଳନ ଘଟାଇଲା । ସେମାନେ ଅଦୃଶ୍ୟ ହୋଇଯିବାରୁ କରଭାର ଲାଘବ ହେଲା ଏବଂ କୃଷକମାନେ ନୂତନ ଶାସନକୁ ସ୍ୱାଗତ କଲେ । ଲୁଟପାଟର ଚଳ ସମ୍ପଦର ଅଂଶ ବିଶେଷ ସୈନ୍ୟମାନଙ୍କର ଏବଂ ପ୍ରାକ୍ତନ ଶାସକମାନଙ୍କ ଭୂମି ଓ କର ସମଗ୍ର ସମୁଦାୟର ବୋଲି ଉମର ଆଦେଶ ଜାରି କଲେ । ପୂର୍ବବର୍ତ୍ତୀ ପ୍ରଶାସକମାନଙ୍କୁ ପୁନଃନିଯୁକ୍ତି ଦିଆଗଲା ଏବଂ ବିଜିତ ଜନତାଙ୍କୁ ସେମାନଙ୍କ ନିଜ ବିଧାନ ଅନୁସାରେ ବଞ୍ଚିବାକୁ ଅନୁମତି ମିଳିଲା ।

ଉମରଙ୍କ ନୀତି ନୂତନ ବିଜିତ କ୍ଷେତ୍ର ଉପରେ ନିୟନ୍ତ୍ରଣ ପ୍ରତିଷ୍ଠାକୁ ସହଜସାଧ କରିଦେଲା । ଏହା ପରେ ଆଗକୁ ବଢ଼ିବା ପାଇଁ ଆଧାର ଭାବେ ସେ ସେମାନଙ୍କର ଉପଯୋଗ କଲେ । ସେ ସେନାକୁ ବିଜିତ ଭୂମିରେ ବସବାସ କରିବାକୁ ଅନୁମତି ଦେଲେ ନାହିଁ । କାରଣ ଏହା ଫଳରେ ବିଜୟ ତା'ର ସଂବେଗରୁ ବଞ୍ଚିତ ହେବାର ଆଶଙ୍କା ରହିଥିଲା । ଏ ଭୂମିଗୁଡ଼ିକର ଆର୍ଥିକ ଓ ସାମାଜିକ ସଂରଚନାକୁ ବିନା ହସ୍ତକ୍ଷେପରେ ଛାଡ଼ି ଦିଆଗଲା ଏବଂ ବାଧା ରହିତ ଭାବେ ଆର୍ଥିକ କ୍ରିୟାକଳାପର ନିରନ୍ତରତା ବଜାୟ ରହିଲା । ପ୍ରଜାମାନଙ୍କ ଧର୍ମକୁ ମଧ୍ୟ ଏକାନ୍ତରେ ଛାଡ଼ି ଦିଆଗଲା । ଧର୍ମାନ୍ତରଣ ପାଇଁ କୌଣସି ଚାପ ପ୍ରୟୋଗ କରାଗଲା ନାହିଁ । ଭିନ୍ନ ଧର୍ମାବଲମ୍ବୀ ସମୁଦାୟମାନଙ୍କୁ ଜିମ୍ମି ପାହ୍ୟା ପ୍ରଦାନ କରାଗଲା । ସେମାନଙ୍କୁ ଖରାଜ ବା ଭୂମି କର ଓ ଜଜିୟା ବା ମୁଣ୍ଡ କର ଦେବାକୁ ପଡୁଥିଲା; କିନ୍ତୁ ରାଷ୍ଟ୍ର ପାଇଁ ଯୁଦ୍ଧ କରିବାରୁ ନିଷ୍କୃତି ମିଳୁଥିଲା ।

ଇରାନକୁ ବାଦ୍ ଦେଲେ ଅନ୍ୟ ସର୍ବତ୍ର ସେନା ସହରୀ କେନ୍ଦ୍ରରୁ ଦୂରରେ ଅବସ୍ଥାନ କରୁଥିଲେ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ସାମରିକ ନଗର ନିର୍ମାଣ କରାଯାଇ ଥିଲା । ଜନଜାତିଙ୍କୁ ନେଇ ଗଠିତ ସେନା ଏକକ ଉପରେ ଉତ୍ତମ ନିୟନ୍ତ୍ରଣ ସୁନିଶ୍ଚିତ କରିବା ପାଇଁ ଏଭଳି କରାଯାଉ ଥିଲା । ଏହା ମଧ୍ୟ ସେନାର ଇସଲାମୀକରଣକୁ ସହଜସାଧ କରିଥିଲା । ଏ ସାମରିକ ଚୌକୀଗୁଡ଼ିକ ପୂର୍ଣ୍ଣାଙ୍ଗ ସାଂସ୍କୃତିକ ଓ ବାଣିଜ୍ୟିକ କେନ୍ଦ୍ର ରୂପେ ବିକଶିତ ହେଲା; ଯଥା- ଇରାକର ବସ୍ରା ଓ କୁଫା, ଇଜିପ୍ଟର ଫୁସ୍ତାତ (ପରେ କାଇରୋ) । ଏଗୁଡ଼ିକ ଆଦ୍ୟ ଶତାବ୍ଦୀମାନଙ୍କରେ ଇସଲାମୀୟ ସଭ୍ୟତାର କେନ୍ଦ୍ର ବିନ୍ଦୁରେ

ପରିଣତ ହେଲା । ପ୍ରାୟ ସମସ୍ତ ଇସଲାମୀୟ ଐତିହାସିକ ଓ ବିଧିବେତ୍ତା ନଗରମାନଙ୍କରେ କାର୍ଯ୍ୟ କରୁଥିଲେ ଏବଂ ଇସଲାମୀୟ ବିଧି ଏ ନଗରଗୁଡ଼ିକର ପ୍ରଥାରୁ ହିଁ ବିକଶିତ ହୋଇଥିଲା ।

ଉମର ଏକ ଦିୱାନ ମଧ୍ୟ ତିଆରି କରାଇଲେ । ଏହା ଥିଲା ଏକ ହିସାବ ଖାତା । ଏଥିରେ ଯେଉଁମାନେ ରାଷ୍ଟ୍ରର ସହାୟତା ପ୍ରାପ୍ତ କରିବେ ସେମାନଙ୍କ ନାମ ରହିଥିଲା । ଏଥିରେ ସମସ୍ତ ଆରବ ମୁସଲମାନ ଅନ୍ତର୍ଭୁକ୍ତ ଥିଲେ । ଏହା ମଧ୍ୟ ଥିଲା ସୈନ୍ୟମାନଙ୍କୁ ଦେୟ ପ୍ରଦାନ ଓ ଅଯୋଦ୍ଧାମାନଙ୍କୁ ସାମ୍ରାଜ୍ୟର ସମ୍ପଦରେ ଭାଗିଦାର କରାଇବାର ଏକ ମାର୍ଗ । ଏ ତାଲିକାର ଶୀର୍ଷରେ ଥିଲେ ପୈଗମ୍ବରଙ୍କ ପତ୍ନୀଗଣ । ସକଳ ମକ୍କା ଓ ମଦିନା ନିବାସୀ ଏହାର ଅନ୍ତର୍ଭୁକ୍ତ ଥିଲେ । ପ୍ରାଶାସନିକ କାର୍ଯ୍ୟରେ ଇସଲାମୀୟ ପଞ୍ଜିକା ଉପଯୋଗ କରିବାର ନିଷ୍ପତ୍ତି ମଧ୍ୟ ଥିଲା ଉମରଙ୍କର ।

ଆରବ ଜନଜାତିଙ୍କ ଆକ୍ରମଣ ସମ୍ମୁଖରେ ମଥାବନତକାରୀ ଦୁଇ ଶକ୍ତିଶାଳୀ ସାମ୍ରାଜ୍ୟ ଏଣିକି ଇସଲାମ ଏକତାର ବିଶାଳ ପ୍ଲାବନରେ ଡୁବିଗଲେ । ବାଇଜାଣ୍ଟାଇନ ଓ ସସ୍‌ସାନୀ ତାକତ ଏକ ମୁଖା ବୋଲି ପ୍ରମାଣିତ ହେଲା । କୁହାଯାଏ ଯେ ସେମାନେ ସାମାଜିକ ଓ ଧାର୍ମିକ ଅସନ୍ତୋଷରେ ସନ୍ତୁଳି ହେଉଥିଲେ । ବାଇଜାଣ୍ଟାଇନ ସାମ୍ରାଜ୍ୟର ପୂର୍ବ ପ୍ରଦେଶଗୁଡ଼ିକରେ ଗ୍ରୀକ ପ୍ରାଧାନ୍ୟ ବିରୋଧରେ ଏକ ଜାତୀୟତାବାଦୀ ଆକ୍ରୋଶ ରହିଥିଲା । ଆନୁଷ୍ଠାନିକ ଗୀର୍ଜାର ଧାର୍ମିକ ଅସହିଷ୍ଣୁତା ଯୋଗୁଁ ଏ ଆକ୍ରୋଶ ଶୀର୍ଷରେ ଉପନୀତ ହୋଇଥିଲା । ଅବୋଧ ଜଟିଳତା ଓ କଠିନତା ଉପରେ ବିବାଦାସ୍ପଦ ବିତର୍କ ନେଇ ଅସୁଖୀ କିଛି ବ୍ୟକ୍ତି ମଧ୍ୟ ନୂତନ ଏକେଶ୍ୱରବାଦୀ ବିଶ୍ୱାସର ସରଳତାକୁ ଅବଶ୍ୟ ସ୍ୱାଗତ କରିଥିବେ । ଜନତା ଆରବମାନଙ୍କୁ ଉତ୍ପୀଡ଼କ ଗ୍ରୀକ କର ବ୍ୟବସ୍ଥାରୁ ମୁକ୍ତି ପ୍ରଦାତା ଭାବେ ସ୍ୱାଗତ କରିଥିଲେ । ନୂତନ ଶାସକମାନେ ମଧ୍ୟ ସେମାନଙ୍କ ପାଇଁ ଅଜ୍ଞାତ ନ ଥିଲେ । କାରଣ ବଣିକ ଭାବେ ସେମାନେ ଥିଲେ ସୁପରିଚିତ । ଏ ସାମ୍ରାଜ୍ୟଗୁଡ଼ିକର ସୀମାନ୍ତ କ୍ଷେତ୍ରରେ ଆରବଭାଷୀ ବସତି ରହିଥିଲା ।

ଇରାନର କେନ୍ଦ୍ରାଞ୍ଚଳରେ ଆରବମାନଙ୍କ ପ୍ରତି କିଛିଟା ଜାତୀୟତାବାଦୀ ବିରୋଧ ସତ୍ତ୍ୱେ ସସ୍‌ସାନୀ ଭୂମିର ସ୍ଥିତି ମଧ୍ୟ ଥିଲା ଅନୁରୂପ । ଏକ ବିଶାଳ ରାଷ୍ଟ୍ର ଓ ଏହାର ଚିର ପ୍ରବର୍ଦ୍ଧମାନ ସଂଯନ୍ତ୍ର ପାଇଁ କର ପ୍ରଦାନ କରିବାର ଉତ୍ତରଦାୟିତ୍ୱରେ ଭାରାକ୍ରାନ୍ତ ଜନ ସମୂହ ସେମାନଙ୍କ ଉତ୍ପୀଡ଼ନକାରୀଙ୍କ ପରାଜୟରେ କ୍ୱଚିତ୍ ଅପ୍ରସନ୍ନ ହୋଇଥିବେ ।

### ୧୧.୪.୩ ଉସମାନ (ଖ୍ରୀ.୬୪୪-୬୫୬)

ଜଣେ ଇରାନୀ ଉମରଙ୍କୁ ହତ୍ୟା କଲା । ସେ ମୃତ୍ୟୁଶଯ୍ୟାରେ ତାଙ୍କ ଉତ୍ତରାଧିକାରୀ ଚୟନ ପାଇଁ ଏକ ଛ' ଜଣିଆ ପରିଷଦ ମନୋନୟନ କଲେ । ପରିଷଦ ଖଲିଫା ଭାବେ ଉସମାନଙ୍କୁ ବାଛିଲେ । ତାଙ୍କ ରାଜତ୍ୱରେ ପୂର୍ବରେ ଇରାନ ପଟକୁ ଏବଂ ପଶ୍ଚିମରେ ଇଜିପ୍ଟରୁ ସମ୍ପ୍ରସାରଣ ଜାରି ରହିଲା । ଏକତ୍ୱ ପାଇଁ କୁରାନ ପାଠର ମାନକୀକରଣ କରାଗଲା । ତାଙ୍କ ସମୟରେ ହିଁ ମକ୍କା ଓ ମଦିନାର କେତେକ ପରିବାରର ପ୍ରଚଣ୍ଡ ସମୃଦ୍ଧି ଈର୍ଷ୍ୟା ଓ ଅସନ୍ତୋଷର କାରଣ ହେଲା ଏବଂ ଇସଲାମରେ ପ୍ରଥମ ଗମ୍ଭୀର ବିଭାଜନ ଘଟିଲା ।

ଉସମାନ ଉମରଙ୍କ ଏକ ଦୃଢ଼ କେନ୍ଦ୍ରୀଭୂତ କର୍ତ୍ତୃତ୍ୱ ନିର୍ମାଣ ନୀତିରୁ ଓହରି ଗଲେ ନାହିଁ । ଅମୀର ଓ ପ୍ରଶାସକମାନଙ୍କ ଆନୁଗତ୍ୟ ସୁନିଶ୍ଚିତ କରିବାକୁ ସେ ମହତ୍ୱପୂର୍ଣ୍ଣ ପଦବୀରେ ନିଜ ଉମାୟ୍ୟା କୁଟୁମ୍ବର ସଦସ୍ୟମାନଙ୍କୁ ନିଯୁକ୍ତି ଦେବା ଆରମ୍ଭ କଲେ । ଏହା ପ୍ରିୟାପ୍ରୀତି ତୋଷଣ ଅଭିଯୋଗର କାରଣ ହେଲା । ଦାମାସ୍କସର ଅମୀର ରୂପେ ମୁଆୱିୟ୍ୟାଙ୍କ ନିଯୁକ୍ତି ଥିଲା ଏଭଳି ଏକ ଘଟଣା । ଏହାର ଅର୍ଥ ଥିଲା ମହମ୍ମଦଙ୍କ ପ୍ରତି ଘୋର ଶତ୍ରୁତା ମନୋଭାବ ପୋଷଣକାରୀ ମକ୍କାର କେତେକ ପରିବାର ହସ୍ତରେ ଅତ୍ୟଧିକ କ୍ଷମତା ଅର୍ପଣ । ଉପଦ୍ୱୀପ ବାହାରେ ଆରବମାନଙ୍କ ସମ୍ପତ୍ତି ମାଲିକାନା ଉପରେ ଉମର ଜାରି କରିଥିବା କଟକଣାକୁ ମଧ୍ୟ ଅଣଦେଖା କରାଗଲା ଏବଂ କେତେକ ବିଶେଷାଧିକାର ଭୋଗୀ ପରିବାରକୁ ବିଶାଳ ଭୂସମ୍ପଦ ନିର୍ମାଣ ପାଇଁ ଅନୁମତି ମିଳିଲା । ଉସମାନଙ୍କ ପାଖରେ ଉମରଙ୍କ ପ୍ରାଶାସନିକ ଓ ରାଜନୀତିକ ସାମର୍ଥ୍ୟ ନ ଥିଲା ।

ଅନ୍ୟାୟ, ପ୍ରାଶାସନିକ ତାତ୍କାଳିକତା ଓ ଆର୍ଥିକ ଅନିୟମିତତା ପରିଦୃଷ୍ଟ ହେଲା । ମହମ୍ମଦଙ୍କ ମୃତ୍ୟୁ କାଳରୁ ଖଲିଫା ପଦ ପାଇଁ ଅଭିଳାଷୀ ଅଲିଙ୍କ ସମର୍ଥକଙ୍କ ସମେତ ଉସମାନଙ୍କ ବିରୋଧୀମାନେ ଏ ପରିସ୍ଥିତିର ସଦୁପଯୋଗ କଲେ । ତେବେ ଅଳ୍ପ କେତେକଙ୍କ ସୁବିଧା ପାଇଁ ମହମ୍ମଦଙ୍କ ଉତ୍ତରାଧିକାରର ଯେଭଳି ଅସତ୍ ଉପଯୋଗ କରାଯାଉ ଥିଲା ତାହା ଅଲିଙ୍କ ଧାର୍ମିକ ଆଦର୍ଶବାଦ ଉପରେ ସନ୍ଦେହ ସୃଷ୍ଟି କରିଥିବାକୁ କେହି ପ୍ରତ୍ୟାଖ୍ୟାନ କରି ପାରିବେ ନାହିଁ । ନ୍ୟାୟୋଚିତ ଅଂଶରୁ ବଞ୍ଚିତ ହେଉଥିବା ଅନୁଭବ କରି ବିଭିନ୍ନ ଜନଜାତି ଗୋଷ୍ଠୀରେ ମଧ୍ୟ ଅସନ୍ତୋଷ ବୃଦ୍ଧି ପାଇଲା ।

ଅବସର ଭତ୍ତା ପ୍ରଦାନ ଯେତେବେଳେ ଅନିୟମିତ ହୋଇଗଲା ଅସନ୍ତୋଷର ସ୍ଫୁଲିଙ୍ଗ ଚରମକୁ ସ୍ପର୍ଶ କଲା । ମୁସଲମାନମାନଙ୍କ ଏକ ଗୋଷ୍ଠୀ ମଦିନାରେ ଉସମାନଙ୍କୁ ହତ୍ୟା କଲେ ।

### ୧୧.୪.୪ ଅଲି (ଖ୍ରୀ.୬୫୬-୬୬୧)

ଅଲି ଥିଲେ ପୈଗମ୍ବରଙ୍କ ପିତୃବ୍ୟ ପୁତ୍ର ଓ ଜାମାତା । ଉସମାନଙ୍କ ମୃତ୍ୟୁ ପରେ ସିରିଆ ବ୍ୟତୀତ ଅପର ସର୍ବତ୍ର ତାଙ୍କୁ ଖଲିଫା ରୂପେ ସ୍ୱୀକାର କରାଗଲା । ସିରିଆରେ ମୁଆୱିୟା ତାଙ୍କ କର୍ତ୍ତୃତ୍ୱକୁ ପ୍ରତ୍ୟାଖ୍ୟାନ କଲେ । ଅଲିଙ୍କ ଶାସନ ମୁସଲମାନମାନଙ୍କ ମଧ୍ୟରେ ପ୍ରଥମ ଗୃହଯୁଦ୍ଧର ସାକ୍ଷୀ ।

ଅଲିଙ୍କ ପାଖରେ ମହମ୍ମଦଙ୍କ ଉତ୍ତରାଧିକାରୀ ହେବାକୁ ଅନେକ ସଦ୍‌ଗୁଣ ରହିଥିଲା । ପ୍ରଥମ ଧର୍ମାନ୍ତରିତଙ୍କ ମଧ୍ୟରୁ ସେ ଥିଲେ ଜଣେ । ସେ ମଧ୍ୟ ଥିଲେ ମହମ୍ମଦଙ୍କ ଅନ୍ତରଙ୍ଗ ସହଯୋଗୀ । ସେ ଥିଲେ ସାହସୀ, ଧର୍ମନିଷ୍ଠ ଓ କୁରାନର ଆଦର୍ଶ ପ୍ରତି ସମର୍ପିତ । ତେବେ ରାଜନୀତିକ ସଫଳତା ପାଇଁ ଆବଶ୍ୟକ ସୁବିଧାବାଦ, ଦୂରଦୃଷ୍ଟି ଓ ଟାଣପଣ ଆଦି କେତେକ ଯୋଗ୍ୟତା ତାଙ୍କ ପାଖରେ ନ ଥିବା କେତେକ ବିଶ୍ଳେଷକ ଅନୁଭବ କରନ୍ତି । ପରିଶେଷରେ ଯେତେବେଳେ ସେ ଖଲିଫାପଣ ପ୍ରାପ୍ତ ହେଲେ ସେତେବେଳେ ଉସମାନଙ୍କ ହତ୍ୟା ଦ୍ୱାରା ଏହାର ପରମ ପାବନ ଚରିତ୍ର ଦୋଷଦୁଷ୍ଟ ହେଲା ।

ପୈଗମ୍ବରଙ୍କ ଜଣେ ପତ୍ନୀ ଆୟେସା ଅଲିଙ୍କ କର୍ତ୍ତୃତ୍ୱକୁ ଆହ୍ୱାନ କଲେ । ଉସମାନଙ୍କ ହତ୍ୟାର ପ୍ରତିଶୋଧ ନ ନେବା ଆରୋପ ଲଗାଇ ସେ ଅଲିଙ୍କ ପ୍ରାକ୍ତନ ସହଯୋଗୀମାନଙ୍କ ସହ ଖୋଲା ବିଦ୍ରୋହରେ ସାମିଲ ହେଲେ । ଦୁଇ ବାହିନୀର ସମ୍ମୁଖ ସମର ବେଳେ ସେ ବାସ୍ତବରେ ରଣକ୍ଷେତ୍ରରେ ଉପସ୍ଥିତ ଥିଲେ । ଅଲି ବିଦ୍ରୋହୀମାନଙ୍କୁ ବସ୍ରାରେ ପରାସ୍ତ କଲେ । ଏ ସମୟରୁ ଖଲିଫାଙ୍କ ରାଜଧାନୀ ରୂପେ ମଦିନା ପରିତ୍ୟକ୍ତ ହେଲା ଏବଂ କୁଫାରେ ନୂତନ ରାଜଧାନୀ ପ୍ରତିଷ୍ଠା କରାଗଲା । ଏହା ଥିଲା ଏ ପର୍ଯ୍ୟନ୍ତ ସମୁଦାୟ ମଧ୍ୟରେ ସବୁଠାରୁ ଗମ୍ଭୀର ବିଭାଜନ । ପୈଗମ୍ବରଙ୍କ ଅନେକ ସାଥୀ ବିରୋଧୀ ପକ୍ଷମାନଙ୍କରେ ରହିଥିଲେ ଏବଂ ଅନେକ ଆଦି ମୁସଲମାନ ହତ୍ୟାର ଶିକାର ହେଲେ ।

ମୁଆୱିୟା ମଧ୍ୟ ଅଲିଙ୍କୁ ଭେଟି ପ୍ରଦାନ କରିବାକୁ ମନା କଲେ ଏବଂ ଦୁଇ ବାହିନୀ ସିଫ୍‌ଫିନରେ ପରସ୍ପରର ସମ୍ମୁଖୀନ ହେଲେ । ମଧ୍ୟସ୍ଥତା ପ୍ରସ୍ତାବ ଗ୍ରହଣକରି ଅଲି ନିଜେ ମୁଆୱିୟାଙ୍କ କୌଶଳରେ ଫସିଗଲେ । ମଧ୍ୟସ୍ଥମାନେ ଅଲିଙ୍କ ବିରୋଧରେ ରାୟ ଦେଲେ ଏବଂ ଅଲି ସେମାନଙ୍କ ନିଷ୍ପତ୍ତି ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କଲେ ।

ଏହା ସହ ସଂପୃକ୍ତ ଏକ ଘଟଣାରେ ଅଲିଙ୍କ ସ୍ଥିତି ଦୁର୍ବଳ ହୋଇଗଲା । ନିଷ୍ଠାବନ୍ତ ଅନୁଗାମୀଙ୍କ ଏକ ବିଶାଳ ଗୋଷ୍ଠୀ ତାଙ୍କ ଠାରୁ ଦୂରେଇ ଗଲେ । କାରଣ ସାଧାରଣ ମନୁଷ୍ୟଙ୍କ ମଧ୍ୟସ୍ଥତା ଗ୍ରହଣ ଦ୍ୱାରା ଅଲି ଖଲିଫାଙ୍କ କର୍ତ୍ତୃତ୍ୱକୁ ନ୍ୟୂନ କରି ଦେଇଥିବା ସେମାନେ ଅନୁଭବ କଲେ । ଖରାଜି ରୂପେ ସୁବିଦିତ ଏ ଧାର୍ମିକ ଆଦର୍ଶବାଦୀମାନେ ଅଲିଙ୍କ ରାଜନୀତିକ ସୁବିଧାବାଦୀ ହାବଭାବରେ ଭୟଙ୍କର କ୍ରୁଦ୍ଧ ହୋଇଥିଲେ । ମୁଆୱିୟାଙ୍କ ହିସାବ ନିକାସ ପୂର୍ବରୁ ଖରାଜିମାନଙ୍କ ଦଳନ ପାଇଁ ଅଲି ନିଷ୍ପତ୍ତି ନେଲେ । ନିର୍ଦ୍ଦୟ ଭାବେ ସେ ଏହା ସମ୍ପନ୍ନ କଲେ । ଧର୍ମନିଷ୍ଠ ମୁସଲମାନମାନଙ୍କ ହତ୍ୟା ଫଳରେ ଅଲିଙ୍କ ବହୁ ସମର୍ଥକ ପୁଣି ତାଙ୍କୁ ପରିତ୍ୟାଗ କଲେ । ସିରିଆରେ ମୁଆୱିୟାଙ୍କ ସ୍ୱାତନ୍ତ୍ର୍ୟ ଓ ଇଜିପ୍ଟରେ ତାଙ୍କ ଅତିକ୍ରମଣ ନେଇ ଅଲିଙ୍କୁ ଆପେ ସନ୍ତୁଷ୍ଟ ରହିବାକୁ ପଡ଼ିଲା । ଜଣେ ଖରାଜି ଅଲିଙ୍କୁ ହତ୍ୟା କଲେ । ଏଣିକି କର୍ତ୍ତୃତ୍ୱ ଜାହିର କରିବାକୁ ମୁଆୱିୟା ଥିଲେ ମୁକ୍ତ । ଏହା ଫଳରେ ଉମାୟୟୀ ଖଲିଫାତନ୍ତ୍ର ପ୍ରତିଷ୍ଠା ହେଲା ।

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଉମର ଇସଲାମୀୟ ରାଷ୍ଟ୍ରକୁ ଦୃଢ଼ କଲେ କିପରି ?

.............................................................................................

.............................................................................................

.............................................................................................

.............................................................................................

.............................................................................................

.............................................................................................

.............................................................................................

| |
|---|
| ........................................................................................................ |
| ........................................................................................................ |
| ........................................................................................................ |
| ........................................................................................................ |

## ୧୧.୫ ଉମାୟୂୟୀ ଖଲିଫାତନ୍ତ୍ର

ଅନେକ ଆଦି ଆରବ ଓ ଆଧୁନିକ ଐତିହାସିକ ଉମାୟ୍ୟୀ ଖଲିଫାତନ୍ତ୍ର ପ୍ରତିଷ୍ଠାକୁ ଧର୍ମତାନ୍ତ୍ରିକ ସମୁଦାୟ ସଂକ୍ରାନ୍ତ ମୌଳିକ ଇସଲାମୀୟ ଭାବଧାରାର ପରିତ୍ୟାଗ ଏବଂ ଐହିକ ରାଜତନ୍ତ୍ର ଦ୍ୱାରା ଏହାର ପ୍ରତିସ୍ଥାପନ ରୂପେ ଦେଖନ୍ତି । ଏହାର ଅନ୍ତର୍ନିହିତ ମାନ୍ୟତା ହେଲା: ସାମାଜିକ ଓ ରାଜନୀତିକ ସଂଗଠନ ସମ୍ବନ୍ଧିତ ଏକ ସ୍ପଷ୍ଟ ଅଭିବ୍ୟକ୍ତ ଇସଲାମୀୟ ଭାବଧାରା ରହିଥିଲା ଯାହା ମୁଆୱିୟ୍ୟା ତାଙ୍କ ପରିବାରକୁ ଏକ ଆରବ ଶାସକ ବଂଶ ରୂପେ ପ୍ରତିଷ୍ଠା କଲା ବେଳେ ପରିତ୍ୟାଗ କଲେ ।

ଏହାର ବିପରୀତରେ ଖଲିଫାତନ୍ତ୍ରର କୌଣସି ସ୍ପଷ୍ଟ ତତ୍ତ୍ୱ ପ୍ରସ୍ତୁତ ହୋଇ ନ ଥିଲା । ପ୍ରଥମ ତିନି ଖଲିଫା ଭିନ୍ନ ଭିନ୍ନ ପଦ୍ଧତିରେ ବଛା ଯାଇଥିଲେ । ମଦିନାର ପରିବାର ସମୂହ ଏବଂ ଅନ୍ୟତ୍ର ଥିବା ମୁସଲମାନମାନଙ୍କ ଦ୍ୱାରା ଖଲିଫାଙ୍କ କର୍ତ୍ତୃତ୍ୱ ଗ୍ରହଣରେ ସେମାନଙ୍କ ବୈଧତା ନିହିତ ଥିଲା । ପ୍ରଥମ ଚାରି ଖଲିଫା ଥିଲେ କୁରେସ ଜନଜାତିର ଅଂଶ । ସେ ଜନଜାତିର ଏ ବିଶେଷ ଅଧିକାର କୌଣସି ଦୟା କି ଦାକ୍ଷିଣ୍ୟ ନ ଥିଲା । ପ୍ରଭାବଶାଳୀ କେନ୍ଦ୍ରୀଭୂତ ନିୟନ୍ତ୍ରଣ ମାଧ୍ୟମରେ ପ୍ରସରଣଶୀଳ ସାମ୍ରାଜ୍ୟର ଏକତା ରକ୍ଷାରେ ସେମାନଙ୍କ ସାମର୍ଥ୍ୟ ଥିଲା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

ଉମାୟ୍ୟୀମାନେ ମୁସଲମାନମାନଙ୍କୁ ପ୍ରଦାନ କରିଥିବା ରାଜନୀତିକ ଏକତା ଫଳରେ କୁରାନର ଅନ୍ତର୍ନିହିତ ଅର୍ଥର ଚିନ୍ତନ ଏବଂ ଏହାର ବିସ୍ତାର ପୂର୍ବକ ପ୍ରସ୍ତୁତି ସମ୍ଭବ ହୋଇପାରିଲା । ଇସଲାମୀୟ ରାଷ୍ଟ୍ରର ସ୍ଥିରତା ଯୋଗୁଁ ବହୁ ପୀଢ଼ି ଧରି ମୁସଲମାନମାନଙ୍କ ମଧ୍ୟରେ ଏହାର ପ୍ରଚାର ପ୍ରସାର ସମ୍ଭବ ହେଲା । ବହୁ ଶତାବ୍ଦୀ ଧରି ଏବଂ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ଇସଲାମୀୟ ପରମ୍ପରା ସମୂହ

ସେମାନଙ୍କ ବିଶେଷ ପରିପାର୍ଶ୍ୱ ତଥା ପରିପାର୍ଶ୍ୱରେ ଥିବା ଅପର ପରମ୍ପରାଗୁଡ଼ିକ ସହ ସେମାନେ ପ୍ରତିଷ୍ଠା କରିଥିବା ସମ୍ୱନ୍ଧର ହିଁ ପ୍ରତିଫଳନ ।

### ୧୧.୫.୧ ମୁଆୱିୟା ଓ ବଂଶଗତ ଶାସନ

ଦାମାସ୍କସରେ ମୁଆୱିୟା (ଖ୍ରୀ.୬୬୧-୬୮୦) ନିଜକୁ ଖଲିଫା ଘୋଷଣା କଲେ । ଉମରଙ୍କ ପ୍ରତିଷ୍ଠିତ ଏବଂ ଅଲିଙ୍କ ଖଲିଫାତ୍ୱ କାଳରେ ଗମ୍ଭୀର ଆହ୍ୱାନର ସମ୍ମୁଖୀନ ହୋଇଥିବା ମୁସଲମାନୀ ରାଷ୍ଟ୍ରର କେନ୍ଦ୍ରୀଭୂତ କ୍ଷମତାର ପୁନରୁଦ୍ଧାର ହେଲା । ପବିତ୍ର ନଗର ମକ୍କା ଓ ମଦିନାର ଅନୁମୋଦନ ଉପରେ ମୁଆୱିୟା ଥିଲେ କମ୍ ନିର୍ଭରଶୀଳ । ସିରୀୟ ବାହିନୀ ଓ ରାଜସ୍ୱ ତାଙ୍କୁ କର୍ତ୍ତୃତ୍ୱ ଜାହିର ପାଇଁ ଆବଶ୍ୟକ କ୍ଷମତା ପ୍ରଦାନ କରିଥିଲା । ଆରବମାନେ ମଧ୍ୟ ଅସନ୍ତୋଷ ଓ ରାଜନୀତିକ ବିଭେଦ ଭୟରେ ତାଙ୍କୁ ସାଧାରଣ ଭାବେ ସମର୍ଥନ କଲେ । ମୁଆୱିୟା ଇସଲାମର ଏକତା ପାଇଁ ରାଜନୀତିକ ଔଦ୍ଧତ୍ୟକୁ ନିର୍ଦ୍ଦୟ ଭାବେ ଦମନ କଲେ ।

ଖୁରାସାନ ପୁନର୍ବିଜିତ ହେଲା । ଆରବ ଶାସକ ଶ୍ରେଣୀର ଅନନ୍ୟତା ରକ୍ଷା ପାଇଁ ଅନେକ ସାମରିକ ସହର ପ୍ରତିଷ୍ଠା କରାଗଲା । ମୁସଲମାନ ସେନା ଆହୁରି ଆଗକୁ ପୂର୍ବ ଇରାନ ଓ ଅକ୍ସସ ଉପତ୍ୟକା ଭିତରକୁ ଭେଦିଗଲେ । ବିଫଳ ହେଲେ ମଧ୍ୟ କନଷ୍ଟାଣ୍ଟିନୋପଲ ଅବରୋଧ କରାଗଲା । ଅଲଜେରିଆ ପର୍ଯ୍ୟନ୍ତ ଉତ୍ତର ଆଫ୍ରିକା ଅଧିକୃତ ହେଲା । ମୁଆୱିୟା ଥିଲେ ଜଣେ କୁଶଳୀ ପ୍ରଶାସକ । ଧର୍ମାନ୍ତରଣକୁ ନିରୁତ୍ସାହିତ କରିବା ନୀତିର ନିରନ୍ତରତା ସେ ବଜାୟ ରଖିଲେ ।

ମୁଆୱିୟା ଜଣେ ଏକଛତ୍ର ସମ୍ରାଟ ରୂପେ କାର୍ଯ୍ୟ କରୁଥିଲେ । ଆରବମାନଙ୍କ ପାଇଁ ଏକ ଆଦର୍ଶ ଭାବେ ରାଜପଣ ଥିଲା ଘୃଣ୍ୟ । ସେଇଥି ପାଇଁ ମୁସଲମାନୀ ଶାସକମାନେ ନିଜ ନିଜକୁ ଖଲିଫା ବା ପୈଗମ୍ବରଙ୍କ ପ୍ରତିଭୂ ରୂପେ ଅଭିହିତ କରିବା ଜାରି ରଖିଥିଲେ । ତେବେ ଉତ୍ତରାଧିକାର ନିମିତ୍ତ ସଂଘର୍ଷ ଇସଲାମୀୟ ରାଷ୍ଟ୍ର ପାଇଁ କି କ୍ଷତି ପହଞ୍ଚାଇବ ସେଥି ନେଇ ମୁଆୱିୟା ଥିଲେ ସଚେତନ । ସେ ତେଣୁ ତାଙ୍କ ପୁତ୍ର ୟାଜିଦକୁ ଉତ୍ତରାଧିକାରୀ ଘୋଷଣା କରିଥିଲେ ।

ୟାଜିଦ ମଧ୍ୟ ତାଙ୍କ କର୍ତ୍ତୃତ୍ୱ ପ୍ରତି ଆହ୍ୱାନର ସମ୍ମୁଖୀନ ହେବାରେ ଏବଂ ବିସ୍ତାରର ବେଗ ବଜାୟ ରଖିବାରେ ଖୁବ୍ ବ୍ୟସ୍ତ ଥିଲେ । ମଦିନାର ଜନତା ବଂଶଗତ ଉତ୍ତରାଧିକାର ନୀତିକୁ ସ୍ୱୀକୃତି ଦେବାକୁ ପ୍ରତ୍ୟାଖ୍ୟାନ କଲେ । କୁଫାସ୍ଥ ଅଲିଙ୍କ ସମର୍ଥକମାନେ (ସିଆ-ଇ-ଅଲି) ମଧ୍ୟ ତାଙ୍କ ପୁତ୍ର ତଥା ପୈଗମ୍ବରଙ୍କ ନାତି ହୁସେନଙ୍କୁ ଖଲିଫାତ୍ୱ ଉପରେ ଦାବି ଉପସ୍ଥାପନ ପାଇଁ ପ୍ରୋତ୍ସାହିତ କଲେ । ହୁସେନ ଏକ କ୍ଷୁଦ୍ର ସେନା ଯୋଗାଡ଼ କରିବାରେ ସମର୍ଥ ହେଲେ । ୟାଜିଦଙ୍କ ବିଶାଳ ସେନାର ସମ୍ମୁଖୀନ ହେବା ବେଳେ ସେ ଆତ୍ମସମର୍ପଣ କରିବାକୁ ମନା କଲେ । ତେବେ ତାଙ୍କୁ ଫେରିଯିବାକୁ ସୁଯୋଗ ଦିଆଗଲା । ଖ୍ରୀ.୬୮୦ରେ କରବାଲା ଠାରେ ସମର୍ଥକମାନଙ୍କ ସହ ହୁସେନଙ୍କ ଗଣହତ୍ୟା କରାଗଲା ।

ପୈଗମ୍ବରଙ୍କ ଜଣେ ଆତ୍ମୀୟର ହତ୍ୟା ଜନିତ ଆବେଗିକ ପ୍ରଭାବ ଥିଲା ଖୁବ୍ ତୀବ୍ର । ଆରବ ଉପଦ୍ୱୀପରେ ବିଦ୍ରୋହର ବହ୍ନି ଜଳିଲା । ୟାଜିଦ ବିରୋଧୀ ପ୍ରତିରୋଧର ଅଧିନାୟକ ଭାବେ ଇବ୍ନ ଅଲ ଜୁବେରଙ୍କ ଅଭ୍ୟୁଦୟ ଘଟିଲା । ସେ ମକ୍କାରେ ନିଜକୁ ଖଲିଫା ଘୋଷଣା କଲେ । ତେବେ ତାଙ୍କ କର୍ତ୍ତୃତ୍ୱ ବାସ୍ତବରେ ଥିଲା ସୀମିତ । ବିଭିନ୍ନ ଅସନ୍ତୁଷ୍ଟ ଗୋଷ୍ଠୀ ଥିଲେ ସକ୍ରିୟ । ଖ୍ରୀ.୬୮୪ରେ କେନ୍ଦ୍ର ଆରବରେ ଖରାଜି ଆନ୍ଦୋଳନ ଦ୍ୱାରା ଏକ ସ୍ୱଳ୍ପଜୀବୀ ସମତାବାଦୀ ଓ ଧର୍ମନିଷ୍ଠ ଶାସନ ପ୍ରତିଷ୍ଠିତ ହେଲା । କୁଫାରେ ଅଲିଙ୍କ ସିଆ (ଦଳ) ସକ୍ରିୟ ହେଲେ । ସେମାନେ ଇସଲାମକୁ ଧର୍ମାନ୍ତରିତ ଅଣଆରବ ମୱାଲିମାନଙ୍କୁ ଲୁଟ ଦ୍ରବ୍ୟରେ ସମାନ ଅଧିକାର ପ୍ରଦାନ କଲେ । ଇବ୍ନ ଅଲ ଜୁବେର ଏ ଶାସନକୁ ଦମନ କଲେ । ଉତ୍ତର ଆଫ୍ରିକାର ବେର୍ବେରମାନେ *(Berbers)* ଉମାୟ୍ୟାମାନଙ୍କ ବିରୋଧରେ ବିଦ୍ରୋହ କଲେ ।

ମୁଆୱିୟ୍ୟାଙ୍କ ଜଣେ ପିତୃବ୍ୟ ପୁତ୍ର ମରୱନ (ଖ୍ରୀ. ୬୮୩-୬୮୫) ଉମାୟ୍ୟାମାନଙ୍କ କର୍ତ୍ତୃତ୍ୱ ପୁନର୍ଜାହିର କଲେ । ତାଙ୍କ ପୁତ୍ର ଅବ୍ଦ ଅଲ ମଲିକ (ଖ୍ରୀ.୬୮୫-୭୦୫) ମଦିନାବାସୀଙ୍କୁ ପରାସ୍ତ କଲେ । ଏ ପ୍ରକ୍ରିୟାରେ କାବାକୁ ହାନି ପହଞ୍ଚିଲା ।

ଅବ୍ଦ ଅଲ ମଲିକଙ୍କ ଅଧୀନରେ ଖଲିଫାଙ୍କ କେନ୍ଦ୍ରୀଭୂତ କର୍ତ୍ତୃତ୍ୱ ପୁଣି ଥରେ ପ୍ରତିଷ୍ଠା କରିବାକୁ ଉଦ୍ୟମ ହେଲା । ସେ ପୂର୍ବ ପ୍ରଦେଶଗୁଡ଼ିକରେ ଶାସନ ପାଇଁ ହଲ୍ଲାଜ ଇବ୍ନ ୟୁସୁଫ ନାମକ ଜଣେ ଉଦ୍‌ଯୋଗୀ

ପ୍ରଶାସକଙ୍କୁ ଅମୀର ନିଯୁକ୍ତ କଲେ । ହଲ୍ଲାଜ ଇରାକର ସଓ୍ୱାଦରେ ଜଳସେଚନ କ୍ଷେତ୍ରରେ ନିବେଶ ବୃଦ୍ଧି କଲେ ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହନ ଦେଲେ । ସେ ଦୃଢ଼ ଭାବରେ ଶାସନ କଲେ ଏବଂ ସକଳ ଅସନ୍ତୋଷ ଦମନ କଲେ ।

ଅବ୍ଦ ଅଲ ମଲିକଙ୍କ ଆଦର୍ଶରେ ଇସଲାମର ରାଜନୀତିକ ଏକତ୍ୱ ଭାବଧାରାର ନିରନ୍ତରତା ବଜାୟ ରହିଥିଲା । କୁରାନ ଆବୃତ୍ତିରେ ସମରୂପତା ପ୍ରବର୍ତ୍ତନ କରାଗଲା । ଇସଲାମୀୟ ଅଭିଲେଖ ଥିବା ନୂତନ ମୁଦ୍ରା ପ୍ରଚଳିତ ହେଲା । ଇହୁଦୀ ଓ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପରମ ପାବନ ନଗରୀ ଜେରୁଜେଲମରେ ପ୍ରଥମ ପ୍ରମୁଖ ଇସଲାମୀୟ ସ୍ମାରକ ଶିଳା ଗମ୍ବୁଜ *(The Dome of the Rock)* ପୂର୍ଣ୍ଣାଙ୍ଗ ହେଲା । ମୁସଲମାନମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ବିଭିନ୍ନ ସାମରିକ ନଗରୀରେ ନ୍ୟାୟାଧୀଶ ବା କାଜି ନିଯୁକ୍ତ କରାଗଲା । ଇସଲାମକୁ ନିରନ୍ତର ଏକ ଆରବ ଧର୍ମ ବିବେଚନା କରାଯାଉ ଥିଲା ଏବଂ ଧର୍ମାନ୍ତରଣ ନିରୁତ୍ସାହିତ ହେଉଥିଲା ।

ଅଲ ଓ୍ୱଲିଦ(ଖ୍ରୀ.୭୦୫-୭୧୫)ଙ୍କ ଶାସନରେ ପୂର୍ବ ଗୃହଯୁଦ୍ଧମାନଙ୍କରେ ହରାଇଥିବା ଅଞ୍ଚଳ ସବୁର ପୁନରୁଦ୍ଧାର ହେଲା; ପଶ୍ଚିମରେ ବିସ୍ତାର ବୃଦ୍ଧି ପାଇଲା । ଇସଲାମକୁ ସାମୂହିକ ଭାବେ ଧର୍ମାନ୍ତରିତ ଉତ୍ତର ଆଫ୍ରିକାର ବେର୍ବେର ଜନଜାତିଙ୍କ ଉପଯୋଗରେ ସ୍ପେନ ଉପରେ ବିଜୟ ପ୍ରାପ୍ତ ହେଲା । ଆରବମାନେ ଏହାକୁ ଅଲ-ଅନ୍ଦାଲୁସିଆ (ବଦମାସ ଦେଶ) ରୂପେ ନାମିତ କଲେ । ଆରବ, ବେର୍ବେର ଓ ସ୍ପେନୀୟ ଉପାଦାନର ସମ୍ମିଶ୍ରଣରେ ଏଠାରେ ମୁର ସଂସ୍କୃତିର ବିକାଶ ହେଲା ।

ପୂର୍ବରେ ମୁସଲମାନ ସେନା ସିନ୍ଧ ଭିତରକୁ ଖେଦିଗଲେ । ଏଠାରେ ବୌଦ୍ଧ ବଣିକ ଶ୍ରେଣୀ ଇସଲାମକୁ ଧର୍ମାନ୍ତରିତ ହୋଇଥିବା ପ୍ରତୀତ ହୁଏ । ଖଲିଫା ସାମ୍ରାଜ୍ୟର ସୀମା ସିଙ୍କିଆରେ ପହଞ୍ଚିବା ପର୍ଯ୍ୟନ୍ତ କେନ୍ଦ୍ର ଏସିଆରେ ବିସ୍ତାର ଜାରି ରହିଲା ।

ଏ ସମୟରେ ସାମ୍ରାଜ୍ୟରେ ରାଜନୀତିକ ଓ ପ୍ରାଶାସନିକ ଏକତ୍ୱ ସଫଳ ରୂପେ ଲାଗୁ କରାଗଲା । କେନ୍ଦ୍ର ଦ୍ୱାରା ଅମୀରମାନେ ନିଯୁକ୍ତ ହେଲେ ଏବଂ ପ୍ରାଶାସନିକ ଭାଷା ଭାବେ ଏଣିକି ଆରବୀ ବ୍ୟବହୃତ ହେଲା । ଆରବମାନେ ଅଧିଗ୍ରହଣକାରୀ ସେନାରୁ ଶାସକ ଶ୍ରେଣୀରେ ରୂପାନ୍ତରିତ ହେଲେ ।

ସାମ୍ରାଜ୍ୟର ଆର୍ଥିକ ଉତ୍ସଗୁଡ଼ିକୁ ପ୍ରତ୍ୟକ୍ଷରେ ନିୟନ୍ତ୍ରଣ କରିବାର କଷ୍ଟ ସହନ ଥିଲା ଖଲିଫା ରାଜ୍ୟର କେନ୍ଦ୍ରୀକରଣ ପ୍ରୟାସ ସଫଳ ହେବାର କାରଣ । ପୂର୍ବ ଶାସନର ବିସ୍ଥାପିତ ବିଶେଷାଧିକାର ଭୋଗୀ ଅଭିଜାତମାନଙ୍କୁ ଏହା କୌଣସି ସୁବିଧା ପ୍ରଦାନ କରୁ ନ ଥିଲା । ଏଇଥି ପାଇଁ ଏକ ଅଧିକ ନ୍ୟାୟସଙ୍ଗତ କର ବ୍ୟବସ୍ଥା ପ୍ରବର୍ତ୍ତନରେ ଏହା ସମର୍ଥ ହୋଇଥିଲା । ଜନତା ଏହାକୁ ବିପୁଳ ସ୍ୱାଗତ କରିଥିଲେ । ନ୍ୟାୟସଙ୍ଗତ କରନୀତି ଅନୁସରଣ ଫଳରେ ବ୍ୟକ୍ତି ଉପରେ ଏକ କର ମୁଣ୍ଡ କର ବା ଜଜିୟା ବସିଥିଲା । ପୂର୍ବବର୍ତ୍ତୀ ଶାସନଗୁଡ଼ିକରେ ମଧ୍ୟ ମୁଣ୍ଡ କର ବ୍ୟବସ୍ଥା ରହିଥିଲା । କିନ୍ତୁ କ୍ଷମତାଶାଳୀମାନେ ଅବ୍ୟାହତି ପାଇଥିଲେ । ଏବେ କେବଳ ଆରବମାନେ ବାଦ୍ ପଡ଼ିଲେ । ଧର୍ମାନ୍ତରିତ ଏବଂ ଏ ଦୃଷ୍ଟିରୁ ଜଣେ ମଓ୍ୱାଲି ବା ଅଧୀନ ମନୁଷ୍ୟ ଭାବେ ସମଗ୍ର ଆରବ ଜନଜାତିର ଅନୁରକ୍ତ ହେଲେ ଏଥିରୁ ନିସ୍ତାର ମିଳୁଥିଲା । ଅଣମୁସଲମାନ ଏବଂ ତାତ୍ପର୍ଯ୍ୟ ଦୃଷ୍ଟିରୁ ଅଣଆରବ ସମୂହଙ୍କୁ ଜିମ୍ମି ପାହ୍ୟା ଦିଆଯାଇ ଥିଲା । ଏମାନେ ମୁଣ୍ଡ କର ଦେଉଥିଲେ; କିନ୍ତୁ ଏମାନଙ୍କୁ ରାଷ୍ଟ୍ର ପାଇଁ ଲଢ଼ିବାକୁ ପଡୁ ନ ଥିଲା ।

### ୧୧.୫.୨ ଉମାୟୟୀମାନଙ୍କ ଅନ୍ତ

ରାଷ୍ଟ୍ରର ଆର୍ଥିକ ଆବଶ୍ୟକତା ନିରନ୍ତର ବୃଦ୍ଧି ପାଉଥିଲା । ଫଳରେ କୃଷକମାନଙ୍କ ଉପରେ ଚାପ ବଢୁଥିଲା । ଆରବମାନେ ଭୂଅର୍ଜନ ଏବଂ ରାଷ୍ଟ୍ର ଓ ଉତ୍ପାଦକମାନଙ୍କ ମଧ୍ୟରେ ଏକ ମଧ୍ୟସ୍ଥ ଶ୍ରେଣୀ ରୂପେ ବିକଶିତ ହେବା ଆରମ୍ଭ କରିବା ମାତ୍ରେ ଉତ୍ତେଜନା ପ୍ରକାଶ ପାଇଲା । ପ୍ରଜାମାନଙ୍କ ଠାରୁ ଦୂରରେ ସାମରିକ ନଗରୀମାନଙ୍କରେ ଏକାନ୍ତରେ ଥିବା ବେଳେ ଆରବମାନଙ୍କୁ ଶାସନ କରିବା ସହଜସାଧ୍ୟ ଥିଲା । ଅଣଆରବମାନେ ସମୃଦ୍ଧ ନଗରୀଗୁଡ଼ିକରେ ପ୍ରବାସନ ଏବଂ ଇସଲାମକୁ ଧର୍ମାନ୍ତରଣ ଆରମ୍ଭ କଲେ । ଫଳରେ ଆରବ ଓ ଅଣଆରବମାନଙ୍କ ମଧ୍ୟରେ ପୃଥକତ୍ୱ ଅସ୍ପଷ୍ଟ ହେବାକୁ ଲାଗିଲା ।

ସାମରିକ ସହରଗୁଡ଼ିକ ସେମାନଙ୍କ ଚରିତ୍ର ହରାଇଲେ । ଏ ନଗରୀଗୁଡ଼ିକର ପ୍ରବର୍ଦ୍ଧମାନ ସମ୍ପଦ ବାଣିଜ୍ୟ ପାଇଁ ଥିଲା ଏକ ପ୍ରୋତ୍ସାହନ । ଯୁଦ୍ଧର ଲୁଟପାଟରେ ସମ୍ପଦ ଆହରଣ ଭଳି ବାଣିଜ୍ୟ ଏକ ଲୋଭନୀୟ କାର୍ଯ୍ୟରେ ପରିଣତ ହେଲା । ଏଥିଯୋଗୁଁ ସାମରିକ ଅଭିଯାନର ଅଂଶ ବିଶେଷ ହେବାକୁ

ପ୍ରବର୍ଦ୍ଧମାନ କୁଣ୍ଠା ପ୍ରକାଶ ପାଇଲା । ସଂକ୍ଷେପରେ କହିଲେ ବିଜେତା ଆରବମାନେ ଅସୈନିକ ବା ବେସାମରିକରେ ପରିଣତ ହେଲେ ଏବଂ ବେସାମରିକମାନଙ୍କ ସାମାଜିକ ଓ ଆର୍ଥିକ ସମସ୍ୟା ସବୁ ସେମାନଙ୍କୁ ସ୍ପର୍ଶ କରିବା ଆରମ୍ଭ କଲା । ସାମରିକ ସହରଗୁଡ଼ିକ ଏଣିକି ସେମାନଙ୍କ ଉପରେ ମୂଳତଃ ନ୍ୟସ୍ତ କାର୍ଯ୍ୟର ବିପରୀତ ଭୂମିକା ନିର୍ବାହ କଲେ । ପୃଥକତ୍ୱର ସାଧନରୁ ସେଗୁଡ଼ିକ ସ୍ୱାଙ୍ଗୀକରଣର କେନ୍ଦ୍ରରେ ପରିଣତ ହେଲେ ।

ଧର୍ମାନ୍ତରଣର ସଂଖ୍ୟା ବୃଦ୍ଧି ମଧ୍ୟ ଗମ୍ଭୀର ପ୍ରତିଘାତକୁ ନିମନ୍ତ୍ରଣ କଲା । ମୱାଲିମାନେ ସେମାନଙ୍କ ପାହ୍ୟାକୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ଉପସ୍ଥାପନ କରିବା ଆରମ୍ଭ କଲେ ଏବଂ ଏକ ଇସଲାମୀୟ ରାଷ୍ଟ୍ରରେ ଆରବ ହେବା ଠାରୁ ମୁସଲମାନ ହେବାକୁ ଅଧିକ ମହତ୍ୱପୂର୍ଣ୍ଣ ବିବେଚନା କରାଯିବା ଉଚିତ ବୋଲି ଦାବି କଲେ । ଶାସନର ପ୍ରତିପକ୍ଷମାନେ ଏ ଆକ୍ରୋଶର ସଫଳ ବିନିଯୋଗ କଲେ ।

ଅଲ ୱଲିଦଙ୍କ ରାଜତ୍ୱ କାଳରେ ଆରବର ମୁସଲମାନମାନଙ୍କ ଦ୍ୱାରା ଉମାୟଦ୍ୟୀମାନଙ୍କ ଧାର୍ମିକ ସମାଲୋଚନା ମଧ୍ୟ ବୃଦ୍ଧି ପାଇଲା । ଇସଲାମୀୟ ରାଷ୍ଟ୍ର ଇସଲାମୀ ନୀତି ଓ ଆଦର୍ଶ ସହ ତାଳମେଳ ରଖି ମାନକ ନିର୍ଦ୍ଧାରଣ କରିବା ଉଚିତ ବୋଲି ଅନୁଭବ କରୁଥିବା ଲୋକମାନେ ଆରବ ଶିଷ୍ଟମାନଙ୍କ ଦ୍ୱାରା ପୂର୍ବତନ ବାଇଜାଣ୍ଟାଇନ ଶାସକ ଶ୍ରେଣୀର ଆଡ଼ମ୍ବରପୂର୍ଣ୍ଣ ସଂସ୍କୃତି ଓ ବିଳାସମୟ ଜୀବନ ଶୈଳୀର ସ୍ୱୀକରଣରେ ଅପ୍ରସନ୍ନ ହେଲେ ।

ପରପୀଡ଼କ ଓ ଆମୋଦପ୍ରିୟ ଖଲିଫା ସୁଲେମାନ(ଖ୍ରୀ.୭୧୫-୭୧୭)ଙ୍କ ରାଜତ୍ୱ କାଳରେ ଏ ସମାଲୋଚକମାନଙ୍କୁ ଆହୁରି ଅଧିକ ସାଜସାମାନ ପ୍ରାପ୍ତ ହେଲା । ତାଙ୍କ ଶାସନରେ ଜନଜାତୀୟ ସଂଘର୍ଷର ତୀବ୍ରତା ମଧ୍ୟ ବଢ଼ିଲା । ଏଣିକି ଏହା ଦୁଇ ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ପ୍ରଦେଶକୁ କେନ୍ଦ୍ର କରି ଦାନା ବାନ୍ଧିବାକୁ ଲାଗିଲା । ସିରିଆ ଆଧାରିତ ଗୋଷ୍ଠୀକୁ ଅନୁକମ୍ପା ଦେଖାଇ ସେ ଇରାନ ଓ ସାମ୍ରାଜ୍ୟର ପୂର୍ବାଂଶରେ ଆଧାର ଥିବା ସେମାନଙ୍କ ବିରୋଧୀ ଗୋଷ୍ଠୀଙ୍କୁ ଏକତ୍ୱ ସୂତ୍ରରେ ବାନ୍ଧି ହେବାକୁ ବାଧ୍ୟ କଲେ । ଉମାୟଦ୍ୟୀମାନଙ୍କ ସର୍ବାଧିକ ମୁଖର ସମାଲୋଚକ ସିଆମାନଙ୍କ ଆଧାର ଇରାକରେ ଥିଲା ।

ଅଦ୍ଦ ଅଲ ମଲିକଙ୍କ ପ୍ରତିନିଧି ହଲ୍ଲାଜଙ୍କ ଦ୍ୱାରା ବିରୋଧର ପ୍ରଭାବଶାଳୀ ଏବଂ ବହୁଳାଂଶରେ ନିର୍ଦ୍ଦୟ ଦମନ ତିକ୍ତତାର ଏକ ଇତିହାସ ଛାଡ଼ିଦେଇ ଗଲା ।

ଉମର ୨ୟଙ୍କ ବେଳ(ଖ୍ରୀ.୭୧୭-୭୨୦)କୁ ରାଷ୍ଟ୍ର ନିୟନ୍ତ୍ରଣରେ ଥିବା ସଂସାଧନ ସ୍ପଷ୍ଟତଃ ହ୍ରାସ ପାଇଥିଲା । କନଷ୍ଟାଣ୍ଟିନୋପଲ ଅଧିକାର ପାଇଁ ତାଙ୍କର ବିଫଳ ପ୍ରୟାସ ସମ୍ପଦ, ମାନବସମ୍ବଳ ଓ ଖଲିଫାଙ୍କ ଗୌରବ ଦୃଷ୍ଟିରୁ ଖୁବ୍ ମହଙ୍ଗା ସାବ୍ୟସ୍ତ ହେଲା । ସେ ଧର୍ମନିଷ୍ଠା ଓ ମିଳାମିଶା ମାଧ୍ୟମରେ ଉମାୟୟୀମାନଙ୍କ ପ୍ରତି ପ୍ରବର୍ଦ୍ଧମାନ ଧାର୍ମିକ ସମାଲୋଚନାକୁ ବନ୍ଦ କରିବାକୁ ଚେଷ୍ଟା କଲେ । ମଦିନାର ପରିବାର ସମୂହଙ୍କୁ ସ୍ୱତନ୍ତ୍ର ପ୍ରତିଷ୍ଠା ପୁନଃପ୍ରଦାନ କରାଗଲା । ସିଆ ଓ ଖରାଜି ପ୍ରତିପକ୍ଷଙ୍କ ସହ ମିଳାମିଶାର ପ୍ରୟାସ ହେଲା । ଇଜିପ୍ଟରେ ଗୀର୍ଜା ଭୂମିକୁ କର ପ୍ରଦାନରୁ ଅବ୍ୟାହତି ଦିଆଗଲା, ଅତିଶୟ ଓ ଅବୈଧ କର ଉଚ୍ଛେଦ କରାଗଲା ଏବଂ ପୂର୍ବର ଏଭଳି ସଂଗୃହୀତ କର ଫେରସ୍ତ ହେଲା । ସେ ମଧ୍ୟ ପ୍ରଦେଶମାନଙ୍କରେ ପ୍ରଭାବଶାଳୀ ଓ ସାଧୁ ଅମୀରଙ୍କୁ ନିଯୁକ୍ତି ଦେଲେ । ଇରାକରୁ ସିରୀୟ ସେନା ପ୍ରତ୍ୟାହାର କରି ସେ ଅସନ୍ତୋଷ ହ୍ରାସ ପାଇଁ ପ୍ରୟାସ କଲେ ଏବଂ ପ୍ରଦେଶଗୁଡ଼ିକୁ ସେମାନଙ୍କ ରାଜସ୍ୱ ଉପରେ ଅଧିକ ନିୟନ୍ତ୍ରଣ ପ୍ରଦାନ କଲେ ।

ଉମର ୨ୟ ପ୍ରତିଷ୍ଠିତ ନୀତି ବିପରୀତରେ ଜିମ୍ମିମାନଙ୍କୁ ଧର୍ମାନ୍ତରଣ ପାଇଁ ପ୍ରୋତ୍ସାହିତ କଲେ । ଏହା ଫଳରେ ଶାସକ ଶ୍ରେଣୀ ବିସ୍ତୃତ ହେଲା । ସମସ୍ତ ମୁସଲମାନଙ୍କ ପ୍ରତି ନୀତିଗୁଡ଼ିକୁ ସମାନ ଭାବେ ପ୍ରୟୋଗ ପୂର୍ବକ ସାମ୍ରାଜ୍ୟକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ସେ ଇସଲାମର ଉପଯୋଗ ଏକ ସିଦ୍ଧାନ୍ତ ଭାବେ କରିବାକୁ ଉଦ୍ୟମ କଲେ । ଏହାର ଅର୍ଥ ଅଧର୍ମାନ୍ତରିତଙ୍କ ବିରୋଧରେ ଏକ ବିଭେଦମୂଳକ ନୀତି ସ୍ଥାପନ । ଆରବମାନେ ସେମାନଙ୍କ ଉପଜର ଏକ ଦଶମାଂଶ ପ୍ରଦାନ କରୁଥିବା ବେଳେ ଅଣମୁସଲମାନମାନଙ୍କ ଠାରୁ ଖୁବ୍ ଅଧିକ ଖରାଜ ଆଦାୟ କରାଯାଉ ଥିଲା ।

ମୁସଲମାନମାନଙ୍କୁ ଜକାତ (ବୈଧ ଦାନ) ଏବଂ ଅଣମୁସଲମାନମାନଙ୍କୁ ଜଜିୟା ଦେବାକୁ ପଡୁଥିଲା । ମୁସଲମାନମାନଙ୍କ ଭୂଅର୍ଜନ ଏବଂ ଅଣମୁସଲମାନମାନଙ୍କ ଧର୍ମାନ୍ତରଣ ହେତୁ ରାଷ୍ଟ୍ରୀୟ ସଂଗ୍ରହ ହ୍ରାସ ପାଇଲା । କୃଷକଙ୍କ ଧର୍ମ ନିର୍ବିଶେଷରେ ସମସ୍ତ ମୂଳ ଖରାଜି ଭୂମିରୁ ଉଚ୍ଚ ହାରରେ କର ଆଦାୟ ଜାରି ରଖିବା ପାଇଁ ଅଲ ହଲ୍ଲାଜ ଜୋର ଦେଲେ । ଅଧିକୃତ ଭୂମିରେ ଭୂସମ୍ପଦ ଅର୍ଜନକାରୀ ଧନୀ

ଆରବମାନେ ଏଥିରେ କ୍ରୁଦ୍ଧ ହେଲେ । ପୂର୍ବବର୍ତ୍ତୀ ଅସମ ବିଧାନକୁ କୌଣସି ପ୍ରକାର ପ୍ରତ୍ୟାବର୍ତ୍ତନ କ୍ରମବର୍ଦ୍ଧମାନ ଅଣଆରବ ମୁସଲମାନମାନଙ୍କ ପାଇଁ ଅଧିକ କ୍ରୋଧର କାରଣ ହୋଇଥାନ୍ତା । ଉମର ୨ୟ ଏକ ମଧ୍ୟମ ମାର୍ଗ ପ୍ରସ୍ତୁତ କଲେ । ଏହା ଅନୁସାରେ ହିଜରି ଅବ୍ଦ ୧୦୦ ପରେ ମୁସଲମାନମାନଙ୍କ ଦ୍ୱାରା ଅର୍ଜିତ ଭୂମି ଏବଂ ଧର୍ମାନ୍ତରିତ ମାଲିକଙ୍କ ଭୂମି ଉପରେ ଅବ୍ୟାହତି ମିଳିଲା ନାହିଁ ଏବଂ ଖରାଜ ଦେବାକୁ ପଡ଼ିଲା ।

ଉମର ୨ୟଙ୍କ ପରେ ସ୍ୱଚ୍ଛନ୍ଦ ୟାଜିଦ ୨ୟ (ଖ୍ରୀ.୭୨୦-୭୨୪) ଶାସନ କଲେ । ହିସାମଙ୍କ ଅଧୀନରେ ପୁଣି ଥରେ ଦୃଢ଼ ଶାସନ (ଖ୍ରୀ.୭୨୪-୭୪୩) ଫେରି ଆସିଲା । ରାଷ୍ଟ୍ରର ଆବଶ୍ୟକତା ପରିପୂରଣ ପାଇଁ କର ବୃଦ୍ଧି କରାଗଲା । ଉମାୟ୍ୟୀ ଅଭିଜାତବର୍ଗ ସେମାନଙ୍କ ବିଶେଷାଧିକାର ଅଥବା ରାଷ୍ଟ୍ର ଠାରୁ ଗ୍ରହଣ କରୁଥିବା ବିପୁଳ ସହାୟତାରୁ କୌଣସିଟି ମଧ୍ୟ ଛାଡ଼ିବାକୁ ଅନିଚ୍ଛୁକ ଥିଲେ । ରାଷ୍ଟ୍ର ମଧ୍ୟ ଜଳସେଚନ ବ୍ୟବସ୍ଥାରେ ନିବେଶ ଦ୍ୱାରା ଏହାର ଆୟ ବୃଦ୍ଧି ପାଇଁ ବିସ୍ତର ପ୍ରୟାସ କଲା । ଅବ୍ୟବହୃତ କେନାଲର ସଫେଇ ଏବଂ ନୂତନ କେନାଲ ଖୋଦନ କରାଗଲା । ଅମଲାତନ୍ତ୍ରର ବିସ୍ତାର ଘଟାଇ ସେ କର ସଂଗ୍ରହ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣିଲେ । ତାଙ୍କର କଠୋର ବିତ୍ତୀୟ ନୀତି ଜନତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କଲା । ସେ ମଧ୍ୟ ଥିଲେ ଜଣେ ଏକଛତ୍ରବାଦୀ । ଇରାକରେ ସିରିଆର ଶାସନ ବିରୋଧରେ କ୍ରୋଧ ପୁଣି ବୃଦ୍ଧି ପାଇଲା । ସିଆମାନେ ବିଦ୍ରୋହ କଲେ; କିନ୍ତୁ ସେମାନଙ୍କୁ ଦମନ କରାଗଲା ।

ସଂସାଧନର ଆବଶ୍ୟକତା ହେତୁ ବିସ୍ତାର ପାଇଁ ମଧ୍ୟ ପ୍ରୟାସ କରାଗଲା । ଖ୍ରୀ.୭୩୮ରେ ସ୍ପେନର ଅମୀର ଅବ୍ଦ ଅଲ ରହମନ ବେର୍ଡ୍ଡ୍ୟୁକ୍ସ ଦ୍ୱିତୀୟଙ୍କୁ କ୍ଷମତାଚ୍ୟୁତ କରି ପ୍ୟାରିସ ସମୀପରେ ଉପନୀତ ହେଲେ । ଏ ଅଞ୍ଚଳରେ ବିସ୍ତାର ପାଇଁ ମାନବ ସଂସାଧନ ପ୍ରଦାନ କରିଥିବା ବେର୍ବେରମାନେ ସମସ୍ତେ ଥିଲେ ଧର୍ମାନ୍ତରିତ ମୁସଲମାନ । ସେମାନେ ଆରବମାନଙ୍କ ପ୍ରଦତ୍ତ ନିକୃଷ୍ଟ ପ୍ରତିଷ୍ଠାରେ କ୍ରୁଦ୍ଧ ହେଲେ । ସେମାନେ ଅର୍ଦ୍ଧଶୁଷ୍କ ଭୂମି ଦିଆଯାଇ ଥିବା ଦାବି କଲେ । ଖ୍ରୀ.୭୩୪ରୁ ଖ୍ରୀ.୭୪୨ ମଧ୍ୟରେ ଏ ପ୍ରଦେଶରେ ବିଦ୍ରୋହ ଲାଗି ରହିଥିଲା । ଏହା ଫଳରେ ଏ ଦିଗରେ ଅଧିକ ବିସ୍ତାର ସକଳ ପ୍ରାୟୋଗିକ ଦୃଷ୍ଟିକୋଣରୁ ଅବରୁଦ୍ଧ ହୋଇଯାଇ ଥିଲା ।

ଏହା ପରେ ଦୁର୍ବଳ ଓ ସ୍ୱଚ୍ଛନ୍ଦ ଶାସକମାନଙ୍କ ଧାଡ଼ି ଲାଗିଲା । ଅଲ ଓ୍ୱଲିଦ ୨ୟ (ଖ୍ରୀ.୭୪୩-୭୪୪) ଥିଲେ ଅଧାର୍ମିକ ଓ ଲମ୍ପଟ । ତିଷ୍ଠି ରହିବା ପାଇଁ ସେ ଗୋଟିଏ ଜନଜାତିକୁ ଅପର ସହ ଲଢ଼ାଇଲେ । ଆତ୍ମୀୟମାନେ ତାଙ୍କୁ ହତ୍ୟା କଲେ । ତାଙ୍କ ପରେ ୟାଜିଦ ୩ୟ ମାତ୍ର ଗୋଟିଏ ବର୍ଷ ପାଇଁ ଶାସନ କଲେ । ତାଙ୍କ ସମୟରେ ଶାସକ ଶ୍ରେଣୀର ଗୋଷ୍ଠୀଗତ ସଂଗ୍ରାମ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଲା । ସେ ମଧ୍ୟ ସୈନ୍ୟମାନଙ୍କ ଦରମା ହ୍ରାସ ଭଳି ବିନାଶକାରୀ ପଦକ୍ଷେପ ନେବାକୁ ବାଧ୍ୟ ହେଲେ । ଉମାୟୟୀ ଅମୀରମାନେ ସେମାନଙ୍କ ନିଯୁକ୍ତି କ୍ଷେତ୍ରରୁ ଅବୈଧ ଭେଟି ସଂଗ୍ରହ କରିବା ଆରମ୍ଭ କଲେ ଏବଂ ରାଷ୍ଟ୍ରୀୟ କ୍ଷମତାର ଅଧିକ ପକ୍ଷଚ୍ଛେଦନ ଘଟିଲା ।

ଶେଷ ଶାସକ ମରଓ୍ୱନ ୨ୟ(ଖ୍ରୀ.୭୪୪-୭୫୦)ଙ୍କ ସମୟରେ ଉମାୟୟୀମାନଙ୍କ ସମସ୍ୟା ଅବ୍ୟାହତ ରହିଥିଲା । ସେ ଷାଠିଏ ବର୍ଷ ବୟସରେ କ୍ଷମତାସୀନ ହୋଇଥିଲେ । ସମସ୍ତ ପ୍ରଦେଶରେ ଲୋକଙ୍କ ଅସନ୍ତୋଷ କୁହୁଁଳୁଥିଲା । ସିରିଆରେ ଗମ୍ଭୀର ବିଦ୍ରୋହ ଦେଖାଦେଲା । ଇରାକରେ ଖରାଜିମାନେ ବିଦ୍ରୋହ କଲେ । ସିଆ ପ୍ରଚାରକମାନେ ପ୍ରବର୍ଦ୍ଧମାନ ଅସ୍ଥିରତାର ସୁଯୋଗ ନେଲେ । ଅବଶିଷ୍ଟ ସାମ୍ରାଜ୍ୟ ଠାରୁ ସ୍ୱାଙ୍ଗୀକରଣ ପ୍ରକ୍ରିୟା ଭିନ୍ନ ସ୍ୱରୂପ ଧାରଣ କରିଥିବା ଖୁରାସାନରେ ସେମାନଙ୍କ ପ୍ରଚାର ବିଶେଷ ସଫଳତା ଲାଭ କଲା । ଏଠାରେ ଆରବ ସେନାକୁ ସାମରିକ ସହର ନୁହେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଖେଳେଇ ହୋଇ ରହିବାର ଅନୁମତି ଥିଲା । ଏଠାରେ ପ୍ରାକ୍ତନ ସାମନ୍ତୀ ପ୍ରଭୁ ଦିହକାନମାନେ ବିସ୍ଥାପିତ ହୋଇ ନ ଥିଲେ । ସେମାନଙ୍କୁ ରାଷ୍ଟ୍ରର ମିତ୍ର ଭାବେ ଗ୍ରହଣ କରାଯାଇ ଥିଲା । କୃଷକ, ଆରବ ଓ ଦିହକାନମାନଙ୍କ ମଧ୍ୟରେ ତେଣୁ ଏକ ମେଣ୍ଟ ଗଠିତ ହେଲା ।

ବିବିଧ ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ମହମ୍ମଦଙ୍କ ପିତୃବ୍ୟ ପୁତ୍ର ଅବ୍ବାସଙ୍କ ବଂଶଧର ଅବ୍ବାସୀମାନଙ୍କ ମଧ୍ୟରେ ନେତୃତ୍ୱ ପ୍ରାପ୍ତ ହେଲା । ସିଆମାନେ ଉମାୟୟୀମାନଙ୍କ ପ୍ରତି ଅବ୍ବାସୀମାନଙ୍କ ବିରୋଧ ପଶ୍ଚାତ୍‌ରେ ଏକଜୁଟ ହେଲେ । ଜଣେ ପ୍ରାକ୍ତନ କ୍ରୀତଦାସ ଅବୁ ମୁସଲିମ ଅବ୍ବାସୀ ପରିବାର ତରଫରୁ ମହମ୍ମଦଙ୍କ ନାମରେ ପ୍ରଭାବଶାଳୀ ପ୍ରଚାର ଚଳାଇ ରଖିଲେ । ମହମ୍ମଦଙ୍କ ପରିବାର ଉମାୟୟୀ ହଡ଼ପକାରୀଙ୍କ ଦ୍ୱାରା ଉତ୍ପୀଡ଼ିତ ହୋଇଥିଲେ । ସହିଦମାନଙ୍କ ପାଇଁ ବିଳାପର ପ୍ରତିନିଧିତ୍ୱକାରୀ କୃଷ୍ଣ ଧ୍ୱଜ ଅଧୀନରେ ଅବ୍ବାସୀମାନେ ବିଶେଷତଃ ଇରାନରେ ସମର୍ଥନ ସଂଗ୍ରହ କଲେ । ଅବୁ ମୁସଲିମ

ମରୱାନ ୨ୟଙ୍କୁ ଖ୍ରୀ.୭୫୦ରେ ପରାସ୍ତ କଲେ ଏବଂ ଅଲ-ସଫା ନୂତନ ନାମରେ ଅବ୍‌ବାସିଦ-ଇ-ଅବୁଲ ଅବ୍‌ବାସ ପ୍ରଥମ ଅବ୍‌ବାସୀ ଖଲିଫା ଘୋଷିତ ହେଲେ ।

## ୧୧.୬ ଅବ୍‌ବାସୀ ଖଲିଫାତନ୍ତ୍ର

ଅନେକ ଜନ ଅଭିପ୍ରାୟ ବିଶେଷତଃ ସିଆମାନଙ୍କ ଦାବିକୁ ସମର୍ଥନ କରି ଅବ୍‌ବାସୀମାନେ କ୍ଷମତାସୀନ ହେଲେ । ତେବେ କ୍ଷମତାକୁ ଆସିବା ପରେ ଜନତାଙ୍କ ପ୍ରତି ସେମାନଙ୍କ ଅଙ୍ଗୀକାର ଅତ୍ୟନ୍ତ ଗଭୀର ନ ଥିବା ସ୍ପଷ୍ଟ ହୋଇଗଲା । ସେମାନେ ଖଲିଫାତନ୍ତ୍ରକୁ ଏକ ନିରଙ୍କୁଶ ରାଜତନ୍ତ୍ର ଭାବେ ବ୍ୟବହାର କଲେ । ସିଆମାନେ ସେମାନଙ୍କ ଧାର୍ମିକ ଆଦର୍ଶବାଦ ମଧ୍ୟରେ ଉତ୍କୃଷ୍ଟ ମାର୍ଗ ଦର୍ଶନ କରାଇ ପାରୁଥିବା ଜଣେ ଯଥାର୍ଥ ମାର୍ଗଦର୍ଶିତ ଇମାମଙ୍କ ସନ୍ଧାନରେ ଥିଲେ । ଏ ମାର୍ଗ ଦର୍ଶନ କେବଳ ମହମ୍ମଦଙ୍କ ପରିବାରର କାହାରି ଠାରୁ ଆସି ପାରିବ ବୋଲି ସେମାନଙ୍କର ବିଶ୍ୱାସ ରହିଥିଲା । ଅବ୍‌ବାସୀମାନଙ୍କ ଦ୍ୱାରା ସେମାନେ ହତାଶ ହେଲେ ।

ଅବ୍‌ବାସୀ କ୍ଷମତାର ଆଧାର ଥିଲା ଖୁରାସାନୀ ସୈନ୍ୟମାନଙ୍କ ସାମରିକ ସମର୍ଥନ । ସ୍ଥିରତାର ପୁନରୁଦ୍ଧାର ଏବଂ ଉମାୟ୍ୟାମାନଙ୍କୁ ବିରୋଧ କରିଥିବା ବିଭିନ୍ନ ଗୋଷ୍ଠୀଙ୍କ ସହ ଅନେକ ସାଲିସ କରି ସେମାନେ କର୍ତ୍ତୃତ୍ୱ ଜାହିର କଲେ ।

ଅବ୍‌ବାସୀମାନେ ବଗଦାଦ ନଗରୀ ନିର୍ମାଣ କରି ଏହାକୁ ସେମାନଙ୍କ ରାଜଧାନୀ କଲେ । ଖଲିଫାତନ୍ତ୍ରର ବିଭିନ୍ନ ବ୍ୟାପାରରେ ସିରିଆର ପ୍ରାଧାନ୍ୟ ସରିଆସୁଥିବା ଏଥିରୁ ସୂଚିତ ହେଲା । ଅବ୍‌ବାସୀମାନଙ୍କ ଅଧୀନରେ ସମ୍ଭବତଃ ସିରିଆକୁ ବାଦ୍ ଦେଲେ ଅନ୍ୟ କୌଣସି ପ୍ରଦେଶ ସହ ବିଭେଦ କରାଗଲା ନାହିଁ । ସେମାନେ ଆରବ ଓ ନୂତନ ମୁସଲମାନମାନଙ୍କ ମଧ୍ୟରେ ରହିଥିବା ପାର୍ଥକ୍ୟ ଦୂର କରିବାକୁ ମଧ୍ୟ ଉଦ୍ୟମ କରିଥିଲେ । ନ୍ୟାୟ ବ୍ୟବସ୍ଥାରେ ଧାର୍ମିକ ଗୋଷ୍ଠୀର ବିଦ୍ୱାନ ସମାଲୋଚକମାନଙ୍କୁ ନିଯୁକ୍ତି ଦେଇ ଏବଂ ଇସଲାମୀୟ ଶିକ୍ଷା, ବିଧିଶାସ୍ତ୍ର ଓ ଧର୍ମତତ୍ତ୍ୱର ବିକାଶକୁ ପୃଷ୍ଠପୋଷକତା ପ୍ରଦାନ କରି ସେମାନେ ଧାର୍ମିକ ଗୋଷ୍ଠୀର ବିରୋଧକୁ ଶାନ୍ତ କଲେ । ଶାସକ

ଶ୍ରେଣୀରେ ଅଣଆରବମାନଙ୍କୁ ଗ୍ରହଣ କରି ସେମାନେ କ୍ଷମତାର ଆଧାରକୁ ପ୍ରଶସ୍ତ କଲେ । ଏ ଶ୍ରେଣୀକୁ ଏକାଠି ଧରି ରଖିବାକୁ ଅବ୍‌ବାସୀମାନେ ଦରବାର କୈନ୍ଦ୍ରିକ ଏକ ଉଚ୍ଚ ସଂସ୍କୃତିର ବିକାଶକୁ ପ୍ରୋତ୍ସାହନ ଦେଲେ । ଅବଶିଷ୍ଟ ମୁସଲମାନମାନଙ୍କ ପାଇଁ ସରିଆ(ବିଧି), ଫିକ(ବିଧିଶାସ୍ତ୍ର) ଓ ଫଲସଫା(ଦର୍ଶନ) ଭଳି ସୁବିସ୍ତୃତ ସାଂସ୍କୃତିକ ପରମ୍ପରାର ବିକାଶ ଦିଗରେ କାର୍ଯ୍ୟ କରିବା ନିମିତ୍ତ ସେମାନେ ଉଲେମାମାନଙ୍କୁ ମଧ୍ୟ ସଂସାଧନ ଜୁଟାଇଲେ ।

ଅଗ୍ରବର୍ତ୍ତୀ ଇରାନୀ ମହାନ ସସ୍‌ସାନୀମାନଙ୍କ ଅନୁସରଣରେ ସେମାନେ ଏକଛତ୍ରବାଦୀ ପରମ୍ପରା ନିର୍ମାଣ ଆରମ୍ଭ କଲେ । ଟେସିଫନ ସମୀପରେ ରାଜଧାନୀ ନିର୍ମାଣ ପାଇଁ ସେମାନଙ୍କ ନିଷ୍ପତ୍ତିରେ ଏହା ପ୍ରତୀକାତ୍ମକ ଭାବେ ସୂଚିତ । ସସ୍‌ସାନୀ ଶାସକମାନେ 'ଧରାପୃଷ୍ଠରେ ଭଗବଦ୍ ଛାୟା' ଉପାଧି ଧାରଣ କଲା ଭଳି ଅବ୍‌ବାସୀମାନେ ନିଜ ରାଜନୀତିକ ଆଚରଣରେ ଦିବ୍ୟ ବୈଭବର ରହସ୍ୟମୟ ପ୍ରଭାମଣ୍ଡଳ ଜୋଡ଼ିବାକୁ ପ୍ରୟାସ କଲେ । ଦରବାରୀମାନେ ସେମାନଙ୍କ ଚତୁର୍ପାର୍ଶ୍ୱରେ ଏକ ପ୍ରଭାବଶାଳୀ ଖୋଷା ନିର୍ମାଣ କରିବା ସହ ଖଲିଫାମାନେ ଅଧିକରୁ ଅଧିକ ଅପହଞ୍ଚ ହେବାରେ ଲାଗିଲେ । ଖଲିଫାଙ୍କ ସମ୍ମୁଖରେ ଭୂମିକୁ ଚୁମ୍ବନ ଦାନ ଭଳି ରୀତି ପ୍ରବର୍ତ୍ତିତ ହେଲା । ଖଲିଫା ମଧ୍ୟ ଅବିଳମ୍ବ ଓ ଅବିବାଦ୍ୟ ନ୍ୟାୟ ବିତରଣ କରିପାରୁ ଥିଲେ । କ୍ଷମତାର ନିକଟତମମାନେ ଏହା ଦ୍ୱାରା ସର୍ବାଧିକ ଆହତ ହେଲେ । ଅଭିଜାତଙ୍କ ମଧ୍ୟରେ କ୍ଲେଶପ୍ରଦ ଉପାଦାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ଏହା ଥିଲା ଏକ ପ୍ରଭାବଶାଳୀ ମାର୍ଗ । ଅବ୍‌ବାସୀମାନେ ଏକ ନିରଙ୍କୁଶ ରାଷ୍ଟ୍ର ନିର୍ମାଣ ପାଇଁ ଆହୁରି ଆଗକୁ ଗତି କରିଥିଲେ ।

ପ୍ରଥମ ଅବ୍‌ବାସୀ ଖଲିଫା ଅଲ-ସଫା (ଖ୍ରୀ.୭୫୦-୭୫୪) ଉମାୟୟୀ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ପାରୁ ପର୍ଯ୍ୟନ୍ତ ଖୋଜି ଖୋଜି ହତ୍ୟା କରିଥିଲେ । ତାଙ୍କ ଉତ୍ତରାଧିକାରୀ ଭ୍ରାତା ଅଲ-ମନସୁର (ଖ୍ରୀ.୭୫୪-୭୭୫) ବିପଦଜନକ ମଣୁଥିବା ପ୍ରତ୍ୟେକ ସିଆ ନେତାଙ୍କୁ ଫାଶୀ ଦେଇଥିଲେ । ବିଶେଷାଧିକାର ପାଇଁ କୌଣସି ଗୋଷ୍ଠୀର ଦାବିକୁ ସ୍ୱୀକୃତି ଦେଇ ଖଲିଫା ନିଜ କ୍ଷମତା ସହ ସାଲିସ କରିବେ ନାହିଁ ବୋଲି ଦୃଢ଼ କଥନଟିଏ ରହିଥିଲା । ଏକ ପ୍ରଭାବଶୀଳୀ ଗୁପ୍ତଚର ବ୍ୟବସ୍ଥା ସୃଷ୍ଟି କରାଗଲା । ସମ୍ଭାବ୍ୟ ସମସ୍ୟାର ସମସ୍ତ ଉତ୍ସ ଉପରେ ଗୁପ୍ତଚରମାନେ ନଜର ରଖୁଥିଲେ । ଜଣେ ବିଶ୍ୱସ୍ତ ସହଯୋଗୀଙ୍କ ତତ୍ତ୍ୱାବଧାନରେ ସାମ୍ରାଜ୍ୟର ଆର୍ଥିକ ବ୍ୟାପାର ସଂଗଠିତ ହେଲା । ସର୍ବ କ୍ଷମତା

ସମ୍ପନ୍ନ ମନ୍ତ୍ରୀ ଓ୍ୱଜିର ରୂପେ ଏ ପଦବୀକୁ ଖୁବ୍ ଶୀଘ୍ର ସ୍ଥାୟୀ କରାଗଲା । ଇରାକରେ ଭାରି ନିବେଶ ଜାରି ରହିଲା । ସମସ୍ତ ଆଞ୍ଚଳିକ ବିସ୍ତାରକୁ କେବଳ ଗୋଟିଏ ରାଜନୀତିକ ସୀମାରେ ଅନ୍ତର୍ଭୁକ୍ତ କରି ବାଣିଜ୍ୟକୁ ପ୍ରୋତ୍ସାହନ ଦିଆଗଲା । ବଗଦାଦ ପ୍ରଧାନ ସ୍ଥଳପଥ ଏବଂ ଟାଇଗ୍ରିସ ଓ ଇଉଫ୍ରାଟିଜ ନଦୀ ଦେଇ ଯାଇଥିବା ବାଣିଜ୍ୟ ମାର୍ଗରେ ଅବସ୍ଥିତ ଥିଲା । ପୂର୍ବ ଇସଲାମୀୟ ରାଜଧାନୀଗୁଡ଼ିକ ଠାରୁ ବଗଦାଦ ଥିଲା ଭିନ୍ନ । ଏହା ଜନଜାତି ଭିତ୍ତିରେ ସଂଗଠିତ ହୋଇ ନ ଥିଲା । ଖୁବ୍ ଶୀଘ୍ର ଏହା ଖଲିଫାତନ୍ତ୍ରର ସାଂସ୍କୃତିକ ଓ ଆର୍ଥିକ କେନ୍ଦ୍ରରେ ପରିଣତ ହେଲା । ଏ ସମୟରେ ସ୍ପେନ ଅଲଗା ହୋଇଗଲା । ସେଠାରେ ଏକ ସ୍ୱାଧୀନ ଉମାୟୟୀ ଖଲିଫାତନ୍ତ୍ର ପ୍ରତିଷ୍ଠା ହେଲା ।

ପୁତ୍ର ଅଲ ମାହଦି (ଖ୍ରୀ.୭୭୫-୭୮୫) ଅଲ-ମନସୁରଙ୍କ ଉତ୍ତରାଧିକାରୀ ହେଲେ । ସେ ରାଷ୍ଟ୍ରର ଆର୍ଥିକ ସଂଗଠନକୁ ଦୃଢ଼ କଲେ; ଅପେକ୍ଷାକୃତ ଉଦାରପନ୍ଥୀଙ୍କ ସହ ଶାନ୍ତି ସ୍ଥାପନ ପୂର୍ବକ ଅବ୍‌ବାସୀମାନଙ୍କ ପ୍ରତି ସିଆ ବିରୋଧକୁ ଶାନ୍ତ କରିବା ପାଇଁ ପ୍ରୟାସ ଚଳାଇଲେ । ସେ ଆଉ ଏକ ସମସ୍ୟା ମେନିଖବାଦ(*Manichaeism*)ର ସମ୍ମୁଖୀନ ହେଲେ । ଏ ଜନରଞ୍ଜକ ବିଚାରଧାରା ପାର୍ଥିବ ବ୍ୟାପାରରୁ ଅସଂଲଗ୍ନତା ପ୍ରଚାର କରୁଥିଲା । କିନ୍ତୁ ଏ ଆନ୍ଦୋଳନର ଯଥାର୍ଥ ପ୍ରକୃତି ଓ ବିସ୍ତାର ଅସ୍ପଷ୍ଟ । ତେବେ ଶାସକମାନେ ସ୍ୱାଙ୍ଗୀକରଣ ନୀତିର ପକ୍ଷଧର ଥିବା ବେଳେ ଏହା ପାରସୀ ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବା ପ୍ରୟାସ ସହ ନିଶ୍ଚିତ ରୂପେ ସଂପୃକ୍ତ ଥିଲା । ଉଲେମାମାନେ ଏମାନଙ୍କ ଦମନ ପାଇଁ ଚାପ ପ୍ରୟୋଗ କଲେ ଏବଂ ଅଲ ମାହଦି ଅନେକ ଭିନ୍ନମତବାଦୀଙ୍କ ଠାରୁ ନିସ୍ତାର ପାଇଁ ଏହାର ଉପଯୋଗ କଲେ । ତାଙ୍କ ଶାସନର ଶେଷ ବେଳକୁ ଇଜିପ୍ଟରେ ଉମାୟୟୀ ଏବଂ ଆରବରେ ସିଆମାନେ ବିଦ୍ରୋହ କଲେ । ଉଭୟକୁ ଦମନ କରାଗଲା ।

ସବୁଠାରୁ ମହତ୍ୱପୂର୍ଣ୍ଣ ଖଲିଫା ଥିଲେ ହରୁନ ଅଲ ରସିଦ (ଖ୍ରୀ.୭୮୬-୮୦୯) । ତାଙ୍କ ସମୟ ଭବ୍ୟତା ଏବଂ ବୈଭବ ପାଇଁ ସୁବିଦିତ । ସଚିବମାନଙ୍କ ମାଧ୍ୟମରେ ଅନ୍ୟ ବିଭାଗ ବା ଦିୱାନଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଓ୍ୱଜିରଙ୍କ ଉପରେ ମୁଖ୍ୟତଃ ଶାସନଭାର ନ୍ୟସ୍ତ ଥିଲା ।

କଳା ଓ ଶିକ୍ଷାର ପୃଷ୍ଠପୋଷକ ରୂପେ ହରୁନଙ୍କୁ ସର୍ବାଧିକ ସ୍ମରଣ କରାଯାଏ । ଏ ସମୟରେ ସାହିତ୍ୟ ଓ ସଙ୍ଗୀତକୁ ପ୍ରୋତ୍ସାହନ ଦିଆଯାଉ ଥିଲା ଏବଂ କଳାକାରମାନେ ପର୍ଯ୍ୟାପ୍ତ ମାତ୍ରାରେ ପୁରସ୍କୃତ

ହେଉଥିଲେ । ବଗଦାଦ କବି, ଦାର୍ଶନିକ, ବିଦ୍ୱାନ ଓ କଳାକାରମାନଙ୍କୁ ଆକୃଷ୍ଟ କରୁଥିଲା । ଏହା ଥିଲା ପ୍ରାକୃତିକ ବିଜ୍ଞାନ ଓ ଅଧ୍ୟାତ୍ମବିଦ୍ୟାର ଅଧ୍ୟୟନ କେନ୍ଦ୍ର । ଏଠାରେ ଗ୍ରୀକ ଓ ସଂସ୍କୃତ ଭାଷାରୁ ଖଗୋଳ ବିଜ୍ଞାନ, ଭେଷଜ ଓ ଗଣିତ ସଂକ୍ରାନ୍ତ କୃତି ସବୁ ଭାଷାନ୍ତରିତ ହୋଇଥିଲା । ଆରବୀ ଅଭିଜ୍ଞ ଜିମ୍ମିମାନେ ଏ କ୍ଷେତ୍ରରେ ଥିଲେ ସର୍ବାଧିକ ସକ୍ରିୟ । ଦରବାରର ଭବ୍ୟତା ଓ ବଗଦାଦର ଧନିକଙ୍କ ଜୀବନ ଶୈଳୀ ଥିଲା ବହୁ କିମ୍ବଦନ୍ତୀର ବିଷୟ ।

ରାଷ୍ଟ୍ରର ସକ୍ରିୟ ଅର୍ଥବ୍ୟବସ୍ଥା ଯୋଗୁଁ ସାଂସ୍କୃତିକ ପ୍ରସ୍ଫୁଟନ ସମ୍ଭବପର ହୋଇଥିଲା । ସାମ୍ରାଜ୍ୟକୁ ସକଳ ପ୍ରମୁଖ ଆଞ୍ଚଳିକ ବାଣିଜ୍ୟ ପଥ ବେଢ଼ି ରହିଥିଲା । ପ୍ରବର୍ଦ୍ଧମାନ ବାଣିଜ୍ୟ ସହ ସହରୀକରଣ ଦ୍ରୁତ ହୋଇଥିଲା । ରାଜଧାନୀ ଭାବେ ପରିତ୍ୟକ୍ତ ହେବା ପରେ ମଧ ବଗଦାଦର ସମୃଦ୍ଧି ଅତୁଟ ରହିଥିଲା । ନିରଙ୍କୁଶ ରାଷ୍ଟ୍ରର ବିକାଶ ଦ୍ୱାରା ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଥିଲା ।

ସାମ୍ରାଜ୍ୟ ମଧ୍ୟରେ ଶାନ୍ତି ଯୋଗୁଁ ବାଣିଜ୍ୟର ସମୃଦ୍ଧି ଘଟିଥିଲା । କେବଳ ଭାରତ ମହାସାଗର କି ପାରସ୍ୟ ଉପସାଗର ନୁହେ କୃଷ୍ଣ, ରକ୍ତ, କାସ୍ପିଅନ ଓ ଭୂମଧ୍ୟ ସାଗରରେ ମଧ ସାମ୍ରାଜ୍ୟର ଅତ୍ୟଧିକ ବ୍ୟସ୍ତ ବନ୍ଦରମାନ ରହିଥିଲା । ବଜାରଗୁଡ଼ିକ ବଢ଼ିଲା ଓ ସମୃଦ୍ଧ ହେଲା । ବ୍ୟକ୍ତିଗତ ସମ୍ପଦର ଅଭିବୃଦ୍ଧି –ସାଧାରଣତଃ ଅବ୍ବାସୀ ପରିବାରର ସଦସ୍ୟ, ସରକାରୀ ଅଧିକାରୀ ଓ ବୃହତ୍ ଭୂସ୍ୱାମୀଙ୍କର- ବିଳାସ ସାମଗ୍ରୀର ଆଖିଦୃଶିଆ ବାଣିଜ୍ୟର କାରଣ ହେଲା । ଜଣେ ବିଶେଷଜ୍ଞ ପ୍ରସ୍ତୁତ କରିଥିବା ଏଭଳି ସାମଗ୍ରୀର ତାଲିକାରେ ରେଶମ ଓ ଜରି ବସ୍ତ୍ର; ଚିତାବାଘ, କୃଷ୍ଣ*(sable)* ଓ ଧୂସର ଗୁଣ୍ଡୁଚି, ଚିତ୍ର ଶଶକ, ଛାଗ, ଜଳମୂଷିକ, ଶୃଗାଳ, ଅରମିନ, ମିଙ୍କ ଆଦି ପଶୁଙ୍କ ଛାଲ ଓ ଲୋମ; ବିବିଧ ରକମର ମସଲା ଓ ସୁଗନ୍ଧି ଦ୍ରବ୍ୟ; ଔଷଧ, କସ୍ତୁରୀ, ଅଗରୁ, କର୍ପୂର, କାଷ୍ଠ ବିଶେଷତଃ ସାଗୁଆନ ଓ ଶିଶୁ, ତୃଣମଣି, ମାଣିକ୍ୟ, ସୁବର୍ଣ୍ଣ, ଟିଣ, ମହମ, ଜାଇଫଳ; ସୁନା, ରୂପା ଓ ଚିନାମାଟିର ବାସନ; କ୍ରୀତଦାସ ଏବଂ ହାତୀ, ଘୋଡ଼ା, ମେଣ୍ଢା, ଗାଈଗୋରୁ, ବାଘ, ଚିତାବାଘ, ମୟୂର ଓ ବାଜ ଆଦି ପଶୁ ପକ୍ଷୀ ଅନ୍ତର୍ଭୁକ୍ତ ହୋଇଛି । ଚୀନ, ଦକ୍ଷିଣପୂର୍ବ ଏସିଆ, ପୂର୍ବ ଇଉରୋପ ଏପରିକି ସ୍କାଣ୍ଡିନେଭିଆ, ପଶ୍ଚିମ ଇଉରୋପ, ରୁଷିଆ ଓ ସ୍ପେନ ଭଳି ସୁଦୂର ଅଞ୍ଚଳରୁ ଦ୍ରବ୍ୟ ଆସୁଥିଲା । ବାଣିଜ୍ୟ ଫଳରେ ସ୍ଥାନୀୟ ଉତ୍ପାଦନ ପ୍ରୋତ୍ସାହିତ ହେଲା । ବ୍ୟାଙ୍କ ବ୍ୟବସ୍ଥା ଓ ଋଣ ସୁବିଧା ବିକଶିତ ହେଲା । କର ଅନ୍ତରଣ ପାଇଁ ସରକାର ମହାଜନମାନଙ୍କ ଉପଯୋଗ କଲେ ।

ଶାସକ ଶ୍ରେଣୀ ବାଣିଜ୍ୟରେ ନିବେଶ କଲେ ଓ ଲାଭାନ୍ୱିତ ହେଲେ । ମୁସଲମାନ ଓ ଅଣମୁସଲମାନ ଏପରିକି ସୁଦୂର ଗୁଜରାଟ ଓ ସ୍ପେନରେ ଥିବା ବଣିକଙ୍କ ସଂପୃକ୍ତିରେ ଅଂଶୀଦାରିତ୍ୱ ବହୁ ସମୟରେ ଥିଲା ସାଧାରଣ । ସରକାର ବାର୍ତ୍ତାବାହକ ସେବା ସଂଗଠିତ କଲେ । ବ୍ୟକ୍ତି ବିଶେଷ ମଧ୍ୟ ପ୍ରମୁଖ ସ୍ଥଳ ଓ ସମୁଦ୍ର ମାର୍ଗରେ ଡାକ ସେବା ଚାଲୁ କରିଥିବା ଜଣାଯାଏ ।

ହସ୍ତଶିଳ୍ପରେ ଅର୍ଥ ନିବେଶ କରାଗଲା । ଚୀନରୁ କାଗଜ ପ୍ରସ୍ତୁତି ପ୍ରଯୁକ୍ତି ଆମଦାନୀ ହେଲା । ଖୁବ୍ ଶୀଘ୍ର ଏହା ପାପିରସ ପତ୍ରରେ ଲିଖନର ସ୍ଥାନ ନେଲା । ଏହା ଫଳରେ ସାହିତ୍ୟିକ କ୍ରିୟାକଳାପ ଜବରଦସ୍ତ ବୃଦ୍ଧି ପାଇଲା । ବସ୍ତ୍ର ଉତ୍ପାଦନ ସମୃଦ୍ଧ ହେଲା । ରାଷ୍ଟ୍ରୀୟ କର୍ମଶାଳାରେ ଅନେକ ଶିଳ୍ପକାର ନିଯୁକ୍ତ ହେଲେ । କିନ୍ତୁ ଅଧିକାଂଶ ଶିଳ୍ପକାର ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଜାରି ରଖିଲେ । ପରିଣାମତଃ ସମ୍ପଦ ରାଷ୍ଟ୍ରର ନିରଙ୍କୁଶ ପ୍ରବୃତ୍ତିକୁ ଦୃଢ଼ କଲା ।

ଉମର ୨ୟଙ୍କ ସମୟରୁ ପ୍ରୋତ୍ସାହିତ ହୋଇ ଆସିଥିବା ଧର୍ମାନ୍ତରଣ ଏଣିକି ଅଧିକ ଗତି ପ୍ରାପ୍ତ ହେଲା । ବିଶାଳ ସଂଖ୍ୟକ ସହରୀ ପ୍ରବାସୀ ଧର୍ମାନ୍ତରଣକୁ ସୁବିଧାଜନକ ମନେକଲେ । ନଗରଗୁଡ଼ିକରେ ସେ କାଳରେ ଚାଲିଥିବା ପ୍ରଖର ଧର୍ମତାତ୍ତ୍ୱିକ ବିତର୍କରୁ ଭିନ୍ନ ଇସଲାମର ଏକ ଅଧିକ ଜନପ୍ରିୟ ସଂସ୍କରଣର ଅଭ୍ୟୁଦୟ ଘଟିଲା । ନୂତନ ଧର୍ମାନ୍ତରିତମାନେ ସେମାନଙ୍କ ପୂର୍ବ ବିଶ୍ୱାସର ସାଂସ୍କୃତିକ ପରମ୍ପରା ସବୁକୁ ଇସଲାମ ଭିତରକୁ ନେଇ ଆସିଲେ ।

ଉତ୍ତରାଧିକାରର ସଂଘର୍ଷକୁ ଏଡ଼ାଇବା ପାଇଁ ହରୁନ ତାଙ୍କ ସାମ୍ରାଜ୍ୟକୁ ପୁତ୍ରମାନଙ୍କ ମଧ୍ୟରେ ବାଣ୍ଟି ଦେବାକୁ ନିଷ୍ପତ୍ତି କଲେ । ଉତ୍ତରାଧିକାରରେ ଅଲ ଅମିନଙ୍କୁ ଖଲିଫା ଉପାଧି ଏବଂ ଉର୍ବର ଅର୍ଦ୍ଧଚନ୍ଦ୍ର ଓ ପଶ୍ଚିମ ପ୍ରଦେଶଗୁଡ଼ିକ ମିଳିଲା । ତାଙ୍କ ଭାଇ ଅଲ ମମୁନ ଖୁରାସାନ ଓ ପୂର୍ବ ପ୍ରଦେଶ ସମୂହ ସଙ୍ଗକୁ ପୂର୍ଣ୍ଣ ସ୍ୱାୟତ୍ତତା ଓ ଏକ ସେନା ପ୍ରାପ୍ତ ହେଲେ । ଅଲ ମମୁନ ଅଲ ଅମିନଙ୍କ ପରେ ଖଲିଫା ହେବା ଏବଂ ତାଙ୍କ ସାର୍ବଭୌମତ୍ୱକୁ ସ୍ୱୀକାର କରିବା ସର୍ତ୍ତ ରହିଥିଲା । ଏ ବ୍ୟକ୍ତିଗତ ଓ ମନୋମୁଖୀ ନିଷ୍ପତ୍ତି ଅଶେଷ କଷ୍ଟ ସ୍ୱୀକାର କରି ନିର୍ମିତ ହୋଇଥିବା ରାଷ୍ଟ୍ର ସଂରଚନାକୁ ପ୍ରାୟ ଉଜାଡ଼ି ଦେଲା । ହରୁନଙ୍କ ମୃତ୍ୟୁ ପରେ ଗୃହଯୁଦ୍ଧ ଲାଗିଲା । ଅଲ ମମୁନ ବଗଦାଦ ଅବରୋଧ କଲେ । ଅଲ ଅମିନଙ୍କୁ ହତ୍ୟା କରାଗଲା । ଖ୍ରୀ.୮୧୮ରେ ଅଲ ମମୁନ ନିଜକୁ ଖଲିଫା ଘୋଷଣା କଲେ । ସେ ଲଗାତାର

ସିଆମାନଙ୍କ ବିରୋଧ ଓ ଦୂର ପ୍ରଦେଶମାନଙ୍କରେ ବୈମନସ୍ୟର ସମ୍ମୁଖୀନ ହେଲେ । ଏଭଳି ଏକ ଉପଦ୍ରବ ଦମନ ପାଇଁ ତାଙ୍କୁ ବ୍ୟକ୍ତିଗତ ଭାବେ ଇଜିପ୍ଟ ଅଭିଯାନରେ ଯିବାକୁ ପଡ଼ିଲା ।

ଖୁରାସାନୀ ସୈନ୍ୟମାନଙ୍କ ଉପରେ ଅଲ ମମୁନଙ୍କ ନିର୍ଭରଶୀଳତା ଏବଂ ବଗଦାଦରୁ ଦୂରରେ ରହିବା ପାଇଁ ତାଙ୍କର ପ୍ରାରମ୍ଭିକ ନିଷ୍ପତ୍ତି ଯୋଗୁଁ ଏ ନଗରୀରେ ଏକ ବିଦ୍ରୋହର ସୂତ୍ରପାତ ହେଲା । ଅଲ ମମୁନ ବିଦ୍ରୋହ ଦମନ କଲେ ଏବଂ ବଗଦାଦ ପ୍ରତ୍ୟାବର୍ତ୍ତନ ପାଇଁ ନିଷ୍ପତ୍ତି ନେଲେ । ବିଦ୍ରୋହ ଦମନ ପାଇଁ ନିଯୁକ୍ତ ଉତ୍ତର ଆଫ୍ରିକାର ଅଘଲାବୀ ଓ ଖୁରାସାନର ତାହିରୀ ଆଦି ପ୍ରାଦେଶିକ ଅମୀର ଏଣିକି ସ୍ୱାଧୀନ ଶାସକ ଭଳି ଆଚରଣ କରିବା ଆରମ୍ଭ କଲେ । ଖୁରାସାନର ଅମୀରଙ୍କ ପୁତ୍ର ତାଙ୍କ ଉତ୍ତରାଧିକାରୀ ହେଲେ । ତେବେ ଓଜସ୍ୱୀ ଶାସକ ଅଲ ମମୁନ ସାମ୍ରାଜ୍ୟର ପ୍ରଧାନ ଅଂଶକୁ ଏକାଠି ରଖିବାରେ ସଫଳ ହୋଇଥିଲେ ।

ତାଙ୍କ ଉତ୍ତରାଧିକାରୀ ଭାଇ ଅଲ ମୁତାସ୍ମିମ (ଖ୍ରୀ.୮୩୩-୮୪୨) ପୂର୍ବ ଶାସନକାଳୀନ ଘଟଣାବଳୀର ତାତ୍ପର୍ଯ୍ୟକୁ ସ୍ୱୀକାର କଲେ । ସେ ପର୍ଯ୍ୟନ୍ତ ଅବ୍ବାସୀମାନଙ୍କ ସମର୍ଥନର ପ୍ରଧାନ ଉତ୍ସ ରହି ଆସିଥିବା ଖୁରାସାନୀ ସୈନିକ ଓ ଅମୀରମାନଙ୍କ ସେନା ଉପରେ ନିର୍ଭରଶୀଳତାରୁ ନିଜକୁ ମୁକ୍ତ ରଖିବା ପାଇଁ ସେ ମୁଖ୍ୟତଃ କ୍ରୀତଦାସମାନଙ୍କୁ ନେଇ ଗଠିତ ତାଙ୍କ ବ୍ୟକ୍ତିଗତ ରକ୍ଷୀମାନଙ୍କ ଉପରେ ଭରସା କରିବା ଆରମ୍ଭ କଲେ । ଆଦୌ ସ୍ଥାନୀୟ ଯୋଗସୂତ୍ର ନ ଥିବା ତୁର୍କ କ୍ରୀତଦାସମାନଙ୍କ ଏକ ସେନା ତାଙ୍କ ପ୍ରତି ଅନୁଗତ ରହିବେ ବୋଲି ଖଲିଫା ବିଶ୍ୱାସ କରୁଥିଲେ । ନିଜକୁ ଅଧିକ ମୁକ୍ତ କରିବା ପାଇଁ ସେ ଖ୍ରୀ.୮୩୬ରେ ସମାରାକୁ ରାଜଧାନୀ ଘୁଞ୍ଚାଇ ନେଲେ । ସମାରାରେ ଖଲିଫା ଶାରୀରିକ ଭାବେ ସୁରକ୍ଷିତ ଥିଲେ । ସେ କିନ୍ତୁ ରାଷ୍ଟ୍ର ସଂଯନ୍ତ୍ର ଉପରେ ନିଜ ନିୟନ୍ତ୍ରଣ ସ୍ପଷ୍ଟତଃ ହରାଉଥିଲେ । ପରବର୍ତ୍ତୀ ଖଲିଫା ଅଲ ୱସିକ(ଖ୍ରୀ.୮୪୨-୮୪୭)ଙ୍କ ଶାସନ କାଳରେ କ୍ରୀତଦାସ ସେନାଙ୍କ ଉପରେ ନିର୍ଭରଶୀଳତା ଆହୁରି ବୃଦ୍ଧି ପାଇଲା ।

ଭୂତାତ୍ତ୍ୱିକ ପରିବର୍ତ୍ତନ ଯୋଗୁଁ ଇରାକ ଅନ୍ତର୍ଗତ ସୱାଦର ଅର୍ଥବ୍ୟବସ୍ଥାରେ ଅବକ୍ଷୟ ହେତୁ ଆର୍ଥିକ ସଙ୍କଟ ଘନୀଭୂତ ହେଲା । ସୱାଦ ଥିଲା ରାଷ୍ଟ୍ରୀୟ ଆୟର ପ୍ରମୁଖ ଉତ୍ସ । ଦୁର୍ବଳ ନିଷ୍କାସନ ବ୍ୟବସ୍ଥା ହେତୁ ସେ ଅଞ୍ଚଳର ଗଭୀର ଜଳସେଚନ ପ୍ରକଳ୍ପଗୁଡ଼ିକ ମୃତ୍ତିକାକୁ ମଧ୍ୟ ଲବଣାକ୍ତ କରିଦେଲା ।

ଗୋଷ୍ଠୀ ସଂଘର୍ଷର ବିସ୍ତାର ଏବଂ କ୍ରୀତଦାସ ସେନାର ତୁଷ୍ଟୀକରଣ ମଧ୍ୟ ରାଜସ୍ୱ ହ୍ରାସକୁ ତ୍ୱରାନ୍ୱିତ କଲା । ରାଷ୍ଟ୍ରର ଆୟରେ ଅବକ୍ଷୟ ହେତୁ ଦୁର୍ନୀତି ବୃଦ୍ଧି ପାଇଲା । ଏହା ଖଲିଫାଙ୍କୁ ଆହୁରି ଦୁର୍ବଳ କରିଦେଲା ।

କ୍ରୀତାଦାସ ସେନା ହାତରେ ତାଙ୍କ ଅରକ୍ଷିତତା ନେଇ ଅଲ ଓ୍ୱସିକ ସଚେତନ ହେଲେ । ସେଇଥି ପାଇଁ ଏଥିରେ ଅପର ପ୍ରଜାତୀୟ ତତ୍ତ୍ୱ ପ୍ରବେଶ କରାଇବାକୁ ସେ ପ୍ରୟାସ କଲେ । ଏ ପର୍ଯ୍ୟନ୍ତ ଏହାର ପ୍ରମୁଖ ଉତ୍କର୍ଷ ଥିଲା ସଂସକ୍ତି । ଅଲ ଓ୍ୱସିକ କିନ୍ତୁ ଏକ ବର୍ଗ ମଧ୍ୟରେ ଗୋଷ୍ଠୀ ପୂରାଇଲେ । କ୍ରୀତଦାସ ସେନା ଭିତରର ଗୋଷ୍ଠୀଗୁଡ଼ିକ ସେମାନଙ୍କ କ୍ଷମତା ସଂଘର୍ଷରେ ଖଲିଫାଙ୍କୁ ଖୁବ୍ ଶୀଘ୍ର ଏକ କ୍ରୀଡ଼ନକରେ ପରିଣତ କରିଦେଲେ ।

ମୁତାଓ୍ୱକ୍କିଲ (ଖ୍ରୀ.୮୪୭-୮୬୧) ତାଙ୍କର ତିନି ତରୁଣ ପୁତ୍ରଙ୍କୁ ଉତ୍ତରାଧିକାରୀ ଘୋଷଣା ପୂର୍ବକ ସାମ୍ରାଜ୍ୟର ବିଭାଜନ ଘଟାଇଲେ ଏବଂ ସେମାନଙ୍କୁ ନିଜ ନିଜ କ୍ଷେତ୍ରକୁ ପ୍ରେରଣ କଲେ । ସେମାନଙ୍କ ସହଗାମୀ ସେନାଧକ୍ଷ ଓ ପ୍ରଶାସକମାନଙ୍କୁ କେନ୍ଦ୍ରୀୟ କୋଷାଗାରକୁ ପ୍ରେରଣ ପୂର୍ବରୁ ସାମରିକ ବ୍ୟୟ କାଟି ରଖିବାକୁ ଅନୁମୋଦନ ଦିଆଗଲା । ସେନାଧକ୍ଷମାନଙ୍କୁ ପ୍ରଦେଶଗୁଡ଼ିକ ଭିତରେ ଇକ୍ତା (ଭୂଦାନ) ଦିଆଗଲା । ଏ ପର୍ଯ୍ୟନ୍ତ ଇକ୍ତା କେବଳ ରାଜ ଆତ୍ମୀୟ ଅଥବା ବେସାରିକ ଅଧିକାରୀଙ୍କୁ ଦିଆଯାଉ ଥିଲା । ଅବ୍ବାସୀ ସାମ୍ରାଜ୍ୟର ଭଗ୍ନାଂଶରୁ ଅଭ୍ୟୁଦିତ ସାମରିକ ରାଷ୍ଟ୍ରଗୁଡ଼ିକରେ ଇକ୍ତା ସମୂହ ଏକ ମହତ୍ୱପୂର୍ଣ୍ଣ ଅନୁଷ୍ଠାନରେ ପରିଣତ ହେଲା ।

ଦଶମ ଶତାବ୍ଦୀରେ ସାମ୍ରାଜ୍ୟର ଅର୍ଥବ୍ୟବସ୍ଥାରେ ଏକ ଗମ୍ଭୀର ସଙ୍କଟ ଉପୁଜିବାରୁ କୃଷକ ବିଦ୍ରୋହମାନ ମୁଣ୍ଡ ଟେକିଥିବା ପୂର୍ବେ ସୂଚିତ ହୋଇଛି । ସାମ୍ରାଜ୍ୟ ପରିଚାଳନାରେ ଅସମର୍ଥ ଖଲିଫାମାନେ ତୁର୍କ ସେନଧକ୍ଷମାନଙ୍କ ହାତରେ ନିଜ କ୍ଷମତା ସମର୍ପି ଦେଲେ । ଖଲିଫା ମାମୁନଙ୍କ ବେଳକୁ ସାମ୍ରାଜ୍ୟର ସାମରିକ ଶାଖା ବେସାମରିକ ବ୍ୟାପାରରେ ଆଧିପତ୍ୟ ବିସ୍ତାର କଲା । କର କ୍ଷେତ୍ରମାନଙ୍କରୁ ସଂଗୃହୀତ ଅର୍ଥ ସେମାନଙ୍କ ଦରମା ପାଇଁ ଥିଲା ନିଅଣ୍ଟ । ସେଇଥି ପାଇଁ ସେନାକୁ କର ସଂଗ୍ରହ ଅଧିକାର ପ୍ରଦାନ କରିବା ଚଳଣିର ସହାୟତା ନିଆଗଲା ।

ନୂତନ *ଇକ୍ତା* ଥିଲା ଦୁଇଟି ପୂର୍ବ ପ୍ରଚଳିତ ଅନୁଷ୍ଠାନ କର କ୍ଷେତ୍ର ଓ ଅମିରାତ ବା ପ୍ରାଦେଶିକ ସରକାରର ପରିଣାମ । ପ୍ରାଦେଶିକ ସରକାର ଏ ପର୍ଯ୍ୟନ୍ତ ଅନୁଗତ ଅମୀରଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିଲା ଏବଂ ଅମୀର ଓ ଅମିଲଙ୍କ ମାଧ୍ୟମରେ ସାମରିକ ଓ ଆର୍ଥିକ ଶାଖା ସମ୍ପୂର୍ଣ୍ଣ ବିଭାଜିତ ଥିଲା । ଖ୍ରୀ.୮୯୨ରେ ମୁତାଦିଦ କ୍ଷମତାସୀନ ହେବା ବେଳକୁ କେନ୍ଦ୍ରୀୟ କୋଷାଗାର ଶୂନ୍ୟ ପଡ଼ିଥିଲା ଏବଂ ସାମରିକ *ଇକ୍ତା* ଥିଲା ପ୍ରଦେଶଗୁଡ଼ିକୁ ନିୟନ୍ତ୍ରଣ କରିବାର ଏକ ମାତ୍ର ମାର୍ଗ । ସାମରିକ ଶାସକମାନଙ୍କୁ ବାଣିଜ୍ୟର ସୁରକ୍ଷା ପାଇଁ ନିର୍ଦ୍ଦେଶ ଦିଆଗଲା ଏବଂ ଖୁବ୍ ଶୀଘ୍ର ଆନ୍ତଃଆଞ୍ଚଳିକ ବାଣିଜ୍ୟର କର ସାମରିକ *ଇକ୍ତାର* ଅନ୍ତର୍ଭୁକ୍ତ ହୋଇଗଲା । ଥରେ ଜଣେ ସାମରିକ ଶାସକଙ୍କୁ ବିଶାଳ କ୍ଷେତ୍ରରୁ କର ସଂଗ୍ରହର ଅଧିକାର ପ୍ରଦାନ କଲେ ତାଙ୍କ ପାଇଁ ଅର୍ଦ୍ଧ ସ୍ୱାଧୀନ ହୋଇଯିବା ଥିଲା ଖୁବ୍ ସୁବିଧାଜନକ ।

କେନ୍ଦ୍ରୀୟ କର୍ତ୍ତୃତ୍ୱର ଅବକ୍ଷୟ ଉପଦ୍ରବର ଲମ୍ବା ଧାଡ଼ିରେ ପ୍ରତିଫଳିତ ହେଉଥିଲା । ଏ ସବୁ ଦମନ ପାଇଁ ଖଲିଫାମାନଙ୍କୁ ଖୁବ୍ ଆୟାସ ସ୍ୱୀକାର କରିବାକୁ ପଡୁଥିଲା । ଖଲିଫାମାନଙ୍କ ବିରୋଧରେ ନୂତନ ଆନ୍ଦୋଳନଗୁଡ଼ିକର ପ୍ରବୃତ୍ତି ଥିଲା ଆଞ୍ଚଳିକ ଭାବେ ଘନୀଭୂତ ହେବା । ଦୂରସ୍ଥ ପ୍ରଭାବଶୂନ୍ୟ ଖଲିଫା ନୁହନ୍ତି ପ୍ରଭାବଶାଳୀ ଆଞ୍ଚଳିକ ଶାସକମାନେ ଥିଲେ ପ୍ରଜାଙ୍କ ପସନ୍ଦ । ନବମ ଶତାବ୍ଦୀରେ ଟ୍ୟୁନିସିଆରେ ଅଘଲାବୀମାନେ ସ୍ୱାଧୀନ ହୋଇଗଲେ । ଖ୍ରୀ.୯୦୯ରେ ଫାତିମୀମାନେ ସେମାନଙ୍କୁ ପ୍ରତିସ୍ଥାପିତ କଲେ । ଫାତିମୀମାନେ ଦଶମ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଇଜିପ୍ଟରେ ନିଜ ନିୟନ୍ତ୍ରଣ ବିସ୍ତାର କଲେ । ଖ୍ରୀ.୮୯୭ରେ ଜୈଦି ସିଆମାନେ ୟେମେନରେ ସ୍ୱାଧୀନ ଶାସନ ସ୍ଥାପନ କଲେ । ଖ୍ରୀ.୯୦୫ରେ ହମଦାନିମାନେ ମୋସୁଲରେ ସ୍ୱାଧୀନ ହୋଇଗଲେ । ସମାନିମାନେ ଉତ୍ତରପୂର୍ବ ଇରାନକୁ ନିୟନ୍ତ୍ରଣ କଲେ । ପରିଶେଷରେ ଖ୍ରୀ.୯୪୫ରେ କାସ୍ପିଅନ ସାଗରର ଦକ୍ଷିଣରୁ ଆସିଥିବା ବୁୟିଦମାନେ ବଗଦାଦ ଅଧିକାର ପୂର୍ବକ ଖଲିଫାମାନଙ୍କୁ ନିୟନ୍ତ୍ରଣ କଲେ । ଏତିକି ବେଳୁ ଏକ ସ୍ୱାଧୀନ ସତ୍ତା ରୂପେ ଖଲିଫା ରାଷ୍ଟ୍ରର ଅସ୍ତିତ୍ୱ ଲୋପ ପାଇଲା ଏବଂ ମୁସଲମାନମାନେ ସ୍ୱାଧୀନ ରାଜନୀତିକ ରାଜ୍ୟମାନଙ୍କରେ ବାସ କଲେ । ଖଲିଫାଙ୍କ ଅସ୍ତିତ୍ୱ ରହିଥିଲା; କିନ୍ତୁ ତାଙ୍କ ଭୂମିକା ଥିଲା ଶୁଦ୍ଧ ପ୍ରତୀକାତ୍ମକ ଓ ଧାର୍ମିକ ।

**ପ୍ରଗତି ପରୀକ୍ଷଣ-୩**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** କେନ୍ଦ୍ରୀଭୂତ ଶାସନ ପ୍ରତିଷ୍ଠାରେ ଉମାୟୟୀମାନେ ସଫଳ ହେଲେ କିପରି ?

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ଉମାୟୟୀ ବଂଶର ଅବକ୍ଷୟ ହେଲା କାହିଁକି ?

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୩.** ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ:

(କ) ହରୁନ ଅଲ ରସିଦ(ଖ୍ରୀ.୭୮୬-୮୦୯)ଙ୍କ ଶାସନକାଳୀନ ସମାଜ ଓ ଅର୍ଥ ବ୍ୟବସ୍ଥା

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

(ଖ) ହୁସେନ ଓ ଉମାୟୟୀମାନଙ୍କ ମଧ୍ୟରେ ସଂଘର୍ଷ

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୧୧.୭ ସାରାଂଶ

ଏହି ଏକକରେ ଇସଲାମର ବିସ୍ତାର ପରିପ୍ରେକ୍ଷୀରେ ଆମେ ଆରବ ଉପଦ୍ୱୀପ ଓ ବହିଃସ୍ଥ ଅଞ୍ଚଳର ଆରବ ଜଗତ ସମ୍ବନ୍ଧରେ ଆଲୋଚନା କଲେ । ଇସଲାମର ଅଭ୍ୟୁଦୟ ରାଷ୍ଟ୍ର ଓ ସମାଜରେ କିଭଳି ପରିବର୍ତ୍ତନର ସୂତ୍ରପାତ କଲା ତାହା ନିଶ୍ଚୟ ଆପଣ ଲକ୍ଷ୍ୟ କରିଥିବେ । ପ୍ରଧାନତଃ ବେଦୁଇନ ଜନଜାତୀୟ ସଂରଚନାଗୁଡ଼ିକ ଇସଲାମୀୟ ରାଷ୍ଟ୍ର ଓ ସମାଜରେ ରୂପାନ୍ତରିତ ହେଲା । ପୈଗମ୍ବରଙ୍କ ଦେହାବସାନ ପରେ ପ୍ରଥମ ଚାରି ଖଲିଫାଙ୍କ ସମୟ ଥିଲା ଶାସନତନ୍ତ୍ର ଦୃଢ଼ୀକରଣର ସାକ୍ଷୀ । ନୂତନ ବ୍ୟବସ୍ଥାରେ ଖଲିଫା ଅନୁଷ୍ଠାନ ପ୍ରତିଷ୍ଠା କରାଗଲା । ଇସଲାମୀୟ ଜଗତରେ ରାଷ୍ଟ୍ରର ଲୌକିକ ଓ ଧାର୍ମିକ ମୁଖ୍ୟ ଆସନ ଖଲିଫା ଅଧିକାର କଲେ । ଅଲିଙ୍କ ଖଲିଫାତ୍ୱ ସମୟରେ ଖଲିଫାତନ୍ତ୍ରର ରାଜଧାନୀ ମଦିନାରୁ କୁଫାକୁ ଉଠାଇ ଅଣାଗଲା । ପ୍ରଥମ ଚାରି ଖଲିଫାଙ୍କ ପରେ ଉମାୟୟୀ ବଂଶ (ଖ୍ରୀ.୬୬୧-୭୫୦) ପ୍ରତିଷ୍ଠା ହେଲା । ଏଣିକି ଖଲିଫାତନ୍ତ୍ରର ଆସନ ଦାମାସ୍କସକୁ ଘୁଞ୍ଚିଗଲା । ଉମାୟୟୀ ଶାସନ କାଳରେ ଇସଲାମୀୟ ନୀତିର ବିପରୀତରେ ବଂଶଗତ ଶାସନ ପ୍ରତିଷ୍ଠା ହେଲା । ଉମାୟୟୀମାନଙ୍କ ପରେ ଅବ୍ବାସୀମାନେ ଖ୍ରୀ.୭୫୧ରୁ ଖ୍ରୀ.୧୨୫୮ ପର୍ଯ୍ୟନ୍ତ ଶାସନ କଲେ ।

ସେମାନେ ରାଜଧାନୀ ବଗଦାଦକୁ ଘୁଞ୍ଚାଇ ଦେଲେ । ଦଶମ ଶତାବ୍ଦୀରୁ ଅବ୍‌ବାସୀ କ୍ଷମତାର ଅବକ୍ଷୟ ଘଟିଲା । ଏଣିକି ତାହା ଥିଲା କେବଳ ପ୍ରତୀକାତ୍ମକ; ନିଜ ନିୟନ୍ତ୍ରଣ କ୍ଷେତ୍ର ବାହାରେ ବାସ୍ତବ କର୍ତ୍ତୃତ୍ୱ ରହିତ । ଆମେ ଇସଲାମର ଅଭ୍ୟୁଦୟ ଠାରୁ ଅବ୍‌ବାସୀ ବଂଶର ଶାସନ କାଳ ପର୍ଯ୍ୟନ୍ତ ସମାଜ, ରାଷ୍ଟ୍ର ଓ ଅର୍ଥବ୍ୟବସ୍ଥାରେ ଘଟିଥିବା ପରିବର୍ତ୍ତନମାନ ମଧ୍ୟ ଆଲୋଚନା କଲେ ।

## ୧୧.୮ ସୂଚକ ଶବ୍ଦାବଳୀ

**ହିଜରି:** ଇସଲାମୀୟ ଚାନ୍ଦ୍ର ପଞ୍ଜିକାରେ ବ୍ୟବହୃତ ସମୟ ଗଣନା । ଖ୍ରୀ.୬୨୨ରୁ ଏହାର ଗଣନା ଆରମ୍ଭ ହୋଇଛି ।

**କାବା:** ଇସଲାମରେ ସର୍ବାଧିକ ମହତ୍ୱପୂର୍ଣ୍ଣ ମକ୍କାର ମହା ମସଜିଦ କେନ୍ଦ୍ରରେ ଥିବା ଏକ ଭବନ ।

**ପୈଗମ୍ବର:** ପ୍ରେରଣାପ୍ରାପ୍ତ ଉପଦେଷ୍ଟା ଅଥବା ଭଗବଦ୍ ଇଚ୍ଛାର ଉଦ୍‌ଘୋଷକ ରୂପେ ବିବେଚିତ ଜଣେ ବ୍ୟକ୍ତି ।

**ଉମ୍ମା:** ଏ ଆରବୀ ଶବ୍ଦର ଅର୍ଥ 'ସମୁଦାୟ' ।

**ଉର୍ବର ଅର୍ଦ୍ଧଚନ୍ଦ୍ର:** *Fertile Cresent*ର ପର୍ଯ୍ୟାୟବାଚୀ ପ୍ରୟୋଗ । ଆଧୁନିକ ଇରାକ, ସିରିଆ, ଲେବାନନ, ଇସ୍ରାଏଲ, ପାଲେଷ୍ଟାଇନ, ଜୋର୍ଡାନ, ଇଜିପ୍ଟର ଉତ୍ତରପୂର୍ବ ଓ ନୀଳ ଉପତ୍ୟକା ଅଞ୍ଚଳ ସମେତ ତୁର୍କୀର ଦକ୍ଷିଣପୂର୍ବାଞ୍ଚଳ ଓ ଇରାନର ପଶ୍ଚିମାଂଶକୁ ନେଇ ଗଠିତ ଅର୍ଦ୍ଧଚନ୍ଦ୍ରାକାର କ୍ଷେତ୍ର । କେତେକ ସାଇପ୍ରସକୁ ମଧ୍ୟ ଏହାର ଅନ୍ତର୍ଭୁକ୍ତ କରନ୍ତି ।

## ୧୧.୯ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧୧.୨ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୧୧.୩.୧ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** ଉପବିଭାଗ ୧୧.୩.୨ ଦେଖନ୍ତୁ ।

**ପ୍ରଗତି ପରୀକ୍ଷଣ-୨**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧୧.୪.୨ ଦେଖନ୍ତୁ ।

**ପ୍ରଗତି ପରୀକ୍ଷଣ-୩**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧୧.୫ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୧୧.୫.୨ ଦେଖନ୍ତୁ ।

**ପ୍ରଶ୍ନ ୩(କ)ର ଉତ୍ତର:** ଉପବିଭାଗ ୧୧.୬ ଦେଖନ୍ତୁ ।

**ପ୍ରଶ୍ନ ୩(ଖ)ର ଉତ୍ତର:** ଉପବିଭାଗ ୧୧.୫.୧ ଦେଖନ୍ତୁ ।

## ୧୧.୧୦ ପରବର୍ତ୍ତୀ ପଠନ


Abbas, M. 2005. *Civilization in Islam*. New Delhi: Reference Press.

Holt, P.M., Lambton, A. K. S. and Lewis, B. 1977. *Cambridge History of Islam* (2 Vols). Cambridge University Press.

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

# ଦ୍ୱାଦଶ ଏକକ: ଧାର୍ମିକ ବିକାଶ, ସରିଆର ଉଦ୍ଭବ

## ବିଷୟ ଗଠନ:


୧୨.୦ ପଠନର ଉଦ୍ଦେଶ୍ୟ

୧୨.୧ ଉପକ୍ରମ

୧୨.୨ ଐତିହାସିକ ଉଦ୍ଭବ

୧୨.୩ ପାରମ୍ପରିକ ବିଧିଶାସ୍ତ୍ର *(ଫିକ)*

୧୨.୩.୧ ବିଧିଶାସ୍ତ୍ରର ସିଦ୍ଧାନ୍ତ *(ଉସୁଲ ଅଲ-ଫିକ)*

୧୨.୩.୧.୧ ସରିଆର ଉତ୍ସ

୧୨.୩.୧.୨ ଇତିହାଦ

୧୨.୩.୧.୩ ନିର୍ଣ୍ଣୟ ଭେଦ (ଅଃକମ)

୧୨.୩.୧.୪ ସରିଆର ଲକ୍ଷ୍ୟ ଓ ଜନସ୍ୱାର୍ଥ

୧୨.୪ ଆଇନର ଶାଖା

୧୨.୫ ଆଇନ ସମ୍ପ୍ରଦାୟ

୧୨.୬ ସାରାଂଶ

୧୨.୭ ସୂଚକ ଶବ୍ଦାବଳୀ

୧୨.୮ ପ୍ରଗତି ପରିମାପକ ଉତ୍ତର

୧୨.୯ ପରବର୍ତ୍ତୀ ପଠନ


## ୧୨.୦ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ସରିଆର ଐତିହାସିକ ଉଦ୍ଭବ ଓ ଏହାର ଉତ୍ସ ସମୂହ
- ସରିଆର ବିବିଧ ସିଦ୍ଧାନ୍ତ
- ସରିଆର ବ୍ୟୁତ୍ପାଦନ ପାଇଁ ବିବିଧ ବିଧି ସମ୍ପ୍ରଦାୟ ଦ୍ୱାରା ବିକଶିତ ପଦ୍ଧତି

## ୧୨.୧ ଉପକ୍ରମ

ସାମଗ୍ରିକ ଭାବେ ଜଣେ ପୈଗମ୍ବରଙ୍କ ଧର୍ମକୁ ନାମିତ କରିବା ପାଇଁ ମଧ୍ୟପ୍ରାଚ୍ୟର ଆରବ ଭାଷୀ ଜନତାଙ୍କ ଦ୍ୱାରା *ସରିଆ* ଶବ୍ଦଟି ବ୍ୟବହୃତ ହୁଏ । ଦୃଷ୍ଟାନ୍ତ ସ୍ୱରୂପ *ସରିଆତ୍ ମୁସର* ଅର୍ଥ ମୋଜେସଙ୍କ ଧର୍ମ ବା ଆଇନ ଏବଂ *ସରିଆତ୍-ଉନା*ର ଅର୍ଥ ଯେ କୌଣସି ଏକେଶ୍ୱରବାଦୀ ବିଶ୍ୱାସ ପରିପ୍ରେକ୍ଷୀରେ 'ଆମ ଧର୍ମ' । ଇସଲାମୀୟ ସମ୍ଭାଷଣରେ ସରିଆ ମୁସଲମାନମାନଙ୍କ ଜୀବନର ଅନୁଶାସନ ସଂକ୍ରାନ୍ତ ଧାର୍ମିକ ନିୟମନକୁ ବୁଝାଏ । ଅନେକ ମୁସଲମାନଙ୍କ ପାଇଁ ଶବ୍ଦଟିର ସରଳ ଅର୍ଥ 'ନ୍ୟାୟ' ଏବଂ ନ୍ୟାୟ ଓ ସମାଜ କଲ୍ୟାଣକାରୀ ଯେ କୌଣସି ଆଇନକୁ ସେମାନେ *ସରିଆ*ର ଅନୁକୂଳତା ଦୃଷ୍ଟିରୁ ବିଚାର କରନ୍ତି ।

ଧାର୍ମିକ, ବୈଧାନିକ ଓ ରାଜନୀତିକ ସମ୍ଭାଷଣରେ *ସରିଆ* ଶବ୍ଦଦ୍ୱାରା ପ୍ରକଟିତ ତାତ୍ପର୍ଯ୍ୟର ଚାରୋଟି ଭେଦ ଜାଁ ମିଖିଏଲ ଅଟ୍ଟୋ ପ୍ରଦର୍ଶନ କରିଛନ୍ତି:

> ***ଦିବ୍ୟ ଅମୂର୍ତ୍ତ ସରିଆ:*** *ମାନବ ସମାଜ ପାଇଁ ଭଗବଦ୍ ଯୋଜନା ଏବଂ ଇସଲାମୀୟ ସମୁଦାୟର ପଥ ପ୍ରଦର୍ଶନ ପାଇଁ ଉଦ୍ଦିଷ୍ଟ ଆଚରଣଗତ ମାନଦଣ୍ଡ । ଭିନ୍ନ ଭିନ୍ନ ଦୃଷ୍ଟିକୋଣରେ ମୁସଲମାନ ସରିଆର ଅମୂର୍ତ୍ତ ବୋଧ ପ୍ରତି ସମ୍ମାନ ନେଇ ସହମତ ହୁଅନ୍ତି; କିନ୍ତୁ ଶବ୍ଦଟିର ପ୍ରାୟୋଗିକ ତାତ୍ପର୍ଯ୍ୟ କିଭଳି ବୁଝିଲେ ସେ ନେଇ ସେମାନଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି ।*

> ***କ୍ଲାସିକଲ ବା ଶାସ୍ତ୍ରୀୟ ସରିଆ:*** *ଇସଲାମର ପ୍ରଥମ କେତୋଟି ଶତାବ୍ଦୀରେ ବିଧିବେତ୍ତାଙ୍କ ଦ୍ୱାରା ସବିସ୍ତାର ସଂପାଦିତ ନିୟମ ଓ ସିଦ୍ଧାନ୍ତ ସମୂହ ।*

> ***ଐତିହାସିକ ସରିଆ:*** *ବ୍ୟକ୍ତିଗତ ବିଶ୍ୱାସରୁ ରାଷ୍ଟ୍ରୀୟ ବିଧାନ ପର୍ଯ୍ୟନ୍ତ ସମଗ୍ର ଇସଲାମୀୟ ଇତିହାସରେ ବିକଶିତ ଏବଂ ଆଦର୍ଶଗତ ବର୍ଣ୍ଣପଟରେ ବିବିଧତା ଭରା ନିୟମ ଓ ବ୍ୟାଖ୍ୟା ସମୂହ । ଏ ପ୍ରକାରାନ୍ତରଗୁଡ଼ିକ ବହୁଳାଂଶରେ ଏକ ଉଲ୍ଲେଖ ବିନ୍ଦୁ ରୂପେ କ୍ଲାସିକଲ ସରିଆର*

*ଉପଯୋଗ କରିଛନ୍ତି । କିନ୍ତୁ ସେଗୁଡ଼ିକରେ ସ୍ଥାନ ଓ ସମୟର ପ୍ରଭାବ ମଧ୍ୟ ପ୍ରତିଫଳିତ ହୋଇଛି ।*

***ସମକାଳୀନ ସରିଆ:*** *ସାମ୍ପ୍ରତିକ କାଳରେ ବିକଶିତ ଓ ଅନୁଶୀଳିତ ନିୟମ ଓ ବ୍ୟାଖ୍ୟା ସମୂହର ପୂର୍ଣ୍ଣ ବର୍ଣ୍ଣପଟ ।*

ଆରବୀ ଶବ୍ଦ *ସରିଅ*ାର ଅର୍ଥର ପ୍ରାଥମିକ ବ୍ୟାପ୍ତି ଧର୍ମ ଓ ଧାର୍ମିକ ବିଧାନ ସହ ସମ୍ବନ୍ଧ । ଧାର୍ମିକ ସଂଯୋଜନ ବିନା *ସରିଆ* ଶବ୍ଦଟିର ଉପଯୋଗ ନେଇ ଦୁଇଟି ପ୍ରଧାନ କ୍ଷେତ୍ର ସମ୍ବନ୍ଧରେ ସୂଚନା ଆଭିଧାନିକ ପରମ୍ପରାରୁ ପ୍ରାପ୍ତ ହୁଏ । ଚାରଣ ବା ଯାଯାବର ପରିପାର୍ଶ୍ୱ ଆହ୍ୱାନକାରୀ କୃତିଗୁଡ଼ିକରେ *ସରିଆ* ଓ ଏଥିରୁ ବ୍ୟୁତ୍ପନ୍ନ ଶବ୍ଦ ସମୂହ ଏକ ସ୍ଥାୟୀ ଜଳ ବିବର ଅଥବା ସମୁଦ୍ର ଉପକୂଳରେ ପଶୁ ବିଶେଷତଃ ସେଠାକୁ ଆସୁଥିବା ପଶୁମାନଙ୍କୁ ଜଳପାନ କରାଇବାକୁ ବୁଝାଏ । ବ୍ୟବହାରର ଅପର କ୍ଷେତ୍ରଟି ‘ବିସ୍ତୃତ’ ଅଥବା ‘ଦୀର୍ଘ’ ଅଭିପ୍ରାୟ ସହ ସମ୍ବନ୍ଧିତ । ଅର୍ଥର ଏ ବ୍ୟାପ୍ତି ହିବ୍ରୁ ‘ସାରା’ର ସଗୋତ୍ର ଏବଂ ସମ୍ଭବତଃ ‘ମାର୍ଗ’ ବା ‘ପଥ’ ଅର୍ଥର ମୂଳ । ଏ ଉଭୟ କ୍ଷେତ୍ର ଧାର୍ମିକ ଅର୍ଥକୁ ରୂପ ଦାନ କରିଥିବା ଦାବି କରାଯାଏ ।

କେତେକ ବିଦ୍ୱାନ *ସରିଅ*ାକୁ ହିବ୍ରୁ *ହଲାଖା*-ଗମନ ମାର୍ଗ- ଅନୁରୂପ ‘ଅନୁସରଣଯୋଗ୍ୟ ମାର୍ଗ’ ଅଥବା ‘ଜଳ ବିବରକୁ ମାର୍ଗ’ ଅର୍ଥ ପ୍ରକାଶକାରୀ ପ୍ରାଚୀନ ଆରବୀ ଶବ୍ଦ ବୋଲି ବର୍ଣ୍ଣନା କରିଛନ୍ତି । ଏକ ଶୁଷ୍କ ମରୁ ପରିବେଶରେ ଜଳର ମହତ୍ୱରୁ ଶବ୍ଦଟି ଭଗବଦ୍ ନିର୍ଦ୍ଦେଶିତ ଜୀବନ ମାର୍ଗର ରୂପକ ଭାବେ ପରିଗୃହୀତ ହୋଇଥିବା ସେମାନେ ଯୁକ୍ତି କରନ୍ତି ।

‘ମାର୍ଗ’ ବା ‘ପଥ’ ଅର୍ଥାତ୍ମକ *ସରିଆ* ଓ ଏହାର ସଗୋତ୍ର *ସିରା* କୁରାନରେ ଥରେ ଲେଖାଏଁ ବ୍ୟବହୃତ ହୋଇଛି । ମଧ୍ୟଯୁଗରେ ଆରବୀଭାଷୀ ଇହୁଦୀମାନେ ଏବଂ ୧୦ମ ଶତାବ୍ଦୀରେ ସାଦ୍ୟ ଗାଓଁ କରିଥିବା ତୋରାର ଆରବୀ ଅନୁବାଦରେ ତୋରା ଶବ୍ଦର ସର୍ବାଧିକ ସାଧାରଣ ଅନୁବାଦ ଭାବେ *ସରିଆ* ଶବ୍ଦର ପ୍ରଶସ୍ତ ଉପଯୋଗ କରିଛନ୍ତି । ଶବ୍ଦଟିର ଅନୁରୂପ ଉପଯୋଗ ଖ୍ରୀଷ୍ଟୀୟ ଲେଖକମାନେ ମଧ୍ୟ କରିଛନ୍ତି ।

ମୁସଲମାନୀ ସାହିତ୍ୟରେ ଜଣେ ବିଦ୍ୱାନଙ୍କ ବ୍ୟାଖ୍ୟାକୁ ବୁଝାଉଥିବା *ଫିକ* ଶବ୍ଦର ବିପରୀତରେ ଈଶ୍ୱର ଅଥବା ଜଣେ ପୈଗମ୍ବରଙ୍କ ବିଧି କିମ୍ବା ବାର୍ତ୍ତାକୁ *ସରିଆ* ରୂପେ ନାମିତ କରାଯାଇଛି ।

୧୯ଶ ଶତାବ୍ଦୀର ପରବର୍ତ୍ତୀ ଓ ୨୦ଶ ଶତାବ୍ଦୀର ଆଦ୍ୟ ଭାଗରେ ରଚିତ ପ୍ରାଚୀନତର ଇଂରାଜୀ ଭାଷାର ବିଧି ସମ୍ବନ୍ଧିତ କୃତି ସମୂହରେ ସରିଆ ପାଇଁ *ସେରି* ଶବ୍ଦ ପ୍ରୟୋଗ କରାଯାଇଛି । ଫରାସୀ ପ୍ରକାରାନ୍ତର *ଚେରି* ସହ ଏହା ଅଟୋମାନ ସାମ୍ରାଜ୍ୟ କାଳରେ ବ୍ୟବହୃତ ହେଉଥିଲା ଏବଂ ଏ ଉଭୟ ଶବ୍ଦର ମୂଳ ତୁର୍କ *ସେର'*(ଇ) ।

## ୧୨.୨ ଐତିହାସିକ ଉଦ୍ଭବ

ପାରମ୍ପରିକ ମୁସଲମାନୀ ଦୃଷ୍ଟିରେ *ସରିଆର* ପ୍ରମୁଖ ଧର୍ମାଦେଶ ସମୂହ 'ଐତିହାସିକ ବିକାଶ' ବିନା ପ୍ରତ୍ୟକ୍ଷ ଭାବେ ଇସଲାମର ପୈଗମ୍ବର ମହମ୍ମଦଙ୍କ ଠାରୁ ପ୍ରାପ୍ତ ହୋଇଛି ଏବଂ ଇସଲାମୀୟ ବିଧିଶାସ୍ତ୍ର *(ଫିକ)* ମଧ୍ୟ ମହମ୍ମଦଙ୍କ ଜୀବନକାଳ ବେଳର । ଏ ଦୃଷ୍ଟିରେ ସାଥୀ ଓ ଅନୁଗାମୀମାନେ ତାଙ୍କ କର୍ମ ତଥା ନମୁନା *(ସୁନ୍ନା)* ଭାବେ ସେ ଯାହା ଅନୁମୋଦନ କରିଥିଲେ ସେ ସବୁକୁ ଗ୍ରହଣ କଲେ ଏବଂ ଏ ସୂଚନା ପରବର୍ତ୍ତୀ ପୀଢ଼ିମାନଙ୍କୁ *ହଦିଥ* ରୂପେ ସଞ୍ଚରିତ କଲେ । ଏ ବିବରଣ ସମୂହ ପ୍ରଥମେ ଅନୌପଚାରିକ ଆଲୋଚନା ଏବଂ ପରେ ବ୍ୟବସ୍ଥିତ ବୈଧାନିକ ଚିନ୍ତନର ସୂତ୍ରପାତ କଲା । ଅଷ୍ଟମ ଓ ନବମ ଶତାବ୍ଦୀରେ ଅବୁ ହନିଫା, ମଲିକ ଇବ୍ନ ଅନାସ, ଅଲ-ସଫି ଓ ଅହମଦ ଇବ୍ନ ହମ୍ବାଲଙ୍କ ଭଳି ପରମ ବିଧିବେତ୍ତାଙ୍କ ଦ୍ୱାରା ଏସବୁ ସଫଳତମ ଭାବେ ବ୍ୟକ୍ତ ହେଲା । ଏମାନେ ଥିଲେ ଯଥାକ୍ରମେ ସୁନ୍ନି ବିଧିଶାସ୍ତ୍ରର ହନାଫି, ମଲିକି, ସଫି ଓ ହମ୍ବାଲି ବୈଧାନିକ ସମ୍ପ୍ରଦାୟ(*ମଦହବ*)ର ପ୍ରତିଷ୍ଠାତା ।

ଆଧୁନିକ ଐତିହାସିକମାନେ *ଫିକ* ନିର୍ମାଣର ବିକଳ୍ପ ସିଦ୍ଧାନ୍ତ ଉପସ୍ଥାପନ କରିଛନ୍ତି । ପ୍ରଥମେ ପାଶ୍ଚାତ୍ୟ ବିଦ୍ୱାନମାନେ ପାରମ୍ପରିକ ବିବରଣର ସାଧାରଣ ରୂପରେଖାକୁ ଗ୍ରହଣ କରିଥିଲେ । ୧୯ଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଇଗ୍ନାକ ଗୋଲଡଜିହର ଏକ ପ୍ରଭାବଶାଳୀ ସଂଶୋଧନବାଦୀ ପରିକଳ୍ପନା ଉପସ୍ଥାପନ କଲେ । ୨୦ଶ ଶତାବ୍ଦୀର ମଧ୍ୟଭାଗରେ ଜୋସେଫ ଶ୍ଚାଖଟ ଏଥିରେ ବିସ୍ତାର ଘଟାଇଲେ । ଶ୍ଚାଖଟ ଓ

ଅପର ବିଦ୍ୱାନମାନଙ୍କ ଯୁକ୍ତିରେ ମରୁବାସୀ ଆରବମାନେ ଅତ୍ୟଧିକ ଜନବହୁଳ କୃଷି ଓ ସହରୀ ସମାଜ ଉପରେ ବିଜୟ ହାସଲ କଲେ । ସେଠାରେ ପ୍ରଚଳିତ ଆଇନ ଓ ବୈଧାନିକ ଆବଶ୍ୟକତା ସମ୍ବନ୍ଧରେ ବିଜେତାମାନେ ଥିଲେ ଅଜ୍ଞ । ବୈଧାନିକ ମାନଦଣ୍ଡ ନିରୂପଣ ପାଇଁ ମୁସଲମାନମାନଙ୍କ ପ୍ରାରମ୍ଭିକ ପ୍ରୟାସ କୁରାନ ଓ ମହମ୍ମଦଙ୍କ *ହଦିଥ*କୁ ଆଇନର କେବଳ ଗୋଟିଏ ଉତ୍ସ ରୂପେ ବିବେଚନା କରିଥିଲା । ଏହା ସହ ବିଧିବେତ୍ତାଙ୍କ ବ୍ୟକ୍ତିଗତ ମତାମତ, ବିଜିତ ଜନତାଙ୍କ ବୈଧାନିକ ଚଳଣି ଏବଂ ଖଲିଫାମାନଙ୍କ ନିର୍ଣ୍ଣୟ ଓ ନିଷ୍ପତ୍ତି ମଧ୍ୟ ଥିଲା ବୈଧ ଉତ୍ସ ।

ଏ ସିଦ୍ଧାନ୍ତ ଅନୁସାରେ *ହଦିଥ* ବିଦ୍ୱାନମାନଙ୍କ ଜାଲିଆତି ନିର୍ମୂଳନ ପ୍ରୟାସ ସତ୍ତ୍ୱେ ଅଧିକାଂଶ *ହଦିଥ*ର ଉଦ୍ଭବ ମହମ୍ମଦଙ୍କ ସହ ନୁହେ ବାସ୍ତବରେ ପରବର୍ତ୍ତୀ କାଳରେ ହୋଇଥିଲା । ବୈଧାନିକ ମାନଦଣ୍ଡର ଔପଚାରିକ ଅଧିଷ୍ଠାନ ନିଶ୍ଚିତ ରୂପେ ଧର୍ମଶାସ୍ତ୍ରୀୟ ଉତ୍ସରେ ନିହିତ ଥିବା ଉଚିତ ବୋଲି ଗୃହୀତ ହେବାରୁ *ହଦିଥ* ସହାୟତାରେ ବିଧିଶାସ୍ତ୍ରର ନିୟମ ପ୍ରସ୍ତାବକମାନେ ଏହାର ସଞ୍ଚରଣ ଶୃଙ୍ଖଳକୁ ମହମ୍ମଦଙ୍କ ସାଥୀମାନଙ୍କ ପର୍ଯ୍ୟନ୍ତ ପଛକୁ ଲମ୍ବାଇ ଦେଲେ । ତାଙ୍କ ମତରେ ଇସଲାମୀୟ ବିଧିଶାସ୍ତ୍ରର ବାସ୍ତବ ନିର୍ମାତା ଅଲ-ସଫି (ଖ୍ରୀ.୮୨୦/ହିଜରାବ୍ଦ ୨୦୪) । ସେ ହିଁ ତାଙ୍କ କୃତି ଅଲ-ରିସାଲାରେ 'ବୈଧାନିକ ମାନଦଣ୍ଡର ଔପଚାରିକ ଅଧିଷ୍ଠାନ ନିଶ୍ଚିତ ରୂପେ ଧର୍ମଶାସ୍ତ୍ରୀୟ ଉତ୍ସରେ ନିହିତ ଥିବା ଉଚିତ' ଭାବଧାରା ଏବଂ ଶାସ୍ତ୍ରୀୟ ବୈଧାନିକ ସିଦ୍ଧାନ୍ତର ଅପର ଉପାଦାନଗୁଡ଼ିକର ଗଠନକର୍ତ୍ତା । କିନ୍ତୁ ତାଙ୍କ ପୂର୍ବରୁ ମହମ୍ମଦଙ୍କ *ହଦିଥ*ର ପ୍ରାଧାନ୍ୟକୁ ଆଧାର ନ କରି ଇସଲାମୀୟ ଆଇନର ଏକ ପିଣ୍ଡ ରହିଥିଲା ।

*ହଦିଥ*ର ଉଦ୍ଭବ ବିଦ୍ୱାନମାନଙ୍କ ମଧ୍ୟରେ ଏକ ବିବାଦୀୟ ବିଷୟ ରୂପେ ରହି ଆସିଥିଲେ ମଧ୍ୟ ଗୋଲଡଜିହର ଓ ସ୍କାଖଟଙ୍କ ଏ ସିଦ୍ଧାନ୍ତକୁ ନେଇ ଅନେକ ଆପତ୍ତି ଉଠିଲା । ସେଇଥି ପାଇଁ ଆଧୁନିକ ଐତିହାସିକମାନେ ଏକ ଅଧିକ ସତର୍କ, ମଧ୍ୟମ ମାର୍ଗ ଅବଲମ୍ବନ କରନ୍ତି । ଇସଲାମର ଧାର୍ମିକ ଓ ନୈତିକ ଉପଦେଶ ଦ୍ୱାରା ରୂପ ପରିଗ୍ରହ କରିଥିବା ପ୍ରାଶାସନିକ ଓ ଜନପ୍ରିୟ ଚଳଣିର ସମ୍ମିଶ୍ରଣରୁ ଆଦ୍ୟ ଇସଲାମୀୟ ବିଧିଶାସ୍ତ୍ର ବିକଶିତ ହୋଇଥିବା ସାଧାରଣତଃ ଗ୍ରହଣ କରାଯାଏ । ପ୍ରାରମ୍ଭିକ ବିଜୟ ପରେ ମୁସଲମାନୀ ଶାସନାଧୀନ ହୋଇଥିବା ଭୂମିର ବିଭିନ୍ନ ପ୍ରାକ୍-ଇସଲାମୀୟ ଆଇନ ଓ ଚଳଣିର କେତେକ ଦିଗର ନିରନ୍ତରତାକୁ ଏହା ଗ୍ରହଣ କରିଥିଲା ଏବଂ ଇସଲାମୀୟ ଆଚରଣର ମାନଦଣ୍ଡ

ପ୍ରତିଷ୍ଠା ପାଇଁ ବ୍ୟାବହାରିକ ଆବଶ୍ୟକତା ପୂରଣ ତଥା ଆଦ୍ୟ ମୁସଲମାନ ସମୁଦାୟରେ ଉଠିଥିବା ବିବାଦର ଫଇସଲା ନିମିତ୍ତ ଅନ୍ୟ ଦିଗଗୁଡ଼ିକୁ ସଂଶୋଧନ କରିଥିଲା । ସମୟ କ୍ରମେ ଅଧ୍ୟୟନ ମଣ୍ଡଳରେ ବିଧିଶାସ୍ତ୍ରୀୟ ଚିନ୍ତନ ବିକଶିତ ହେଲା । ଏଠାରେ ଜଣେ ସ୍ଥାନୀୟ ଗୁରୁଙ୍କ ଠାରୁ ଶିକ୍ଷା ଲାଭ ପାଇଁ ସ୍ୱାଧୀନ ବିଦ୍ୱାନମାନେ ଏକାଠି ହେଉଥିଲେ ଏବଂ ଧାର୍ମିକ ପ୍ରସଙ୍ଗ ଆଲୋଚିତ ହେଉଥିଲା । ପ୍ରଥମେ ଏଗୁଡ଼ିକର ସଦସ୍ୟତା ଥିଲା ଅସ୍ଥିର । କିନ୍ତୁ କାଳକ୍ରମେ ପଦ୍ଧତିଗତ ନୀତି ସମୁଚ୍ଚୟକୁ କେନ୍ଦ୍ର କରି ବିଶେଷ ଆଞ୍ଚଳିକ ବୈଧାନିକ ସମ୍ପ୍ରଦାୟ ଦାନା ବାନ୍ଧିଲା । ସମ୍ପ୍ରଦାୟଗୁଡ଼ିକର ସ୍ପଷ୍ଟ ସୀମାଙ୍କନ ଯୋଗୁଁ ସେମାନଙ୍କ ସୈଦ୍ଧାନ୍ତିକ ମତବାଦର ପ୍ରାଧିକାର ପୂର୍ବ କାଳର ଜଣେ ପରମ ବିଧିବେତ୍ତାଙ୍କ ଠାରେ ନ୍ୟସ୍ତ ହେଲା । ସେ ଏଣିକି ସମ୍ପ୍ରଦାୟର ପ୍ରତିଷ୍ଠାତା ରୂପେ ଚିହ୍ନିତ ହେଲେ । ଇସଲାମର ପ୍ରଥମ ତିନି ଶତାବ୍ଦୀ ମଧ୍ୟରେ ସମସ୍ତ ବୈଧାନିକ ସମ୍ପ୍ରଦାୟ ଶାସ୍ତ୍ରୀୟ ବୈଧାନିକ ସିଦ୍ଧାନ୍ତର ସ୍ଥୁଳ ରୂପରେଖାକୁ ଗ୍ରହଣ କଲେ । ଏହା ଅନୁଯାୟୀ ଇସଲାମୀୟ ଆଇନର ମୂଳକୁ ଦୃଢ଼ ଭାବେ କୁରାନ ଓ *ହଦିଥ*ରେ ଅବଶ୍ୟ ସ୍ଥାପନ କରିବାକୁ ହେଲା ।

## ୧୨.୩ ପାରମ୍ପରିକ ବିଧିଶାସ୍ତ୍ର *(ଫିକ)*

ପାରମ୍ପରିକ ଭାବେ *ଫିକ* ଦୁଇଟି କ୍ଷେତ୍ରରେ ବିଭକ୍ତ: *ଉସୁଲ ଅଲ-ଫିକ* (ଫିକର ମୂଳ) ଓ *ଫୁରୁ-ଅଲ-ଫିକ* (ଫିକର ଡାଳ) । ପ୍ରଥମଟି ବିଧିଶାସ୍ତ୍ରର ତାତ୍ତ୍ୱିକ ସିଦ୍ଧାନ୍ତ ସମୂହର ଅଧ୍ୟୟନ ଏବଂ ଦ୍ୱିତୀୟଟି ଏ ସିଦ୍ଧାନ୍ତ ଭିତ୍ତିରେ ନିର୍ଣ୍ଣୟର ବିସ୍ତାର ପ୍ରତି ସମର୍ପିତ ।

### ୧୨.୩.୧ ବିଧିଶାସ୍ତ୍ରର ସିଦ୍ଧାନ୍ତ *(ଉସୁଲ ଅଲ-ଫିକ)*

ଶାସ୍ତ୍ରୀୟ ବିଧିବେତ୍ତାଙ୍କ ମତରେ ମାନବୀୟ ପ୍ରଜ୍ଞା ଭଗବଦ୍ ଦାନ ଏବଂ ଏହାର ପୂର୍ଣ୍ଣତମ ସାମର୍ଥ୍ୟକୁ ବିନିଯୋଗ କରାଯିବା ଉଚିତ । ତେବେ ଠିକ ଓ ଭୁଲର ପାର୍ଥକ୍ୟ ବାରିବାକୁ କେବଳ ମାନବୀୟ ପ୍ରଜ୍ଞା ଯଥେଷ୍ଟ ନୁହେ ଏବଂ ବିବେକପୂର୍ଣ୍ଣ ଯୁକ୍ତି କୁରାନରେ ପ୍ରକଟିତ ତଥା ମହମ୍ମଦଙ୍କ *ସୁନ୍ନା* ମାଧ୍ୟମରେ ପ୍ରାପ୍ତ ଲୋକୋତ୍ତର ଜ୍ଞାନରୁ ଅନ୍ତର୍ବସ୍ତୁ ସଂଗ୍ରହ କରିବାକୁ ବାଧ୍ୟ ବୋଲି ସେମାନେ ବିଶ୍ୱାସ କରନ୍ତି ।

ଇସଲାମୀୟ ବିଧିଶାସ୍ତ୍ରର ପାରମ୍ପରିକ ସିଦ୍ଧାନ୍ତ ଭାଷାତତ୍ତ୍ୱ ଓ ବାକ୍‌ଚାତୁର୍ଯ୍ୟ ଦୃଷ୍ଟିରୁ ଧର୍ମଶାସ୍ତ୍ରର ବ୍ୟାଖ୍ୟା କିପରି କରାଯିବା ଉଚିତ ତାହା ବିସ୍ତାର ପୂର୍ବକ ଦର୍ଶାଏ । *ହଦିଥ*ର ପ୍ରାମାଣିକତା ପ୍ରତିଷ୍ଠା ଏବଂ ଧର୍ମଶାସ୍ତ୍ରୀୟ ଉକ୍ତିର ବୈଧାନିକ ପ୍ରଭାବ ପରବର୍ତ୍ତୀ କାଳରେ ପ୍ରକଟିତ ଏକ ଉକ୍ତି ଦ୍ୱାରା କେତେବେଳେ ନିରାକୃତ ହୋଇଛି ତାହା ନିରୂପଣ କରିବାର ପଦ୍ଧତି ସମୂହ ମଧ୍ୟ ଏଥିରେ ନିହିତ । ସୁନ୍ନି *ଫିକ*ର ଶାସ୍ତ୍ରୀୟ ସିଦ୍ଧାନ୍ତ କୁରାନ ଓ *ସୁନ୍ନା* ଅତିରିକ୍ତ ଆଇନର ଆଉ ଦୁଇଟି ଉତ୍ସ *ଇଜମା* ଓ *କିୟାସ*କୁ ମଧ୍ୟ ସ୍ୱୀକୃତି ଦିଏ । ଏ ମଧ୍ୟରୁ ପ୍ରଥମଟି ବିଧିଶାସ୍ତ୍ରୀୟ ମତୈକ୍ୟ ଏବଂ ଅପରଟି ସାଦୃଶ୍ୟାତ୍ମକ ବିବେକ । ଅତଏବ ଏହା ଅପର ପଦ୍ଧତିଗତ ନୀତି ସହ ସାଦୃଶ୍ୟର ପ୍ରୟୋଗ ଓ ସୀମିତତା ଏବଂ ମତୈକ୍ୟର ମୂଲ୍ୟ ଓ ସୀମା ସମ୍ବନ୍ଧରେ ମଧ୍ୟ ଅଧ୍ୟୟନ କରେ । ଏ ମଧ୍ୟରୁ କେତୋଟି କେବଳ ନିର୍ଦ୍ଦିଷ୍ଟ ବୈଧାନିକ ସମ୍ପ୍ରଦାୟ ଦ୍ୱାରା ସ୍ୱୀକୃତ ହୋଇଛି । ଏ ବ୍ୟାଖ୍ୟାତ୍ମକ ଉପକରଣ ସମୂହକୁ *ଇଜତିହାଦ* ଶୀର୍ଷକ ଅଧୀନରେ ଏକାଠି କରାଯାଇଛି । ଏହା ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନ ଉପରେ ଗୋଟିଏ ନିର୍ଣ୍ଣୟରେ ପହଞ୍ଚିବା ପ୍ରୟାସରେ ଜଣେ ବିଧିବେତ୍ତା କରୁଥିବା ଉଦ୍ୟୋଗକୁ ବୁଝାଏ । *କିୟାସ* ପରିବର୍ତ୍ତେ *ଅକ୍ଲ* ବା ତର୍କର ସ୍ୱୀକୃତି ଏବଂ ଇମାମ ପରମ୍ପରାର ଅନ୍ତର୍ଭୁକ୍ତୀକରଣରେ *ସୁନ୍ନା* ବୋଧର ସମ୍ପ୍ରସାରଣ ଭଳି କେତେକ ପାର୍ଥକ୍ୟକୁ ଛାଡ଼ିଦେଲେ ଦ୍ୱାଦଶର ସିଆ ବିଧିଶାସ୍ତ୍ରର ସିଦ୍ଧାନ୍ତ ସୁନ୍ନି ସମ୍ପ୍ରଦାୟମାନଙ୍କର ସମାନ୍ତର ।

### ୧୨.୩.୧.୧ ସରିଆର ଉତ୍ସ

***କୁରାନ:*** ଇସଲାମରେ କୁରାନ ଆଇନର ପରମ ପବିତ୍ର ଉତ୍ସ ରୂପେ ବିବେଚିତ ହୁଏ । ପ୍ରତ୍ୟେକ ପୀଢ଼ିରେ ଅନେକ ଲୋକଙ୍କୁ ଉତ୍ତରାଧିକାରୀ ସୂତ୍ରରେ ପ୍ରଦତ୍ତ ହୋଇଥିଲେ ମଧ୍ୟ ଶାସ୍ତ୍ରୀୟ ବିଧିବେତ୍ତାଙ୍କ ଦୃଷ୍ଟିରେ ଏହାର ଅଖଣ୍ଡତା ସନ୍ଦେହର ଊର୍ଦ୍ଧ୍ୱରେ । ଏହା *ତୱାତୁର* (ପୁନରାବୃତ୍ତି/ସଂଗାମୀ ସଞ୍ଚରଣ) ରୂପେ ବିଦିତ । କୁରାନର କେବଳ କେତେ ଶହ ଆୟତର ବୈଧାନିକ ପ୍ରାସଙ୍ଗିକତା ରହିଛି । ସେଗୁଡ଼ିକ ଉତ୍ତରାଧିକାର ଭଳି କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ସଂକେନ୍ଦ୍ରିତ । ତେବେ ଅପର ଆୟତ ସମୂହ ସାଧାରଣ ସିଦ୍ଧାନ୍ତଗୁଡ଼ିକର ଉତ୍ସ ରୂପେ ବ୍ୟବହୃତ ହୁଏ । ସେସବୁର ବୈଧାନିକ ଜଟିଳତା ଅପର ମାଧ୍ୟମ ଦ୍ୱାରା ପରିଷ୍କୃତ ହୁଏ ।

***ହଦିଥ:*** ଏହା ପ୍ରାୟୋଗିକ ଓ ସବିସ୍ତୃତ ବୈଧାନିକ ମାର୍ଗଦର୍ଶନ ପ୍ରଦାନ କରେ । କିନ୍ତୁ ପ୍ରାରମ୍ଭରେ ଏହାର ସାମଗ୍ରିକ ପ୍ରାମାଣିକତାକୁ ସ୍ୱୀକୃତି ଦିଆଯାଇ ନ ଥିଲା । ଆଦି ଇସଲାମୀୟ ବିଦ୍ୱାନମାନେ ସଞ୍ଚରଣ ଶୃଙ୍ଖଳର ତାଲିକାଭୁକ୍ତ ବ୍ୟକ୍ତିବିଶେଷଙ୍କ ବିଶ୍ୱସନୀୟତା ଆକଳନ ଦ୍ୱାରା ସେମାନଙ୍କ ପ୍ରାମାଣିକତାର ମୂଲ୍ୟାୟନ ପାଇଁ ଏକ ପଦ୍ଧତି ବିକଶିତ କଲେ । ଏଇ ମାନଦଣ୍ଡଗୁଡ଼ିକ ପୈଗମ୍ବରୀ ପରମ୍ପରାର ବିଶାଳ ସମୂହକୁ ଅନେକ ଧର୍ମବୈଧାନିକ ସଙ୍କଳନରେ ସଂଗୃହୀତ କେତେ ହଜାର 'ଅକ୍ଷତ' *ହଦିଥ*ରେ ସୀମାବଦ୍ଧ କରିଦେଲା । ସଂଗାମୀ ଭାବେ ସଞ୍ଚରିତ *ହଦିଥ*ଗୁଡ଼ିକର ପ୍ରଶ୍ନାତୀତ ପ୍ରାମାଣିକତାକୁ ମାନି ନିଆଗଲା । ତେବେ ବିଶାଳ ସଂଖ୍ୟାଗରିଷ୍ଠତାର ହଦିଥ କେବଳ ଜଣେ ଅଥବା ସ୍ୱଳ୍ପ ସଂଖ୍ୟକ ସଞ୍ଚରଣକର୍ତ୍ତାଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । ତେଣୁ ଏଥିରୁ ପ୍ରାପ୍ତ ଜ୍ଞାନକୁ କେବଳ ସମ୍ଭାବିତ ରୂପେ ଦେଖାଗଲା । କେତେକ *ହଦିଥ* ଓ କୁରାନୀୟ ଉକ୍ତିର ଭାଷାଗତ ସନ୍ଦିଗ୍ଧତା ଅନିଶ୍ଚିତତାକୁ ବହୁଗୁଣିତ କଲା । ଆପେକ୍ଷିକ ଉତ୍କର୍ଷ ଏହଂ ଗ୍ରନ୍ଥଗତ ଉତ୍ସଗୁଡ଼ିକର ବ୍ୟାଖ୍ୟା ଉପରେ ଅସହମତି ବୈଧାନିକ ବିଦ୍ୱାନମାନଙ୍କୁ ବିକଳ୍ପ ନିର୍ଣ୍ଣୟ ପ୍ରସ୍ତୁତ କରିବା ପାଇଁ ଯଥେଷ୍ଟ ଗଳାବାଟ ପ୍ରଦାନ କଲା ।

*ମତୈକ୍ୟ* ବା ***ଇଜମା:*** ଏହା ସମ୍ଭାବ୍ୟ ସାକ୍ଷ୍ୟ ଆଧାରରେ ପ୍ରସ୍ତୁତ ଏକ ନିର୍ଣ୍ଣୟକୁ ପରମ ସତ୍ୟ ସ୍ତରକୁ ଉନ୍ନୀତ କରିପାରେ । ଏ ଶାସ୍ତ୍ରୀୟ ସିଦ୍ଧାନ୍ତର ପ୍ରାଧିକାରର ଉତ୍ସ 'ଇସଲାମୀୟ ସମୁଦାୟ ଏକ ଭ୍ରାନ୍ତି ଉପରେ କେବେ ମଧ ସହମତ ହୋଇ ପାରିବ ନାହିଁ' କହୁଥିବା କେତେକ *ହଦିଥ* । ମତୈକ୍ୟର ଏ ସ୍ୱରୂପକୁ ସମୁଦାୟର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ଏକ ନିର୍ଦ୍ଦିଷ୍ଟ ପୀଢ଼ିର ସମସ୍ତ ସୁଯୋଗ୍ୟ ବିଧିବେତ୍ତାଙ୍କ ସହମତି ରୂପେ ପ୍ରବିଧିଗତ ଭାବେ ସଂଜ୍ଞାୟିତ କରାଯାଏ । ତେବେ ଏଭଳି ସହମତି ହାସଲ ଓ ଅଭିନିଶ୍ଚିତ କରିବାର ପ୍ରାୟୋଗିକ ଦୁଷ୍କରତାର ଅର୍ଥ ହେଉଛି ବୈଧାନିକ ବିକାଶରେ ଏହାର ପ୍ରଭାବର ସ୍ୱଳ୍ପତା । ସହମତିର ଏକ ଅଧିକ ବ୍ୟାବହାରିକ ସ୍ୱରୂପ ଥିଲା ପ୍ରମୁଖ ବିଧିବେତ୍ତାଙ୍କ କୃତିକୁ ଧ୍ୟାନରେ ରଖି ନିରୂପଣ କରିବା । ଏହା ଫଳରେ ନିର୍ଣ୍ଣୟ ଦୃଢ଼ ହେଉଥିଲା ଏବଂ ଅଧିକ ଆଲୋଚନା ପାଇଁ ପୁଣି ଉନ୍ମୁକ୍ତ ହେବାର ସମ୍ଭାବନା ଲୋପ ପାଉଥିଲା । ମତୈକ୍ୟ ଥିବା ମକଦ୍ଦମାର ସଂଖ୍ୟା ଥିଲା ଶାସ୍ତ୍ରୀୟ ବିଧିଶାସ୍ତ୍ରର କାୟାର ଏକ ପ୍ରତିଶତରୁ ମଧ କମ୍ ।

ସାଦୃଶ୍ୟାତ୍ମକ ବିବେକ ବା ***କିୟାସ:*** ଧର୍ମଶାସ୍ତ୍ର ଆଧାରରେ ନିଆଯାଇ ଥିବା ଏକ ନିର୍ଣ୍ଣୟର ସାଦୃଶ୍ୟରେ ଧର୍ମଶାସ୍ତ୍ରରେ ବର୍ଣ୍ଣିତ ନ ଥିବା ପରିସ୍ଥିତି ପରିପ୍ରେକ୍ଷୀରେ ନିର୍ଣ୍ଣୟ ଉତ୍ପନ୍ନ କରିବା ପାଇଁ କିୟାସର ଉପଯୋଗ କରାଯାଏ । ଏହାର ଏକ ଶାସ୍ତ୍ରୀୟ ଦୃଷ୍ଟାନ୍ତ ହେଉଛି ସମସ୍ତ ମାଦକ ଦ୍ରବ୍ୟ ପାଇଁ କୁରାନରେ ବର୍ଣ୍ଣିତ ମଦ୍ୟ ପାନ ନିଷେଧର ସମ୍ପ୍ରସାରଣ । ଏହାର ଆଧାର ଦେଉଛି ଏ ସମସ୍ତ ପରିସ୍ଥିତିରେ କାରଣ ବା *ଇଲ୍ଲ*ର ସମାନତା ଯାହା ଏ କ୍ଷେତ୍ରରେ ମାଦକ ରୂପେ ଚିହ୍ନିତ । ଏକ ନିର୍ଣ୍ଣୟର କାରଣ ସ୍ପଷ୍ଟ ହୋଇ ନ ପାରିଲେ ଏହାର ଚୟନ ବିବାଦ ଓ ବିସ୍ତୃତ ତର୍କ ସୃଷ୍ଟି କରେ । ସେଇଥି ପାଇଁ ଦ୍ୱଲଓ୍ୱର ସିଆ ବିଧିଶାସ୍ତ୍ର *କିୟାସ*ର ଉପଯୋଗକୁ ସ୍ୱୀକୃତି ନ ଦେଇ ଏହା ସ୍ଥାନରେ *ଅକ୍ଲ* ବା ତର୍କ ଉପରେ ଭରସା ରଖେ ।

### *୧୨.୩.୧.୨ ଇତିହାଦ*

ଶାସ୍ତ୍ରୀୟ ପ୍ରକ୍ରିୟା *ଇତିହାଦ* ସାଧାରଣ ଭାବେ ସ୍ୱୀକୃତ ଏ ସିଦ୍ଧାନ୍ତଗୁଡ଼ିକ ସହ ସମସ୍ତ ବୈଧାନିକ ସମ୍ପ୍ରଦାୟ ସ୍ୱୀକାର କରୁ ନ ଥିବା *ଇସ୍ତିସାନ*(ବିଧିଶାସ୍ତ୍ରୀୟ ଅଧିମାନ), *ଇସ୍ତିସ୍ଲ*(ଜନସ୍ୱାର୍ଥର ମହତ୍ୱ) ଓ *ଇସ୍ତିସାବ*(ନିରବଚ୍ଛିନ୍ନତାର ସମ୍ଭାବନା) ଆଦି ଅପର ପଦ୍ଧତିର ମିଶ୍ରଣ ଘଟାଏ । *ଇତିହାଦ* ଅନୁଶୀଳନ କରିବାକୁ ଯୋଗ୍ୟ ବିଧିବେତ୍ତାଙ୍କୁ *ମୁତାହିଦ* କୁହାଯାଏ । ଏକ ନିର୍ଣ୍ଣୟରେ ପହଞ୍ଚିବାକୁ ସ୍ୱାଧୀନ ବିବେକର ପ୍ରୟୋଗ ଅନୁକରଣ ବା *ତକ୍ଲିଦ*ର ବିପରୀତ । *ତକ୍ଲିଦ* କହିଲେ *ମୁତାହିଦ*ଙ୍କ ନିର୍ଣ୍ଣୟର ଅନୁସରଣକୁ ବୁଝାଏ । ୧୦ମ ଶତାବ୍ଦୀର ପ୍ରାରମ୍ଭ ବେଳକୁ ସୁନ୍ନି ବିଧିଶାସ୍ତ୍ରର ବିକାଶ ପ୍ରମୁଖ ବୈଧାନିକ ପ୍ରଶ୍ନଗୁଡ଼ିକର ସମାଧାନ ହୋଇସାରିଛି ବୋଲି ଘୋଷଣା କରିବାକୁ ନେତୃସ୍ଥାନୀୟ ବିଧିବେତ୍ତାଙ୍କୁ ପ୍ରୋତ୍ସାହିତ କଲା ଏବଂ *ଇତିହାଦ*ର ପରିସରକୁ କ୍ରମେ ସଙ୍କୁଚିତ କରିଦିଆଗଲା । ୧୮ଶ ଶତାବ୍ଦୀରୁ ଅଗ୍ରଣୀ ମୁସଲମାନ ସଂସ୍କାରକମାନେ *ତକ୍ଲିଦ*ର ପରିହାର ଏବଂ *ଇତିହାଦ* ଉପରେ ଗୁରୁତ୍ୱ ଆରୋପଣର ନବୀକରଣ ପାଇଁ ଆହ୍ୱାନ ଦେଲେ । ସେମାନଙ୍କ ଦୃଷ୍ଟିରେ ଏହା ଥିଲା ଆଦ୍ୟ ଇସଲାମୀୟ ବିଧିଶାସ୍ତ୍ରର ପ୍ରାଣଶକ୍ତିକୁ ପ୍ରତ୍ୟାବର୍ତ୍ତନ ।

### *୧୨.୩.୧.୩ ନିର୍ଣ୍ଣୟ ଭେଦ (ଅହକମ)*

*ଫିକ* ଉଭୟ ନୈତିକ ମାନଦଣ୍ଡ ଓ ବୈଧାନିକ ପ୍ରତିମାନ ସହ ସମ୍ବନ୍ଧ । ଏହା କେବଳ ବୈଧାନିକ ନୁହେ ସଦାଚାର ଦୃଷ୍ଟିରୁ ମଧ୍ୟ କ'ଣ ଠିକ କ'ଣ ଭୁଲ ପ୍ରତିଷ୍ଠା କରିବାକୁ ପ୍ରୟାସ କରେ । ସରିଆ

ନିର୍ଣ୍ଣୟ ସମୂହ 'ପଞ୍ଚ ନିଷ୍ପତ୍ତି' (ଅଲ-ଅଃକମ ଅଲ-ଖମସା) ରୂପେ ବିଦିତ ପାଞ୍ଚୋଟି ବର୍ଗରୁ ଗୋଟିକର ଅନ୍ତର୍ଭୁକ୍ତ । ପାଞ୍ଚୋଟି ବର୍ଗ ହେଉଛି ଅନିବାର୍ଯ୍ୟ *(ଫର୍ଜ* ବା *ୱାଜିବ)*, ସ୍ୱୀକାର୍ଯ୍ୟ (*ମନ୍ଦୁବ* ବା *ମୁସ୍ତାଃବ୍‌ବ*), ନିରପେକ୍ଷ (*ମୁବାଃ*), ନିନ୍ଦନୀୟ (*ମକ୍ରୁହ*) ଓ ନିଷିଦ୍ଧ (*ହରାମ*) । ନିଷିଦ୍ଧ କର୍ମ କରିବା ଅଥବା ଅନିବାର୍ଯ୍ୟ କର୍ମ ନ କରିବା ଏକ ପାପ ବା ଅପରାଧ । ନିନ୍ଦନୀୟ କର୍ମ ଏଡ଼େଇଯିବା ଉଚିତ; ସେସବୁ କିନ୍ତୁ ଅଦାଲତ ଦ୍ୱାରା ଦଣ୍ଡନୀୟ କି ପାପପୂର୍ଣ୍ଣ ବିବେଚିତ ହୁଏ ନାହିଁ । ନିନ୍ଦନୀୟ କର୍ମ ବର୍ଜନ ଓ ସ୍ୱୀକାର୍ଯ୍ୟ କର୍ମ କରଣ ମରଣୋତ୍ତର ପୁଣ୍ୟର ବିଷୟ ରୂପେ ଗଣ୍ୟ ହୁଏ । ନିରପେକ୍ଷ କର୍ମର ବିଚାର ଈଶ୍ୱର କରନ୍ତି ନାହିଁ । *ହଲାଲ*ରେ ପ୍ରଥମ ତିନି ଅଥବା ଚାରି ବର୍ଗ ଅନ୍ତର୍ଭୁକ୍ତ ସେ ନେଇ ବିଧିବେତ୍ତାଙ୍କ ମଧ୍ୟରେ ଅସହମତି ରହିଛି । ବୈଧାନିକ ଓ ନୈତିକ ରାୟ କର୍ମ କରିବାର ଆବଶ୍ୟକତା (*ଦରୁରା*) ଏବଂ ଅନ୍ତର୍ନିହିତ ଉଦ୍ଦେଶ୍ୟ (*ନିୟ୍ୟା*) ଉପରେ ନିର୍ଭରଶୀଳ । ଏହା ବୈଧାନିକ ସୂକ୍ତି 'ଉଦ୍ଦେଶ୍ୟାନୁରୂପ କର୍ମ(ର ମୂଲ୍ୟାୟନ)'ରେ ପ୍ରକାଶିତ ।

### ୧୨.୩.୧.୪ ସରିଆର ଲକ୍ଷ୍ୟ ଓ ଜନସ୍ୱାର୍ଥ

ଆଧୁନିକ କାଳରେ ଉତ୍ତରୋତ୍ତର ପ୍ରମୁଖ ଭୂମିକା ନିର୍ବାହ କରୁଥିବା *ସରିଆ* ସହ ସମ୍ବନ୍ଧ ଦୁଇଟି ଶାସ୍ତ୍ରୀୟ ସିଦ୍ଧାନ୍ତ ହେଉଛି *ମକସିଦ* (ଲକ୍ଷ୍ୟ ବା ଉଦ୍ଦେଶ୍ୟ) ଓ *ମସଲାଃ* (କଲ୍ୟାଣ ବା ଜନସ୍ୱାର୍ଥ) । ଏଗୁଡ଼ିକ ପ୍ରଥମ ଥର ପାଇଁ ଖ୍ରୀ.୧୧୧୧ରେ ଅଲ-ଘଜାଲିଙ୍କ ଦ୍ୱାରା ସ୍ପଷ୍ଟ ବ୍ୟକ୍ତ ହୋଇଥିଲା । ଦୈବ ବିଧାନ ପ୍ରକଟନରେ ଈଶ୍ୱରଙ୍କ ସାଧାରଣ ଉଦ୍ଦେଶ୍ୟ *ମସଲାଃ* ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ମାନବ କଲ୍ୟାଣର ପଞ୍ଚ ଅପରିହାର୍ଯ୍ୟ-ଧର୍ମ, ଜୀବନ, ବୁଦ୍ଧି, ସନ୍ତାନ ଓ ସମ୍ପଦ-ର ସଂରକ୍ଷଣ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ । ଶାସ୍ତ୍ରୀୟ ଯୁଗର ଅଧିକାଂଶ ବିଧିବେତ୍ତା *ମସଲା* ଓ *ମକସିଦ*କୁ ମହତ୍ୱପୂର୍ଣ୍ଣ ବୈଧାନିକ ସିଦ୍ଧାନ୍ତ ରୂପେ ସ୍ୱୀକୃତି ଦେଇଥିଲେ ହେଁ ଇସଲାମୀୟ ଆଇନରେ ଏ ଦୁଇଟିର ଭୂମିକା ନେଇ ସେମାନଙ୍କ ଦୃଷ୍ଟିଭଙ୍ଗୀରେ ପାର୍ଥକ୍ୟ ରହିଛି । କେତେକ ବିଧିବେତ୍ତାଙ୍କ ଦୃଷ୍ଟିରେ ଏ ଦୁଇଟି ଧର୍ମଶାସ୍ତ୍ରୀୟ ଉତ୍ସ ଓ ସାଦୃଶ୍ୟମୂଳକ ବିବେକ ଦ୍ୱାରା ବାଧିତ ପୂରକ ଉପପତ୍ତି । ଅନ୍ୟମାନେ ଏଗୁଡ଼ିକୁ ଧର୍ମଶାସ୍ତ୍ରୀୟ ଉକ୍ତି ଆଧାରିତ ବିଶେଷ ନିଷ୍କର୍ଷର ଅଧିରୋହଣକାରୀ ଆଇନର ଏକ ସ୍ୱାଧୀନ ଉତ୍ସ ରୂପେ ବିବେଚନା କରନ୍ତି । ସଂଖ୍ୟାଲଘୁ ଶାସ୍ତ୍ରୀୟ ବିଧିବେତ୍ତା ଥିଲେ ଏ ଦୃଷ୍ଟିଭଙ୍ଗୀର ସମର୍ଥକ । କିନ୍ତୁ ଆଧୁନିକ କାଳରେ ପ୍ରମୁଖ ବିଦ୍ୱାନମାନେ ବିବିଧ ସ୍ୱରୂପରେ ଏହାର ଉତ୍ସାହୀ ପକ୍ଷ ସମର୍ଥନ କରିଛନ୍ତି । ଏମାନେ ପାରମ୍ପରିକ ବିଧିଶାସ୍ତ୍ରର ବୌଦ୍ଧିକ ଉତ୍ତରାଧିକାରରୁ ଆହରଣ କରି ପରିବର୍ତ୍ତିତ ସାମାଜିକ

ପରିସ୍ଥିତିରେ ଇସଲାମୀୟ ଆଇନର ଅନୁକୂଳତା ଅନ୍ୱେଷଣ କରନ୍ତି । ଏ ବିଦ୍ୱାନମାନେ ସଂସ୍କାର ଓ ମହିଳା ଅଧିକାର (ରସିଦ ରିଦା), ନ୍ୟାୟ ଓ ସ୍ୱାଧୀନତା (ମହମ୍ମଦ ଅଲ-ଘଜାଲି) ଏବଂ ମାନବୀୟ ଗରିମା ଓ ଅଧିକାର (ୟୁସୁଫ ଅଲ-କରାଦୱି) ଭଳି *ସରିଅର* ଲକ୍ଷ୍ୟ ସମୂହର ଅନ୍ତର୍ଭୁକ୍ତୀକରଣରେ *ମକସିଦ*ର ବସ୍ତୁସୂଚୀକୁ ସମ୍ପ୍ରସାରିତ କରିଛନ୍ତି ।

## ୧୨.୪ ଆଇନର ଶାଖା

*ଫିକର* ଡାଳ ବା *ଫୁରୁ-ଅଲ-ଫିକର* କ୍ଷେତ୍ର ପାରମ୍ପରିକ ଭାବେ *ଇବାଦତ* (ଉପାସନା କର୍ମ ବା ରୀତି) ଓ *ମୁଆମଲତ* (ସାମାଜିକ ସମ୍ବନ୍ଧ) ରୂପେ ବିଭକ୍ତ । ଅନେକ ବିଧିବେତ୍ତା ଏହା ଅତିରିକ୍ତ ମୂଳଭୂତ ବିଧାଶାସ୍ତ୍ର ସମୂହକୁ ରୀତି, ବିକ୍ରୟ, ବିବାହ ଓ ଅଭିଘାତ ଏଭଳି 'ଚତୁଃ ଆବାସ'ରେ ବିଭକ୍ତ କରନ୍ତି । ଏ ମଧ୍ୟରୁ ପ୍ରତ୍ୟେକ ପରିଭାଷା ଲାକ୍ଷଣିକ ରୂପେ ବିବିଧ ବିଷୟର ବୋଧକ । ଦୃଷ୍ଟାନ୍ତ ସ୍ୱରୂପ ଅଂଶିଦାରୀ, ପ୍ରତ୍ୟାଭୂତି, ଉପହାର ଓ ଉତ୍ତରଦାନ ସମେତ ଅପର ଅନେକ ବିଷୟ ବିକ୍ରୟ ଆବାସରେ ସମ୍ମିଳିତ । ବିଧିଶାସ୍ତ୍ରୀୟ କୃତିସବୁ ଏଭଳି କ୍ଷୁଦ୍ର ବିଷୟଗୁଡ଼ିକର ଏକ ଅନୁକ୍ରମ ରୂପେ ବିନ୍ୟସ୍ତ ହୋଇଥିଲା । ପ୍ରତ୍ୟେକକୁ ଗୋଟିଏ 'ପୁସ୍ତକ' (*କିତାବ*) କୁହାଯାଉ ଥିଲା । ଚିରକାଳ କୃତିର ପ୍ରାରମ୍ଭରେ ସ୍ଥାନ ପ୍ରାପ୍ତିରୁ ରୀତି ଆଲୋଚନାର ସ୍ୱତନ୍ତ୍ର ମହତ୍ୱ ଲକ୍ଷ୍ୟ କରିହୁଏ ।

କେତେକ ଐତିହାସିକ ଇସଲାମୀୟ ଫୌଜଦାରୀ ଆଇନ ନାମରେ ଏକ କ୍ଷେତ୍ର ଭେଦ ପ୍ରଦର୍ଶନ କରିଛନ୍ତି । ଏହା ଅନେକ ପାରମ୍ପରିକ ସଂବର୍ଗର ସମ୍ମିଶ୍ରଣ । ଧର୍ମଶାସ୍ତ୍ରରେ ଦଣ୍ଡ ନିର୍ଦ୍ଧାରିତ ହୋଇଥିବା ଅନେକ ଅପରାଧ *ହୁଦୁଦ* ରୂପେ ବିଦିତ । ବିଧିବେତ୍ତାଙ୍କ ବିକଶିତ ଅନେକ କଟକଣା ଯୋଗୁଁ ବହୁ କ୍ଷେତ୍ରରେ ସେଗୁଡ଼ିକର ପ୍ରୟୋଗ ବସ୍ତୁତଃ ଅସମ୍ଭବରେ ପରିଣତ ହୋଇଛି । ଉଦ୍ଦେଶ୍ୟମୂଳକ ଶାରୀରିକ ହାନି ସଂଶ୍ଳିଷ୍ଟ ଅପର ଅପରାଧଗୁଡ଼ିକର ବିଚାର ଯେସାକୁ ତେସା*(lextalionis)*ର ଏକ ସଂସ୍କରଣ ଅନୁଯାୟୀ କରାଯାଏ । ଏଥିରେ ଅପରାଧ (*କିସାସ*) ଅନୁରୂପ ଶାସ୍ତି ନିର୍ଦ୍ଧାରିତ ହୁଏ । ତେବେ ପୀଡ଼ିତ ଅଥବା ତାଙ୍କ ଉତ୍ତରାଧିକାରୀ ଚାହିଁଲେ ଆର୍ଥିକ କ୍ଷତିପୂରଣ (*ଦିୟା*) ସ୍ୱୀକାର କିମ୍ବା ଉତ୍ପୀଡ଼ନକାରୀକୁ କ୍ଷମା ପ୍ରଦାନ କରି ପାରନ୍ତି । *ଦିୟା* କେବଳ ଉଦ୍ଦେଶ୍ୟହୀନ ଅପରାଧ କ୍ଷେତ୍ରରେ

ଲାଗୁ ହୁଏ । ଅନ୍ୟ ଫୌଜଦାରୀ ଅପରାଧ *ତଜିର* ସଂବର୍ଗର ଅନ୍ତର୍ଭୁକ୍ତ । ଏଥିରେ ଦଣ୍ଡର ଉଦ୍ଦେଶ୍ୟ ଅପରାଧୀର ସଂଶୋଧନ ଅଥବା ଥଇଥାନ ଏବଂ ଏହାର ସ୍ୱରୂପ ପ୍ରଧାନତଃ ବିଚାରପତିଙ୍କ ବିବେକ ଉପରେ ନିର୍ଭରଶୀଳ । ବାସ୍ତବ କ୍ଷେତ୍ରରେ ଇସଲାମୀୟ ଇତିହାସର ଆଦ୍ୟ କାଳରୁ ସାଧାରଣତଃ ଶାସକ-ପ୍ରଶାସିତ ଅଦାଲତରେ ଅଥବା ସ୍ଥାନୀୟ ଆରକ୍ଷୀଙ୍କ ଦ୍ୱାରା *ସରିଆ* ସହ କେବଳ ଶିଥିଳ ରୂପେ ସଂପୃକ୍ତ ପଦ୍ଧତି ପ୍ରୟୋଗ ପୂର୍ବକ ଫୌଜଦାରୀ ମକଦ୍ଦମାର ବିଚାର କରାଯାଇ ଆସୁଛି ।

*ଫିକ୍ରୁ* ସାହିତ୍ୟର ଦୁଇଟି ପ୍ରଧାନ ଭେଦ *ମୁଖତସର* (ଆଇନର ସଂକ୍ଷିପ୍ତ ସାର) ଓ *ମବସୁତ* (ବିସ୍ତୃତ ବ୍ୟାଖ୍ୟା) । *ମୁଖତସର* କ୍ଷୁଦ୍ର ବିଶେଷୀକୃତ ଆଲେଖ ଅଥବା ସାଧାରଣ ବିହଙ୍ଗାବଲୋକନ ଏବଂ ଶ୍ରେଣୀଗୃହ କିମ୍ବା ବିଚାରପତିଙ୍କ ବିମର୍ଶ ନିମିତ୍ତ ଉଦ୍ଦିଷ୍ଟ । *ମବସୁତ* ସାଧାରଣତଃ ଏକ *ମୁଖତସର* ଉପରେ ବିସ୍ତୃତ ବ୍ୟାଖ୍ୟା । ଏହା ବହୁ ଡଜନ ସଂଖ୍ୟକ ବିଶାଳ ଭାଗରେ ପରିବ୍ୟାପ୍ତ ହୋଇପାରେ । ଅନେକ ସମୟରେ ପ୍ରଚୁର ସଂଖ୍ୟକ ମକଦ୍ଦମା ଓ ବୈଚାରିକ ବିଶେଷତ୍ୱର ଯଥାର୍ଥତା ପ୍ରତିପାଦନ ସହ ଏଥିରେ ବିକଳ୍ପ ନିର୍ଣ୍ଣୟମାନ ଲିପିବଦ୍ଧ ହୋଇଥାଏ । ବିଧିଶାସ୍ତ୍ରୀୟ ସାହିତ୍ୟର ନିରୁକ୍ତ ଥିଲା ରକ୍ଷଣଶୀଳ । ଏହାର ପ୍ରବୃତ୍ତି ଥିଲା ବ୍ୟାବହାରିକ ପ୍ରାସଙ୍ଗିକତା ହରାଇଥିବା ବୋଧଗୁଡ଼ିକର ସଂରକ୍ଷଣ । ସମକାଳରେ ସଂକ୍ଷେପଣ ଓ ବ୍ୟାଖ୍ୟା ଚକ୍ରରେ ପ୍ରତ୍ୟେକ ପୀଢ଼ିର ବିଧିବେତ୍ତାଙ୍କ ପାଇଁ ପରିବର୍ତ୍ତିତ ସାମାଜିକ ସ୍ଥିତିର ସମ୍ମୁଖୀନ ହେବା ଭଳି ସଂଶୋଧିତ ଆଇନ ସମୂହ ବ୍ୟକ୍ତ କରିବା ଅନୁମୋଦିତ ଥିଲା । ବିଧିଶାସ୍ତ୍ରୀୟ ସାହିତ୍ୟର ଅପର ଭେଦ ମଧ୍ୟରେ *କୱାଇଦ* (ସାଧାରଣ ସିଦ୍ଧାନ୍ତ ସମୂହ ମନେରଖିବା ପାଇଁ ଶିକ୍ଷାର୍ଥୀଙ୍କ ସହାୟତା ନିମିତ୍ତ ଉଦ୍ଦିଷ୍ଟ ଲଘୁ ସୂତ୍ର) ଓ ନିର୍ଦ୍ଦିଷ୍ଟ ବିଦ୍ୱାନଙ୍କ *ଫତୱା* ସଂଗ୍ରହ ଅନ୍ତର୍ଭୁକ୍ତ । ଶାସ୍ତ୍ରୀୟ ବିଧିଶାସ୍ତ୍ର 'ଇସଲାମର ଅନ୍ୟତମ ପ୍ରମୁଖ ବୌଦ୍ଧିକ ସାଫଲ୍ୟ' ରୂପେ ବର୍ଣ୍ଣିତ ହୋଇଛି । ଇସଲାମରେ ଏହାର ମହତ୍ୱକୁ ଖ୍ରୀଷ୍ଟଧର୍ମର ଧର୍ମତତ୍ତ୍ୱ ସହ ତୁଳନା କରାଯାଇଛି ।

## ୧୨.୫ ଆଇନର ସମ୍ପ୍ରଦାୟ

ପ୍ରଧାନ ସୁନ୍ନି ଆଇନ ସମ୍ପ୍ରଦାୟ (*ମଦହବ*) ହେଉଛି ହନାଫି, ମଲିକି, ସଫି ଓ ହମ୍ବାଲି । ନବମ ଓ ଦଶମ ଶତାବ୍ଦୀରେ ଏ ସବୁର ଅଭ୍ୟୁଦୟ ଘଟିଥିଲା ଏବଂ ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ପ୍ରାୟ ସମସ୍ତ

ବିଧିବେତ୍ତା ଏକ ନିର୍ଦ୍ଦିଷ୍ଟ *ମଦହବ* ସହ ନିଜକୁ ପଙ୍କ୍ତିବଦ୍ଧ କରିସାରି ଥିଲେ । ଏ ଚାରି ସମ୍ପ୍ରଦାୟ ପରସ୍ପରର ମାନ୍ୟତାକୁ ସ୍ୱୀକାର କରନ୍ତି ଏବଂ ସେମାନେ ଶତାବ୍ଦୀ ଶତାବ୍ଦୀ ଧରି ବୈଧାନିକ ବିତର୍କରେ ପରସ୍ପରକୁ ପ୍ରଭାବିତ କରିଆସିଛନ୍ତି । ଏ ସମ୍ପ୍ରଦାୟଗୁଡ଼ିକର ନିର୍ଣ୍ଣୟ ସମୂହକୁ ଅନନ୍ୟ ଆଞ୍ଚଳିକ ପ୍ରତିବନ୍ଧକ ବିନା ସମଗ୍ର ମୁସଲମାନ ଜଗତ ଅନୁସରଣ କରିଛି । କିନ୍ତୁ ସେମାନେ ପ୍ରତ୍ୟେକେ ବିଶ୍ୱର ଭିନ୍ନ ଭିନ୍ନ ଅଂଶରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ଉତ୍ତର ଓ ପଶ୍ଚିମ ଆଫ୍ରିକାରେ ମଲିକି; ଦକ୍ଷିଣ ଓ କେନ୍ଦ୍ର ଏସିଆରେ ହନାଫି; ନିମ୍ନ ଇଜିପ୍ଟ, ପୂର୍ବ ଆଫ୍ରିକା ଓ ଦକ୍ଷିଣପୂର୍ବ ଏସିଆରେ ସଫି ଏବଂ ଉତ୍ତର ଓ କେନ୍ଦ୍ର ଆରବରେ ହମ୍ବାଲି ସମ୍ପ୍ରଦାୟର ପ୍ରାଧାନ୍ୟ ରହିଛି । ଇସଲାମର ପ୍ରଥମ ଶତାବ୍ଦୀଗୁଡ଼ିକରେ ବହୁ ସଂଖ୍ୟକ ସ୍ୱଳ୍ପଜୀବୀ *ସୁନ୍ନିମଦହବ*ର ମଧ୍ୟ ଅସ୍ତିତ୍ୱ ରହିଥିଲା । ସାଧାରଣତଃ ବିଲୁପ୍ତ ରୂପେ ଚିହ୍ନିତ ଜହିରି ସମ୍ପ୍ରଦାୟ ବୈଧାନିକ ଚିନ୍ତନ ଉପରେ ନିରନ୍ତର ପ୍ରଭାବ ବିସ୍ତାର କରିଆସିଛି । ଧର୍ମତାତ୍ତ୍ୱିକ ପାର୍ଥକ୍ୟ ସହ *ସିଆ* ବୈଧାନିକ ସମ୍ପ୍ରଦାୟଗୁଡ଼ିକ ବିକଶିତ ହୋଇଛି । ଦ୍ୱଲଓ୍ୱର, ଜୈଦି ଓ ଇସମାଇଲି *ମଦହବ*ର ଗଠନ ଏହାର ହିଁ ପରିଣାମ । ସୁନ୍ନି ବୈଧାନିକ ସମ୍ପ୍ରଦାୟଗୁଡ଼ିକ ଠାରୁ ଏସବୁର ପାର୍ଥକ୍ୟର ମାତ୍ରା ସୁନ୍ନି ସମ୍ପ୍ରଦାୟମାନଙ୍କର ନିଜ ନିଜ ମଧ୍ୟରେ ରହିଥିବା ପାର୍ଥକ୍ୟର ଅନୁରୂପ । ସୁନ୍ନି ଓ ସିଆ*ମଦହବ*ଗୁଡ଼ିକ ଠାରୁ ଭିନ୍ନ *ଇବାଦି* ବୈଧାନିକ ସମ୍ପ୍ରଦାୟର ଆଧିପତ୍ୟ ଓମାନରେ ରହିଛି ।

*ମଦହବ* ବ୍ୟବସ୍ଥା ପାଇଁ ଆଧୁନିକ କାଳରେ ଇସଲାମୀୟ ବୈଧାନିକ ଅନୁଷ୍ଠାନଗୁଡ଼ିକର ରୂପାନ୍ତରଣର ତାତ୍ପର୍ଯ୍ୟ ଖୁବ୍ ଗମ୍ଭୀର । ମୁସଲମାନୀ ଜଗତରେ ବୈଧାନିକ କାର୍ଯ୍ୟପ୍ରଣାଳୀ ପ୍ରାୟତଃ ସରକାରୀ ନୀତି ଓ ରାଷ୍ଟ୍ରୀୟ ଆଇନର ନିୟନ୍ତ୍ରଣରେ ରହିଛି । ଅତଏବ ବ୍ୟକ୍ତିଗତ ରୀତିନୀତି ବାହାରେ *ମଦହବ*ର ପ୍ରଭାବ ରାଷ୍ଟ୍ରୀୟ ବୈଧାନିକ ବ୍ୟବସ୍ଥା ମଧ୍ୟରେ ସେମାନଙ୍କୁ ପ୍ରଦତ୍ତ ପ୍ରତିଷ୍ଠା ଉପରେ ନିର୍ଭରଶୀଳ । ରାଷ୍ଟ୍ରୀୟ ଆଇନର ସଂହିତାକରଣରେ ସାଧାରଣତଃ *ତଖାୟ୍ୟୁର* (ନିର୍ଦ୍ଦିଷ୍ଟ *ମଦହବ*ର କଟକଣା ବିନା ନିର୍ଣ୍ଣୟ ଚୟନ) ଓ *ତଲଫିକ* (ସମାନ ପ୍ରଶ୍ନ ଉପରେ ବିଭିନ୍ନ ନିର୍ଣ୍ଣୟର ଅଂଶଗୁଡ଼ିକର ସମ୍ମିଶ୍ରଣ) ପଦ୍ଧତିର ଉପଯୋଗ କରାଯାଇଛି । ଆଧୁନିକ ଆଇନ ବିଦ୍ୟାଳୟଗୁଡ଼ିକରେ ତାଲିମପ୍ରାପ୍ତ ବୈଧାନିକ ପେସାଦାରମାନେ ପରିଣାମୀ ଆଇନର ବ୍ୟାଖ୍ୟାକାର ଭାବେ ବିପୁଳ ମାତ୍ରାରେ ପାରମ୍ପରିକ *ଉଲେମା*ମାନଙ୍କୁ ପ୍ରତିସ୍ଥାପିତ କରିଛନ୍ତି । ବୈଶ୍ୱିକ ଇସଲାମୀୟ ଆନ୍ଦୋଳନ ସମୂହ ଶାସ୍ତ୍ରୀୟ ବିଧିଶାସ୍ତ୍ର ପରିବର୍ତ୍ତେ ବେଳେବେଳେ ବିଭିନ୍ନ *ମଦହବ* ଏବଂ ଅପର ସମୟରେ ଧର୍ମଶାସ୍ତ୍ରୀୟ ଉତ୍ସ ଉପରେ

ବିଶେଷ ଦୃଷ୍ଟି କେନ୍ଦ୍ରୀଭୂତ କରୁଛନ୍ତି । କୁରାନ ଓ *ହଦିଥ* ପ୍ରତି କଠୋର ନିଷ୍ଠା ଯୋଗୁଁ ହମ୍ବାଲି ସମ୍ପ୍ରଦାୟ *ସଲାଫି* ଓ *ୱହାବି* ଆନ୍ଦୋଳନ ଦ୍ୱାରା ରୁଢ଼ିବାଦୀଙ୍କୁ ଧର୍ମଶାସ୍ତ୍ରର ପ୍ରତ୍ୟକ୍ଷ ବ୍ୟାଖ୍ୟା ପାଇଁ ଅନୁପ୍ରେରିତ କରିଛି । ଅପର ପକ୍ଷରେ ଇଣ୍ଡୋନେସୀୟ *ଉଲେମା*ତନ୍ତ୍ର ଏବଂ ମୁସଲମାନ ସଂଖ୍ୟାଲଘୁ ଦେଶଗୁଡ଼ିକର ଇସଲାମୀୟ ବିଦ୍ୱାନମାନେ ନିର୍ଦ୍ଦିଷ୍ଟ *ମଦହବ*ର ପରମ୍ପରା ଉପରେ ଦୃଷ୍ଟି କେନ୍ଦ୍ରୀଭୂତ ନ କରି ଇସଲାମୀୟ ଆଇନର ଉଦାର ବ୍ୟାଖ୍ୟାରେ ପ୍ରବୃତ୍ତ ଅଛନ୍ତି ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** *ସରିଆ*ର ଐତିହାସିକ ବିକାଶ ଉପରେ ଏକ ବିବରଣ ପ୍ରଦାନ କରନ୍ତୁ । ଦଶ ଧାଡ଼ିରେ ଉତ୍ତର ଲେଖନ୍ତୁ ।

........................................................................................................
........................................................................................................
........................................................................................................
........................................................................................................
........................................................................................................
........................................................................................................
........................................................................................................
........................................................................................................
........................................................................................................
........................................................................................................

**ପ୍ରଶ୍ନ ୨.** ଦଶ ଧାଡ଼ିରେ *ଫିକ*ର ସିଦ୍ଧାନ୍ତ ସମୂହ ଆଲୋଚନା କରନ୍ତୁ ।

........................................................................................................
........................................................................................................
........................................................................................................
........................................................................................................
........................................................................................................
........................................................................................................

...........................................................................................................

...........................................................................................................

...........................................................................................................

...........................................................................................................

**ପ୍ରଶ୍ନ ୩.** ବିଭିନ୍ନ ଇସଲାମୀୟ ଆଇନ ଉପରେ ପାଞ୍ଚ ଧାଡ଼ିରେ ଏକ ଟିପ୍ପଣୀ ଲେଖନ୍ତୁ ।

...........................................................................................................

...........................................................................................................

...........................................................................................................

...........................................................................................................

...........................................................................................................

## ୧୨.୬ ସାରାଂଶ

ଇସଲାମୀୟ ବିଧିଶାସ୍ତ୍ରର ପାରମ୍ପରିକ ସିଦ୍ଧାନ୍ତ *ସରିଆର* ଚାରିଟି ଉତ୍ସକୁ ସ୍ୱୀକୃତି ପ୍ରଦାନ କରେ: କୁରାନ, *ସୁନ୍ନା, କିୟାସ* ଓ *ଇଜମା* । ବିଭିନ୍ନ ବୈଧାନିକ ସମ୍ପ୍ରଦାୟ ଦ୍ୱାରା *ଇଡିହାଦ* ନାମକ ପ୍ରକ୍ରିୟାର ଉପଯୋଗରେ ଧର୍ମଶାସ୍ତ୍ରୀୟ ଉତ୍ସରୁ *ସରିଆର* ନିର୍ଣ୍ଣୟ ସମୂହ ବ୍ୟୁତ୍ପାଦନ କରିବା ପାଇଁ ପଦ୍ଧତିମାନ ବିକଶିତ ହେଲା । ପାରମ୍ପରିକ ବିଧିଶାସ୍ତ୍ର (*ଫିକ*) ଆଇନର ଦୁଇଟି ପ୍ରଧାନ ଶାଖା *ଇବାଦତ* (ରୀତି) ଓ *ମୁଆମଲତ*(ସାମାଜିକ ସମ୍ବନ୍ଧ)ର ଭେଦ ବର୍ଣ୍ଣନା କରେ । ଏ ଦୁଇଟି ବ୍ୟାପକ ବିଷୟକୁ ନେଇ ଗଠିତ । *ଫିକର* ନିର୍ଣ୍ଣୟ ସମୂହ ଉଭୟ ନୈତିକ ମାନଦଣ୍ଡ ଓ ବୈଧାନିକ ପ୍ରତିମାନ ସହ ସମ୍ବଦ୍ଧ । ନିର୍ଣ୍ଣୟ କର୍ମକୁ ପାଞ୍ଚୋଟି ସଂବର୍ଗରେ ବିଭକ୍ତ କରେ: ଅନିବାର୍ଯ୍ୟ (*ଫର୍ଜ* ବା *ୱାଜିବ*), ସ୍ୱୀକାର୍ଯ୍ୟ (*ମନ୍ଦୁବ* ବା *ମୁସ୍ତାହବ୍ବ*), ନିରପେକ୍ଷ (*ମୁବାହ*), ନିନ୍ଦନୀୟ (*ମକ୍ରୁହ*) ଓ ନିଷିଦ୍ଧ (*ହରାମ*) । ଅତଏବ *ସରିଆର* କେତେକ କ୍ଷେତ୍ର ପାଶ୍ଚାତ୍ୟ ଆଇନବୋଧ ସହ ଅତିବ୍ୟାପିତ ହୋଇଥିବା ବେଳେ ଅପର କ୍ଷେତ୍ରଗୁଡ଼ିକ ଭଗବଦ୍ ଇଚ୍ଛାନୁରୂପ ଜୀବନଧାରଣ ସହ ସମ୍ପର୍କିତ । ଶାସ୍ତ୍ରୀୟ ବିଧିଶାସ୍ତ୍ରର ବିସ୍ତାର ବ୍ୟକ୍ତିଗତ ଧାର୍ମିକ ବିଦ୍ୱାନମାନଙ୍କ ଦ୍ୱାରା ମୁଖ୍ୟତଃ ଯୋଗ୍ୟ ବିଧିବେତ୍ତା(*ମୁଫତି*)ଙ୍କ ପ୍ରଦତ୍ତ ବୈଧାନିକ ମତାମତ (*ଫତୱା*) ମାଧ୍ୟମରେ ଘଟିଛି । *ସରିଆ* ଅଦାଲତରେ ପ୍ରଧାନତଃ ଦେବାନୀ ବିବାଦ ଓ ସାମୁଦାୟିକ

ବ୍ୟାପାର ବିଚାର କରୁଥିବା ଶାସକ-ନିଯୁକ୍ତ ବିଚାରପତିମାନଙ୍କ ଦ୍ୱାରା ଏହାର ଐତିହାସିକ ପ୍ରୟୋଗ କରାଯାଇଛି । ସୁଲତାନୀ ଅଦାଲତ, ଆରକ୍ଷୀ ଓ ବଜାର ନିରୀକ୍ଷକଙ୍କ ନ୍ୟାୟ *ସରିଆ* ଦ୍ୱାରା ପ୍ରଭାବିତ ହୋଇଥିଲେ ସୁଦ୍ଧା ଏହାର ନିର୍ଣ୍ଣୟରେ ଆବଦ୍ଧ ନ ଥିଲା । ଆଭ୍ୟନ୍ତରୀଣ ବ୍ୟାପାରରେ ନିର୍ଣ୍ଣୟ ପାଇଁ ଅଣମୁସଲମାନ ସମ୍ପ୍ରଦାୟ(*ଧିମ୍ମି*)ର ବୈଧାନିକ ସ୍ୱାୟତ୍ତତା ରହିଥିଲା । ବହୁ ଶତାବ୍ଦୀ ଧରି ସୁନ୍ନି ମୁଫତିମାନେ ରାଷ୍ଟ୍ରର ଅମଲାତନ୍ତ୍ରର ଅନ୍ତର୍ଭୁକ୍ତ ହୋଇଛନ୍ତି । ମୁସଲମାନ ଶାସକମାନେ ଜାରି କରିଥିବା ବିଭିନ୍ନ ଆର୍ଥିକ, ଫୌଜଦାରୀ ଓ ପ୍ରାଶାସନିକ ଆଇନ ଦ୍ୱାରା *ଫିକ* ପରିପୁଷ୍ଟ ହୋଇଛି । ଖ୍ରୀ.୧୮୬୯-୧୮୭୬ର ଅଟୋମାନ ଦେବାନୀ ସଂହିତା ଥିଲା *ସରିଆ* ସଂହିତାକରଣର ପ୍ରଥମ ଆଂଶିକ ପ୍ରୟାସ ।

## ୧୨.୭ ସୂଚକ ଶବ୍ଦାବଳୀ

**ଫିକ:** *ସରିଆ* ଅର୍ଥାତ୍ କୁରାନ ଓ *ସୁନ୍ନା*ରେ ପ୍ରକଟିତ ଦିବ୍ୟ ଇସଲାମୀୟ ଆଇନର ମାନବୀୟ ବୋଧ ରୂପେ ବର୍ଣ୍ଣିତ ।

**ହଦିଥ:** ପୈଗମ୍ବର ମହମ୍ମଦଙ୍କ କଥନ ଓ ତାଙ୍କ ଦୈନନ୍ଦିନ ଚଳଣି ବା *ସୁନ୍ନା*ର ବିବରଣ ଥିବା ପରମ୍ପରାର ଏକ ସଂଗ୍ରହ । କୁରାନ ସଙ୍ଗକୁ ମୁସଲମାନଙ୍କ ଦିଗ୍‌ଦର୍ଶନର ଏହା ଏକ ପ୍ରଧାନ ଉତ୍ସ ।

**ହୁଦୁଦ:** ସୀମିତତା, ସୀମା ଓ ସୀମାନ୍ତ ବୋଧକ ଆରବୀ ଶବ୍ଦ ।

**ମଦହବ:** *ଫିକ* ଅନ୍ତର୍ଗତ ଏକ ଚିନ୍ତନ ସମ୍ପ୍ରଦାୟ । ଇସଲାମୀୟ ବିଧିଶାସ୍ତ୍ର ।

**ସୁନ୍ନା:** ପରମ୍ପରା ବା ମାର୍ଗ ବୋଧକ ଆରବୀ ଶବ୍ଦ ।

**ତଜିର:** ବିଚାରପତି (*କାଦି*) ଅଥବା ରାଷ୍ଟ୍ରର ଶାସକଙ୍କ ବିବେକାନୁଯାୟୀ ଅପରାଧର ଦଣ୍ଡ ।

## ୧୨.୮ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଉପବିଭାଗ ୧୨.୨ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଉପବିଭାଗ ୧୨.୩.୧ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** ଉପବିଭାଗ ୧୨.୪ ଦେଖନ୍ତୁ ।

## ୧୨.୯ ପରବର୍ତ୍ତୀ ପଠନ

Abbas, M. 2005. *Civilization in Islam*. New Delhi: Reference Press.

Holt, P.M., Lambton, A. K. S. and Lewis, B. 1977. *Cambridge History of Islam* (2 Vols). Cambridge University Press.

Durant, W. 1993. *The Story of Civilization* (vols. I & II). Fine Communications, US.

Swain, J.E. 1986. *A History of World Civilization*. New Delhi: Erasia Publishing House (P) Ltd.

Wallbank, T.W. and Bailey, N.M. 1985. *Civilization–Past and Present*. Scott Foresman /Addison-Wesley.

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
Odisha State Open University, Sambalpur
www.osou.ac.in
e-mail: info@osou.ac.in